• Vol.- 46, Issue No. 16
• Thursday, 16 April 2026
• ଗୁରୁବାର, ୧୬ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




# ହର୍ମୁଜ ଅବରୋଧ କଲା ଆମେରିକା

■ ପାକିସ୍ତାନ ସେନା ମୁଖ୍ୟ ମୁନିର ତେହେରାନରେ ■ 'ମଝି ରାସ୍ତାରେ ବିମାନ ଛାଡ଼ି ଇରାନୀ ପ୍ରତିନିଧି ଫେରିଥିଲେ ବସ୍,ଟ୍ରେନରେ'

ନୂଆଦିଲ୍ଲୀ,୧୫।୪: ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ମଙ୍ଗଳବାର କହିଥିଲେ ଯେ ୱାଶିଂଟନ ଏବଂ ତେହେରାନ ମଧ୍ୟରେ ବହୁତ ଅବିଶ୍ୱାସ ଥିଲା ଯାହାକୁ ରାତାରାତି ସମାଧାନ କରାଯାଇପାରିବ ନାହିଁ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଇରାନ ଯୁଦ୍ଧ ସମାପ୍ତ କରିବା ପାଇଁ ଆଲୋଚନା ଆଗାମୀ ଦୁଇ ଦିନ ମଧ୍ୟରେ ପାକିସ୍ତାନରେ ପୁଣି ଆରମ୍ଭ ହୋଇପାରେ। ଅପରପକ୍ଷେ ଆମେରିକା ସେନା କହିଛି ଯେ ୧୦,୦୦୦ ରୁ ଅଧିକ ସୈନିକ, ଡଜନ ଡଜନ ବିମାନ ଏବଂ ଯୁଦ୍ଧଜାହାଜ ଆମେରିକୀୟ ଅବରୋଧକୁ କାର୍ଯ୍ୟକାରୀ କରୁଛନ୍ତି। ବୁଧବାର, ଏକ ପାକିସ୍ତାନୀ ପ୍ରତିନିଧି ଦଳ ୱାଶିଂଟନରୁ ଏକ ନୂତନ ବାର୍ତ୍ତା ନେଇ ତେହେରାନରେ ପହଞ୍ଚିବା ଏବଂ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଭୂମି ପ୍ରସ୍ତୁତ କରିବା ସମୟରେ ଗତିବିଧିର ସଙ୍କେତ ମିଳିଛି।। ଏହି ପ୍ରତିନିଧିମଣ୍ଡଳୀ ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିରଙ୍କ ନେତୃତ୍ୱରେ ପରିଚାଳିତ ହେଉଛି। ଏହା କୂଟନୈତିକ ପ୍ରୟାସରେ ପାକିସ୍ତାନର ସେନାର ଦୃଢ଼ ଭୂମିକାକୁ ଆହୁରି ଦୃଢ଼ କରୁଛି। ପାକିସ୍ତାନର ଇସଲାମାବାଦରେ ଆମେରିକା ସହିତ ଯୁଦ୍ଧବିରତି ଆଲୋଚନା ବିଫଳ ହେବା ପରେ ଇରାନୀ ପ୍ରତିନିଧି ଦଳ ତେହେରାନ ଅଭିମୁଖେ ଯିବା ସମୟରେ ଜରୁରୀ ସୁରକ୍ଷା ବିପଦର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି। ଇରାନୀ ରାଜନୈତିକ ବିଶ୍ଳେଷକ ମହମ୍ମଦ ମାରାଣ୍ଡି ଲେବାନନୀ ସମ୍ବାଦ ସଂସ୍ଥା ଅଲ-ମାୟାଦିନକୁ କହିଛନ୍ତି ଯେ ଅଧିକ ସତର୍କତା ମଧ୍ୟରେ, ଇରାନୀ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏବଂ ସଂସଦୀୟ ବାଚସ୍ପତି ମହମ୍ମଦ-ବାଘେର ଗାଲିବାଫଙ୍କ ସମେତ ଏହି ଗୋଷ୍ଠୀ ସେମାନଙ୍କର ବିମାନକୁ ମଝି ରାସ୍ତାରେ ପରିବର୍ତ୍ତନ କରି ବସ୍ ଏବଂ ଟ୍ରେନ୍ ଯୋଗେ ତେହେରାନ ପହଞ୍ଚିବା ପାଇଁ ଏକ ବିକଳ୍ପ ରାସ୍ତା ଗ୍ରହଣ କରିଥିଲେ।

## କେବଳ ଆଇନ ନୁହେଁ, ମହିଳାଙ୍କ ସ୍ୱପ୍ନର ଉଡ଼ାଣ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୫।୪(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନ ଜଣାଇ ଗତ ୧୨ ବର୍ଷ ମଧ୍ୟରେ ମହିଳାଙ୍କ ବିକାଶ ପାଇଁ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଛନ୍ତି। କିନ୍ତୁ, ସବୁଠାରୁ ବୈପ୍ଲବିକ ନିଷ୍ପତ୍ତି ହେଉଛି ୨୦୨୩ ମସିହାର ନାରୀ ଶକ୍ତି ବନ୍ଦନ ଅଧିନିୟମ। ଯାହା ସ୍ୱାଧୀନୋତ୍ତର ଭାରତରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ସବୁଠାରୁ ବଡ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ବୁଧବାର ଆୟୋଜିତ ନାରୀଶକ୍ତି ବନ୍ଦନ ଟାଉନ ହଲ୍ ବୈଠକ ଅବସରରେ ଏପରି କହିଛନ୍ତି। ଭୁବନେଶ୍ୱର ରେଳ ଅଡିଟୋରିଅମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ କେବଳ ଏକ ଆଇନ୍ ନୁହେଁ, ବରଂ କୋଟି କୋଟି ମହିଳାଙ୍କ ସ୍ୱପ୍ନର ଉଡାଣ। ଏହି ଅଧିନିୟମ ଦ୍ୱାରା ଲୋକସଭା ଓ ବିଧାନସଭା ଗୁଡିକରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ଆସନ ସଂରକ୍ଷଣ ସୁନିଶ୍ଚିତ ହୋଇଛି। ଆମ ଓଡିଶାରେ ତୃଣମୂଳସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଞ୍ଚାୟତରାଜ ଅନୁଷ୍ଠାନମାନଙ୍କରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟକରି ଦକ୍ଷତା ପ୍ରମାଣିତ କରିଛନ୍ତି। ଉଦ୍ୟମ ଓ ଇଛାଶକ୍ତି ଥିଲେ ମହିଳାମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ କହିଥିଲେ ଯେ, ବିଧାନସଭା ଓ ସଂସଦରେ ମଧ୍ୟ ମହିଳା ପ୍ରତିନିଧିତ୍ୱ ସମାନ ଭାବେ ପ୍ରତିଫଳିତ ହେବା ଉଚିତ୍।

---

## ସ୍କୁଲ ଗେଟ୍ ଭୁଶୁଡ଼ି ୨ ଛାତ୍ରୀ ମୃତ

ମୋହନା,୧୫।୪: ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା ଅନ୍ତର୍ଗତ ରୁବୁଡିସିଂ ପ୍ରାଥମିକ ବିଦ୍ୟାଳୟରେ ଦୁଇ ମୃତ ଛାତ୍ରୀଙ୍କ ନିକଟ ସମ୍ପର୍କୀୟ ପାଇଁ ସହାୟତା ଘୋଷଣା କରିଛନ୍ତି । ଏହା ସହିତ ଘଟଣାର ଆରଡିସି ସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଦୁଇ ମୃତ ଛାତ୍ରୀ ତଥା ବିନିୟମ ରଇତଙ୍କ ଝିଅ ଇଦାନ୍ତି ରଇତ ଏବଂ ବିନୋଦ ରଇତଙ୍କ ଝିଅ ବେକଲସ ରଇତଙ୍କର ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି । ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ତତ୍ସହିତ ମୁଖ୍ୟମନ୍ତ୍ରୀ ଆରଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ବୁଧବାର ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଖେଳୁଥିବାବେଳେ ହଠାତ୍ ପାଚେରି ଓ ଗେଟ୍ ଭୁଶୁଡ଼ି ପଡ଼ିଥିଲା । ଭଗ୍ନାବଶେଷ ତଳେ ଦୁଇ ଜଣ ଛାତ୍ରୀ ଚାପି ହୋଇ ପ୍ରାଣ ହରାଇଥିଲେ ।


---

## ୪୮ ଘଣ୍ଟାରେ ଡକାଯାଉ ବିଧାନସଭା: ନବୀନ

ଭୁବନେଶ୍ୱର, ୧୫।୪ : ନୂଆ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଦ୍ୱାରା ଓଡ଼ିଶାର ରାଜନୈତିକ ପ୍ରଭାବ ୧୫ପ୍ରତିଶତ ହ୍ରାସ ପାଇବାର ଆଶଙ୍କା ରହିଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏ ନେଇ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ପାଇଁ ନବୀନ ଦାବି କରିଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ନବୀନ ଚିଠି ଲେଖିଛନ୍ତି। ନୂଆ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ଓଡ଼ିଶା ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଜରୁରୀ ପତ୍ର ବୁଧବାର ଲେଖିଛନ୍ତି। ନବୀନଙ୍କ କହିବା ଅନୁଯାୟୀ, କେନ୍ଦ୍ର ସରକାର ଆଣିବାକୁ ଯାଉଥିବା 'ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍, ୨୦୨୬' ଦ୍ୱାରା ଲୋକସଭା ଆସନ ସଂଖ୍ୟା ୮୫୦କୁ ବୃଦ୍ଧି ପାଇଲେ ମଧ୍ୟ ଓଡ଼ିଶାର ସାମଗ୍ରିକ ପ୍ରତିନିଧିତ୍ୱ ହ୍ରାସ ପାଇବ। ବର୍ତ୍ତମାନ ସଂସଦରେ ଓଡ଼ିଶାର ଅଂଶଧନ ୩.୯ପ୍ରତିଶତ ଥିବା ବେଳେ ଏହା ୩.୪ପ୍ରତିଶତକୁ ଖସି ଆସିବ, ଯାହାକି ରାଜ୍ୟର ରାଜନୈତିକ କ୍ଷମତାରେ ପ୍ରାୟ ୧୫ପ୍ରତିଶତ କ୍ଷତି ବୋଲି ସେ ଦର୍ଶାଇଛନ୍ତି।




# ଶିବଙ୍କ ଦୁଇ ଅବତାର ଏବେ ବି ଜୀବିତ !



**ଭଗବାନ ଶିବଙ୍କର ଏକାଦଶ ଅବତାର ସଙ୍କଟମୋଚନ ହନୁମାନ ଓ ମହାଭାରତ ଯୁଗର ଯୋଦ୍ଧା ଅଶ୍ୱତ୍ଥାମା ଆଜି ବି ଉପସ୍ଥିତି ଥିବାର ଶୁଣିବାକୁ ମିଳେ। ଭଗବାନ ହନୁମାନଙ୍କୁ ସମସ୍ତେ ପୂଜା କରନ୍ତି।**


ପୁରାଣ ଶାସ୍ତ୍ରର ବର୍ଣ୍ଣନାକୁ ଧ୍ୟାନ ଦେଲେ ଜଣାପଡେ ଯେ ପୃଥିବୀ ପୃଷ୍ଠରେ ଅଧର୍ମକୁ ନାଶ କରି ଧର୍ମ ସ୍ଥାପନା କରିବା ପାଇଁ ଭଗବାନ ଅବତାର ନେଇଥାନ୍ତି। ଭଗବାନ ବିଷ୍ଣୁ ଓ ପ୍ରଭୁ ଭୋଳାନାଥ ସଂସାରରେ ଧର୍ମ ସ୍ଥାପନା ପାଇଁ ଅନେକ ଅବତାର ନେଇଛନ୍ତି। ଏବେର ଯୁଗ ହେଉଛି କଳିଯୁଗ। ଶାସ୍ତ୍ରରେ କୁହାଯାଇଛି ଯେ କଳିଯୁଗରେ ମଧ୍ୟ ଧର୍ମ ସ୍ଥାପନା କରିବା ପାଇଁ ଭଗବାନ ବିଷ୍ଣୁ ଓ ଭୋଳାଶଙ୍କର ନିଜ ନିଜ ଅବତାର ନେବେ। ଭଗବାନ ବିଷ୍ଣୁ କଳିଯୁଗରେ କଲ୍‌କୀ ଅବତାର ନେବେ। ଏହାସହ ଭୋଳାନାଥଙ୍କର ଦୁଇଟି ଅବତାର ଆଜି ବି ଏହି ପୃଥିବୀ ପୃଷ୍ଠରେ ରହିଛି ବୋଲି ଶୁଣିବାକୁ ମିଳେ। ଭଗବାନ ଶିବଙ୍କର ଏକାଦଶ ଅବତାର ସଙ୍କଟମୋଚନ ହନୁମାନ ଓ ମହାଭାରତ ଯୁଗର ଯୋଦ୍ଧା ଅଶ୍ୱତ୍ଥମା ଆଜି ବି ଉପସ୍ଥିତି ଥିବାର ଶୁଣିବାକୁ ମିଳେ। ଭଗବାନ ହନୁମାନ ମହାପ୍ରଭୁଙ୍କୁ ସମସ୍ତେ ପୂଜା କରନ୍ତି। ତାଙ୍କ ଉପସ୍ଥିତିକୁ ଏ ଯୁଗରେ ଅନୁଭବ କରାଯାଏ। ଭକ୍ତମାନେ ବିଶ୍ୱାସର ସହିତ ପ୍ରଭୁଙ୍କୁ ଡାକିଲେ ସେ ସବୁ ସମସ୍ୟା ଦୂର କରନ୍ତି ବୋଲି ମାନ୍ୟତା ରହିଛି। କିନ୍ତୁ ଅଶ୍ୱତ୍ଥାମା ଆଜି ବି ଘନ ଜଙ୍ଗଲରେ ବୁଲୁଥିବାର ଶୁଣିବାକୁ ମିଳେ। ହନୁମାନ ବାନରରାଜ କେସରୀଙ୍କ ପତ୍ନୀ ଅଞ୍ଜନୀଙ୍କ ପୁତ୍ର। ପବନ ଦେବଙ୍କ ଆଶୀର୍ବାଦରୁ ହନୁମାନଙ୍କ ଜନ୍ମ ହୋଇଥିବାରୁ ତାଙ୍କୁ ପବନପୁତ୍ର ମଧ୍ୟ କୁହାଯାଏ। ସେହିପରି ଅଶ୍ୱତ୍ଥାମାଙ୍କ ପିତା ହେଉଛନ୍ତି ଗୁରୁ ଦ୍ରୋଣାଚାର୍ଯ୍ୟ। ଭଗବାନ ଶିବଙ୍କ କୃପାରୁ ଗୁରୁଙ୍କର ପୁତ୍ର ଜନ୍ମ ହୋଇଥିଲା। ସେତେବେଳେ ସେ ସବନ୍ତିକ ରୁଦ୍ରଙ୍କ ଅଂଶ ରୂପେ ଅଶ୍ୱତ୍ଥାମା ଜନ୍ମ ନେଇଥିଲେ। ଯେବେ ପବନପୁତ୍ର ହନୁମାନ ମାତା ସୀତାଙ୍କୁ ଖୋଜିବାକୁ ବାହାରିଲେ ସେତେବେଳେ ସେ ସମୁଦ୍ର ପାର କରି ଲଙ୍କାରେ ପହଞ୍ଚିଥିଲେ। ସେହି ସମୟରେ ସୀତା ମାତା ତାଙ୍କୁ ଅମର ହେବାର ବରଦାନ ଦେଲେ। ତେଣୁ କୁହାଯାଏ ଏମିତି ବି ଶୁଣିବାକୁ ମିଳେ ଯେ ଭଗବାନ ରାମ ହନୁମାନଙ୍କୁ କଳିଯୁଗରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ବିଶ୍ୱାସ ରହିଛି ଯେ ସଙ୍କଟମୋଚନ ଏବେ ବି ଉପସ୍ଥିତ ଅଛନ୍ତି। ପ୍ରଭୁଙ୍କ ଭକ୍ତ ମଧ ଅସଂଖ୍ୟ ଭାବେ ରହିଛନ୍ତି। କିନ୍ତୁ ଅଶ୍ୱତ୍ଥାମାଙ୍କୁ ଅଭିଶାପ ମିଳିଥିଲା। ମହାଭାରତ ଯୁଦ୍ଧ ସମୟରେ ଯେବେ କୌରବଙ୍କ ପରାଜୟ ହେବାପରେ ରାତିରେ ଶୋଇବା ସମୟରେ ପାଣ୍ଡବ ମାନଙ୍କର ୫ଟି ପୁତ୍ରଙ୍କୁ ହତ୍ୟା କରିଥିଲେ। ଏହାସହିତ ଉତ୍ତରାଙ୍କ ଗର୍ଭକୁ ବ୍ରହ୍ମାସ୍ତ୍ର ମଧରେ ନଷ୍ଟ କରିଥିଲେ। ଏହା ପରେ ଭଗବାନ ଶ୍ରୀକୃଷ୍ଣ ଅଶ୍ୱତ୍ଥାମାଙ୍କୁ ଅଭିଶାପ ଦେଇଥିଲେ ଯେ ସେ ସବୁଦିନ ପାଇଁ ପୃଥିବୀରେ ଜୀବିତ ରହିବେ। ଆଉ ଏମିତି ତାଙ୍କ ଆତ୍ମା ବୁଲୁଥିବ।





# ଭକ୍ତି ପ୍ରାପ୍ତିର ମାର୍ଗ

ଭୋକ ଆଉ ସ୍ୱାଦ ଦୁହେଁ ଏକା ସାଙ୍ଗରେ ଚାଲିଥାନ୍ତି । ଶ୍ରମ ଏମାନଙ୍କର ସମ୍ବନ୍ଧକୁ ଯୋଡିଥାଏ । ଯେଉଁଠି ଭୋକ ନ ଥିବ ଆଉ କେବଳ ଲାଳସା ଥିବ ସେଠାରେ ଶ୍ରମ ଶୋଷିତ ହୋଇଥାଏ । ଭୋକ,ସ୍ୱାଦ ଆଉ ଶ୍ରମ ଗୋଟିଏ ପରିବାର ଅଟେ । ଉଚିତ ମଜୁରି ବିନା ପରିବାର ଭାଙ୍ଗି ଯାଇଥାଏ । ଏଠାରେ ସନ୍ଥ କୁହନ୍ତି ଗତିର ପାଇଁ 'ଚରଣ' ଆଉ ପ୍ରଗତିର ପାଇଁ 'ଆଚରଣ' ବହୁତ ଜରୁରୀ ଅଟେ । ଆଉ ଭକ୍ତି ପାଇଁ ମନକୁ ଦୃଢ କରିବା ଉଚିତ । ନିୟମିତ ପୂଜା ଆଉ ସାଧନା । ଈଶ୍ୱରଙ୍କ ପୂଜା ଆଉ ସାଧନା କରିଲେ ଭକ୍ତିର ଭାବନା ଦୃଢ଼ ହୋଇଥାଏ । ନିୟମିତ ରୂପରେ ପୂଜା-ପାଠ ଆଉ ସାଧନା କରିଲେ ମନ ଶାନ୍ତ ହୋଇଥାଏ ଆଉ ଶକ୍ତିର ପ୍ରାପ୍ତି ହୋଇଥାଏ । ଧ୍ୟାନ ଆଉ ଆତ୍ମବିଚାର ଦ୍ୱାରା ନିଜର ମନକୁ ଶାନ୍ତ କରିକି ଈଶ୍ୱରଙ୍କ ସହିତ ଯୋଡି ହେବାର ପ୍ରୟାସ କରିଲେ ଭକ୍ତିର ଭାବନା ଜାଗୃତ ହୋଇଥାଏ। ଆତ୍ମ-ବିଚାର ଆଉ ଆତ୍ମ-ଜ୍ଞାନ ମଧ୍ୟ ଭକ୍ତିକୁ ବଢିବାକୁ ଦେଇଥାଏ । ସନ୍ଥ ଆଉ ଗୁରୁଙ୍କ ଶିକ୍ଷା ଆଉ ତାଙ୍କ ଦ୍ୱାରା ବତା ଯାଇଥିବା ମାର୍ଗ ଉପରେ ଚାଲିଲେ ଭକ୍ତିର ପ୍ରାପ୍ତି ହୋଇଥାଏ । ତାଙ୍କର ଶିକ୍ଷା ଆମକୁ ଈଶ୍ୱରଙ୍କ ସହିତ ଯୋଡି ହେବାର ସଠିକ୍ ପ୍ରଣାଳୀ ଶିଖେଇ ଥାଏ । ଭଜନ ଆଉ କୀର୍ତ୍ତନ କରିଲେ ଶକ୍ତିର ଭାବନା ଜାଗ୍ରତ ହୋଇଥାଏ । ଈଶ୍ୱରଙ୍କ ସ୍ତୁତି କରିଲେ ମନରେ ଭକ୍ତିର ଭାବନା ଉତ୍ପନ୍ନ ହୋଇଥାଏ । ସେବା ଆଉ ପରୋପକାର କରିଲେ ମଧ୍ୟ ଭକ୍ତି ପ୍ରାପ୍ତି ହୋଇଥାଏ । ଯେତେବେଳେ ଆମେ କାହାକୁ ସାହାଯ୍ୟ କରିଥାନ୍ତି,ଆଉ ଆମେ ଈଶ୍ୱରଙ୍କ ସହିତ ଯୋଡି ହୋଇଥାଉ । ଗୁରୁ ମନ୍ତ୍ର ଆଉ ଈଶ୍ୱରଙ୍କ ନାମର ଜପ କରିଲେ ମଧ୍ୟ ଭକ୍ତିର ଭାବନା ବଢିଥାଏ । ନିୟମିତ ଜପ କରିଲେ ମନ ଶାନ୍ତ ହୋଇଥାଏ ଆଉ ଭକ୍ତିର ପ୍ରାପ୍ତି ହୋଇଥାଏ । ଭକ୍ତିର ପ୍ରାପ୍ତି ପାଇଁ ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ଏହା ଯେ ଆପଣ ନିଜର ମନକୁ ଶୁଦ୍ଧ ରଖନ୍ତୁ ଆଉ ଈଶ୍ୱରଙ୍କ ସହିତ ଯୋଡି ହେବାର ପ୍ରୟାସ କରନ୍ତୁ । କାରଣ ମନ ବହୁତ ଚଞ୍ଚଳ ଅଟେ ଏହାକୁ ବଶ କରିବା ବହୁତ କଷ୍ଟ ଅଟେ ।



# ଗାୟତ୍ରୀମନ୍ତ୍ର ଜପର ନିୟମ

***ଧାର୍ମିକ ଦୃଷ୍ଟିରେ ସକାଳ ସମୟରେ ଛିଡ଼ା ହୋଇ କରାଯାଉଥିବା ସନ୍ଧ୍ୟାକର୍ମ ଏବଂ ଗାୟତ୍ରୀ ମନ୍ତ୍ର ରାତିର ପାପ ଏବଂ ଦୋଷକୁ ଦୂର କରିଥାଏ।***

*ଯଥା ସମ୍ଭବ ଗାୟତ୍ରୀ ମନ୍ତ୍ରର ଜପ କୌଣସି ଏକ ନଦୀ ବା ତୀର୍ଥ ସ୍ଥାନରେ କରିବା ଉତ୍ତମ ହୋଇଥାଏ। ତେବେ ଗୃହର ବାହାରେ ଏକାନ୍ତ ସ୍ଥାନରେ ତଥା ଶାନ୍ତ ପରିବେଶରେ ମଧ ଗାୟତ୍ରୀ ମନ୍ତ୍ରକୁ ଜପ କରି ଆପଣ ଶୁଭ ଫଳ ପ୍ରାପ୍ତି କରିପାରିବେ। ଏହି ସ୍ଥାନମାନଙ୍କରେ ଗାୟତ୍ରୀ ମନ୍ତ୍ର ଜପ କଲେ ଏହା ଖୁବ୍ ପ୍ରଭାବଶାଳୀ ହୋଇଥାଏ। ଗାୟତ୍ରୀ ମନ୍ତ୍ରର ଜପ ଏବଂ ସନ୍ଧ୍ୟାର ମହତ୍ତ୍ୱ ସୂର୍ଯ୍ୟୋଦୟ ପୂର୍ବରୁ ବେଶି ରହିଥାଏ। ଏଣୁ ସୂର୍ଯ୍ୟୋଦୟ ହେବା ପୂର୍ବରୁ ଉଠି ଯେତେବେଳ ପର୍ଯ୍ୟନ୍ତ ଆକାଶରେ ତାରା ଦେଖାଯାଉଥିବ ସେତେବେଳ ପର୍ଯ୍ୟନ୍ତ ସନ୍ଧ୍ୟାକର୍ମ ସହିତ ଗାୟତ୍ରୀ ମନ୍ତ୍ର ଜପ କରିପାରିବେ। ଏହି ପ୍ରକାରେ ସନ୍ଧ୍ୟା ସମୟରେ ମଧ ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟାକର୍ମ ଏବଂ ଗାୟତ୍ରୀ ମନ୍ତ୍ର ଜପ କରିବା ଆରମ୍ଭ କରନ୍ତୁ। ଯେପର୍ଯ୍ୟନ୍ତ ଆକାଶରେ ତାରା ଦେଖାଯାଉଥିବେ ସେତେବେଳ ପର୍ଯ୍ୟନ୍ତ ଆପଣ ଏହାକୁ ଜାରି ରଖିପାରିବେ। ଧାର୍ମିକ ଦୃଷ୍ଟିରେ ସକାଳ ସମୟରେ ଛିଡ଼ା ହୋଇ କରାଯାଉଥିବା ସନ୍ଧ୍ୟାକର୍ମ ଏବଂ ଗାୟତ୍ରୀ ମନ୍ତ୍ର ରାତିର ପାପ ଏବଂ ଦୋଷକୁ ଦୂର କରିଥାଏ। ସେହିପରି ସନ୍ଧ୍ୟା ସମୟରେ ବସିକରି କରାଯାଉଥିବା ସନ୍ଧ୍ୟାକର୍ମ ଏବଂ ଗାୟତ୍ରୀ ମନ୍ତ୍ର ଜପ ଦିନଯାକର ପାପ ଏବଂ ଦୋଷକୁ ନଷ୍ଟ କରିଦିଏ।*

# ଲମ୍ବୋଦର ଶ୍ରୀଗଣେଶ




ଭଗବାନ ଶ୍ରୀଗଣେଶଙ୍କ ମହୋଦର ସ୍ୱରୂପ ବ୍ରହ୍ମ ଜ୍ଞାନ ପ୍ରଦାନ କରିଥାଏ । ଏହି ରୂପ ହେଉଛି ବ୍ରହ୍ମଜ୍ଞାନର ପ୍ରକାଶକ । ମୋହାସୁରକୁ ବଧ କରିବା ପରେ ଗଜାନନ ଏହି ରୂପରେ ପ୍ରସିଦ୍ଧ ହୋଇଥିଲେ । ମୋହାସୁର ଭଗବାନ ମହୋଦରଙ୍କ ଶରଣାପନ୍ନ ହେବା ପରେ ଭଗବାନ ଶ୍ରୀଗଣେଶ ତା'କୁ କ୍ଷମା କରିଥିଲେ । ପରେ ମୋହାସୁରର ଶ୍ରଦ୍ଧା ଏବଂ ଭକ୍ତିରେ ପ୍ରସନ୍ନ ହୋଇ ଭଗବାନ ଗଣେଶ ତା'ଉପରେ କୃପା କରିଥିଲେ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ଲିଙ୍ଗ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ ଥରେ ଦେବତାମାନେ ଭଗବାନ ଶିବଙ୍କ ଉପାସନା କରି ତାଙ୍କ ଠାରୁ ସୁରଦ୍ରୋହୀ ଦାନବର ଦୁଷ୍କର୍ମ ରୋକିବାକୁ ବରଦାନ ମାଗିଲେ । ଆଶୁତୋଷ ମହାଦେବ ତଥାସ୍ତୁ କହିବା ସହ ଦେବତାଙ୍କୁ ସନ୍ତୁଷ୍ଟ କରିଦେଇଥିଲେ । ସମୟ ଆସିବା ପରେ ଶ୍ରୀଗଣେଶ ପ୍ରକଟ ହେଲେ । ତାଙ୍କ ମୁଖମଣ୍ଡଳ ହାତୀ ଭଳି ଥିଲା ଏବଂ ତାଙ୍କର ଗୋଟିଏ ହାତରେ ତ୍ରିଶୂଳ ତଥା ଅନ୍ୟ ହାତରେ ଫାଶ ଥିଲା । ଦେବତାମାନେ ତାଙ୍କର ବନ୍ଦନା କରିବା ସହ ବାରମ୍ବାର ତାଙ୍କ ପାଦ ତଳେ ଲୋଟିପଡ଼ିଲେ । ଭଗବାନ ଶିବଙ୍କ ଆଦେଶକ୍ରମେ ଶ୍ରୀଗଣେଶ ରାକ୍ଷସର ବିନାଶ କରିବା ସହ ଦେବତା ଏବଂ ବ୍ରାହ୍ମଣଙ୍କ ବିଘ୍ନ ହରଣ କରିଥିଲେ । ସେବେଠାରୁ ସେ ଗଜାନନ ରୂପରେ ପ୍ରସିଦ୍ଧ ହେଲେ ।

# ରାଜା ଦଶରଥ

ରାଜା ଦଶରଥ ନିଜ ୪ ପୁତ୍ରଙ୍କୁ ବରବେଶରେ ସଜାଇ ବରଯାତ୍ରୀ ଦଳ ସହିତ ମିଥିଳାପୁରୀରେ ଥିବା ରାଜା ଜନକଙ୍କ ଦ୍ୱାରରେ ପହଞ୍ଚିଲେ । ରାଜା ଜନକ ସମ୍ମାନପୂର୍ବକ ବରଯାତ୍ରୀଙ୍କୁ ସ୍ୱାଗତ କଲେ । ଏହି ସମୟରେ ରାଜା ଦଶରଥ ଆଗକୁ ଆସି ରାଜର୍ଷି ଜନକଙ୍କ ପାଦ ଛୁଇଁ ପ୍ରଣାମ କଲେ । ଚକିତ ହୋଇ ଜନକ ରାଜା ଦଶରଥଙ୍କୁ ଧରିନେଲେ ଏବଂ କହିଲେ, ମହାରାଜ ଆପଣ ବରପକ୍ଷର ମୁଖ୍ୟ । ତେଣୁ ଆପଣ ମୋ ଠାରୁ ଜ୍ୟେଷ୍ଠ । ଏଭଳି ପରିସ୍ଥିତି ଆପଣ ମୋର ପାଦ ଛୁଇଁବା ଅନୁଚିତ। ଏହାଶୁଣି ରାଜା ଦଶରଥ କହିଲେ, ମହାରାଜ ! ଆପଣ ଦାତା । କନ୍ୟାଦାନ କରୁଛନ୍ତି । ମୁଁ ଯାଚକ, ଆପଣ ଦାନସ୍ୱରୂପ ଦେଉଥିବା କନ୍ୟାକୁ ନେବା ଲାଗି ଆସିଛି । ଏଥର ଆପଣ କୁହନ୍ତି, ଦାତା ଏବଂ ଯାଚକ ମଧରେ ବଡ଼ କିଏ ? ଏକଥା ଶୁଣି ରାଜା ଜନକଙ୍କ ଆଖିରୁ ଅଶ୍ରୁ ଝରିପଡ଼ିଲା । ସେ କହିଲେ ଦଶରଥଙ୍କ ଭଳି ପରିବାରରେ କନ୍ୟାଦାନ କରୁଥିବାରୁ ମୁଁ ଭାଗ୍ୟବାନ । ପ୍ରତ୍ୟେକ କନ୍ୟାର ଭାଗ୍ୟରେ ପିତା ଥାଆନ୍ତି, କିନ୍ତୁ ପ୍ରତ୍ୟେକ ପିତାଙ୍କ ଭାଗ୍ୟରେ କନ୍ୟା ନ ଥାନ୍ତି ।

# ଅବସାଦ ଓ ଶରୀର ତାପମାତ୍ରା



ଏକ ଆକଳନ ଅନୁଯାୟୀ, ବିଶ୍ୱର ପ୍ରାୟ ୫ ପ୍ରତିଶତ ଲୋକ ଅବସାଦରେ କାଳ କାଟୁଛନ୍ତି। ଅବସାଦର ଲକ୍ଷଣ ସ୍ୱରୂପ, ସବୁ ଥାଇ କିଛି ନଥିଲା ପରି ମନେ ହୁଏ, ଅନେକ କିଛି କରିବାକୁ ସକ୍ଷମ ଥାଇ ସୁଦ୍ଧା କିଛି କରିବାକୁ ଇଚ୍ଛା ହୁଏ ନାହିଁ। ଅବସାଦର ସଫଳ ଉପଚାର ପାଇଁ ଏହାର ଉତ୍ପତ୍ତିର କାରଣ ଜାଣିବା ଗୁରୁତ୍ୱପୂର୍ଣ୍ଣ। ଅବସାଦର ଲକ୍ଷଣଗୁଡ଼ିକ ସହ ଶରୀର ତାପମାତ୍ରାର ସମ୍ପର୍କ ରହିଛି ବୋଲି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଜାଣିପାରିଛନ୍ତି। ସାଧାରଣତଃ ଶରୀର ତାପମାତ୍ରା ଅଧିକ ଥିବା ଲୋକଙ୍କ କ୍ଷେତ୍ରରେ ଅବସାଦଗ୍ରସ୍ତ ହେବାର ଆଶଙ୍କା ଅଧିକ ଥାଏ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷେ, ଜଣେ ଥଣ୍ଡା ରହିଲେ ଅବସାଦରୁ ଦୂରେଇ ରହିବାର ସମ୍ଭାବନା ଅଧିକ। ଦୀର୍ଘ ସାତ ମାସ ଧରି ୧୦୬ଟି ଦେଶର ୨୦,୮୮୦ ଜଣ ନାଗରିକଙ୍କ ଠାରୁ ସଂଗୃହୀତ ତଥ୍ୟକୁ ବିଶ୍ଳେଷଣ କରି ସେମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ପୁଷ୍ଟିସାଧନ ପ୍ରକ୍ରିୟା ସହ ଅବସାଦ ଜଡ଼ିତ। ଏହି ପ୍ରକ୍ରିୟାରେ ବଳକା ତାପଶକ୍ତି ନିର୍ଗତ ହେଉଥିବାରୁ ଶରୀରର ତାପମାତ୍ରା ବଢ଼ିଥାଏ। ସେହିପରି ଅବସାଦର ଅନ୍ୟତମ ଲକ୍ଷଣ ହେଲା ମାନସିକ ଚାପରେ ରହିବା, ଯାହା ଶରୀର ତାପମାତ୍ରାକୁ ବଢ଼ାଇଥାଏ।


# 'ନିରନ୍ତର ସନ୍ତୁଷ୍ଟ ଭକ୍ତ ମୋର ଅତି ପ୍ରିୟ'

ଗୀତାର ୧୮ ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି। ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜୁନ। କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ ତୁମ ମନରେ ଆସକ୍ତି ଉତ୍ପନ୍ନ ନ ହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ଜୋର୍‌ପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ।

# ସୂର୍ଯ୍ୟ ମନ୍ଦିର

ଏହି ମନ୍ଦିରଟି ଗଢିଉଠିଥିଲା ପ୍ରାଚୀ ନଦୀ ଓ ବଙ୍ଗୋପସାଗରର ସଙ୍ଗମ ସ୍ଥଳରେ । ସେ ଯୁଗରେ ଏହା ଏକ ପୋତାଶ୍ରୟୀ ବନ୍ଦର ଥିଲା । ଏହାର ନାମଥିଲା କୋଣଗର । "କୋଣଗର" ନାମାନୁସାରେ ମନ୍ଦିରର ନାମ କୋଣାର୍କ ହୋଇଥିବ ବୋଲି ଅନୁମାନ କରାଯାଏ । କୋଣାର୍କ ଶବ୍ଦକୁ ବିଶ୍ଳେଷଣ କଲେ ଜଣାଯାଏ ଏହା ସଂସ୍କୃତ ଶବ୍ଦ କୋଣ ଓ ଅର୍କର ସଂଯୋଗରୁ ତିଆରି ହୋଇଛି । କୋଣରମାନେ ହେଲା ଗୋଟିଏ ପାଖ ଅଥବା ଦୁଇଟି ଦିଗ ବା ରେଖାର ମିଳନ ସ୍ଥାନ ଓ ଅର୍କର ଅର୍ଥ ହେଲା ସୂର୍ଯ୍ୟ । ଏହି ମନ୍ଦିରଟି ସୂର୍ଯ୍ୟ ଦେବଙ୍କ ପାଇଁ ନିର୍ମିତ ହୋଇଥିବାରୁ ଜାଗାର ନାମ ତଦନୁସାରେ କୋଣାର୍କ ହୋଇଛି ବୋଲି ମତ ପୋଷଣ କରାଯାଏ । ପାଶ୍ଚାତ୍ୟ ଦେଶର ନାବିକମାନେ ଏହାକୁ କୃଷ୍ଣ ପାଗୋଡ଼ା ଓ ପୁରୀ ଜଗନ୍ନାଥ ମନ୍ଦିରକୁ ଶ୍ୱେତ ପାଗୋଡ଼ା ନାମକରଣ କରିଥିଲେ । ଏହି ମନ୍ଦିରଦ୍ୱୟ ନାବିକଙ୍କ ନିମନ୍ତେ ପଥଚିହ୍ନ ଥିଲା।





ପ୍ରତ୍ୟେକ ପୁରାତନ ମନ୍ଦିର ପରି ଏଠାରେ ମଧ ମୁଖ୍ୟ ମନ୍ଦିର ପୂର୍ବରୁ ନାଟ ମନ୍ଦିରଟି ରହିଛି, ଯେଉଁଠାରେ କଳାକାରମାନେ ଦେବତାଙ୍କ ଉଦ୍ଦେଶ୍ୟରେ ନୃତ୍ୟ ଗୀତ ପରିବେଷଣ କରିଥାନ୍ତି । ମନ୍ଦିରର ଅତ୍ର ତତ୍ର ସର୍ବତ୍ର ବିବିଧ ଫୁଲ ଓ ଜ୍ୟାମିତିକ ଢାଞ୍ଚାର ନମୁନା ଦେଖିବାକୁ ମିଳେ । ଏହାଛଡ଼ା ଅନେକ ପ୍ରକାରର ଦେବଦେବୀ, ଯକ୍ଷ, ଗନ୍ଧର୍ବ, କିନ୍ନର, ନର ସଙ୍ଗୀତ ଶିଳ୍ପୀ, ନଟ, ନଟୀ, ପ୍ରେମୀ ଯୁଗଳ ଓ ଆନନ୍ଦ ଉତ୍ସବମୟ ଗ୍ରାମୀଣ ଜୀବନ, ଯୁଦ୍ଧ ଓ ଶିକାର ଆଦିର ଅସଂଖ୍ୟ ଚିତ୍ରଣ ଏଠାରେ ଦେଖିବାକୁ ମିଳେ । ସାତଟି ଚପଳ ଚଞ୍ଚଳ ଘୋଡ଼ାଙ୍କଦ୍ୱାରା ଟଣା ଯାଉଥିବା ଏକ ବିଶାଳ ରଥାକୃତିରେ ମନ୍ଦିରଟି ନିର୍ମିତ । ଏହାର ସର୍ବାଙ୍ଗରେ କାରୁକାର୍ଯ୍ୟ ଖୋଦେଇ କରା ଯାଇଛି । ଏହି ମନ୍ଦିରର ମୂଳରେ ସୂକ୍ଷ୍ମ କାରୁକଳାରେ ଅତି ସୁସଜ୍ଜିତ ୧୨ଟି ଚକ ରହିଛି। ଏହି ଚକଗୁଡ଼ିକ ହେଉଛି ମନ୍ଦିରର କେତୋଟି ପ୍ରମୁଖ ଆକର୍ଷଣମାନଙ୍କ ଭିତରୁ ଅନ୍ୟତମ । ଏହି ଚକମାନଙ୍କର ଅର ସୂର୍ଯ୍ୟଘଡ଼ିର କାମ କରିଥାଏ । ଏହି ଅରମାନଙ୍କ ଛାଇରୁ ସଠିକ ସମୟ ବାରିହୁଏ । ପିରାମିଡ୍ ଆକାରର ଏହି ମନ୍ଦିରର ଛାତ ପାଖାପାଖି ୩୦ ମିଟର ଉଚ୍ଚ। ଖଜୁରହୋ ମନ୍ଦିର ପରି ଏହି ମନ୍ଦିର ଗାତ୍ରରେ ମଧ କାମକଳାର ବହୁଳ ପ୍ରଦର୍ଶନ ହୋଇଛି । ଦୁଆରର ଦୁଇପାଖରେ ମନ୍ଦିରକୁ ଜଗି ରହିଛନ୍ତି ଦୁଇଟି ଦନ୍ତାହାତୀଙ୍କୁ ପଦାନତ କରିଥିବା ଦୁଇଟି ଭୀମକାୟ ସିଂହ । ଏହି ହାତୀଦୁଇଟି ଦୁଇଟି ଶାୟିତ ମଣିଷକୁ ମାଡ଼ି ବସିଥିବାର ଦେଖାଯାଏ । ତା' ସହିତ କେତେ ଜାତିର ପଶୁ-ପକ୍ଷୀ, ପାଖାପାଖି ଦୁଇହଜାର ଆକର୍ଷକ ଓ ଜିଅଁନ୍ତା ଦିଶୁଥିବା ହାତୀ, ପୌରାଣିକ ଜୀବ, ନାନା ଜାତିର ଲତା ଓ ଜ୍ୟାମିତିକ ଢାଞ୍ଚାରେ ଭରା ଅଳଂକୃତ ଓ ସମ୍ଭ୍ରାନ୍ତ ଓଡ଼ିଆ ସ୍ଥାପତ୍ୟର ଅନେକ କମକୁଟ ଦର୍ଶକକୁ ବିମୋହିତ କରିବା ସହିତ ଏହାର ସଜୀବ ଚିତ୍ରଣ ଏହି ମନ୍ଦିରକୁ ଅନ୍ୟ ମନ୍ଦିରମାନଙ୍କଠାରୁ ପୃଥକ ଓ ଉତ୍କୃଷ୍ଟ ପ୍ରତିପାଦିତ କରେ। ମନ୍ଦିରରେ ଖୋଦିତ କାମୋତ୍ତେଜକ ଚିତ୍ରପାଇଁ ମଧ କୋଣାର୍କ ପ୍ରସିଦ୍ଧ। ଜୀବନର ଏହି କୋମଳ ଗୋପନ ମାଧୁର୍ଯ୍ୟକୁ ଏତେ ସ୍ପଷ୍ଟ ଭାବରେ ଚିତ୍ରିତ କରିବା ଓଡ଼ିଆ କଳାନୈପୁଣ୍ୟର ଶ୍ରେଷ୍ଠତା ପ୍ରତିପାଦନ କରେ। ମଣିଷ, ମଣିଷୋତ୍ତର, ମାନବେତର ସବୁପ୍ରକାର ପ୍ରାଣୀମାନଙ୍କର କାମକ୍ରୀଡ଼ାକୁ ଅତି ସଜୀବ ଭାବରେ ମନ୍ଦିରର କାନ୍ଥରେ ଚିତ୍ରିତ କରାଯାଇଛି।

## ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବୃଦ୍ଧ ମୃତ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅନ୍ତର୍ଗତ ବାଟଗାଁ ଗ୍ରାମରେ ମଙ୍ଗଳବାର ସକାଳେ ଏକ ବଗିଚା ନିକଟକୁ ଛେଳି ଖାଇବା ପାଇଁ ଗଛ ଡାଳ ସଂଗ୍ରହ କରିବା ପାଇଁ ଗଛ ଉପରକୁ ଜଣେ ବୃଦ୍ଧ ଚଢ଼ିଥିଲେ। ଡାଳ ହାଣିଲା ବେଳକୁ କୌଣସି ଅସାଧବଧାନତା ଯୋଗୁଁ ବିଦ୍ୟୁତ୍ ତାର ସମ୍ପର୍ଶରେ ଆସିଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତି ଜଣଙ୍କ ହେଲେ ନାକଟିଦେଉଳ ଥାନା ଅନ୍ତର୍ଗତ ବାଟଗାଁ ଗ୍ରାମର ଧନଞ୍ଜୟ ରାଉତ (୫୯)ବୋଲି ଜଣା ପଡ଼ିଛି । ଘଟଣା ଘଟିବା ଜାଣି ଲୋକେ ବିଦ୍ୟୁତ୍ ବିଭାଗକୁ ସୂଚନା ଦେଇଥିଲେ। ହେଲେ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ବିଦ୍ୟୁତ୍ ବିଭାଗର ଦେଖା ମିଳିଥିଲା। ଘଟଣାସ୍ଥଳରେ ସମସ୍ତ ବିଭାଗ ଉପସ୍ଥିତ ରହିଥିବା ବେଳେ ବିଦ୍ୟୁତ୍ ବିଭାଗ ସଠିକ୍ ସମୟରେ ନ ଆସିବା ନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖା ଦେଇ ଥିଲା । ପରିବାରର ଜଣେ ରୋଜଗାରିଆ ହୋଇଥିବାରୁ ତାଙ୍କ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇ ପଡ଼ିଛନ୍ତି । ପ୍ରତିପୋଷଣ ପାଇଁ ୨୫ ଲକ୍ଷ ଟଙ୍କାର ସହାୟତା ସହ ମୃତକ ପରିବାରରୁ ଜଣଙ୍କୁ ବିଦ୍ୟୁତ୍ ବିଭାଗରେ ଥଇଥାନ କରିବାକୁ ପରିବାର ପକ୍ଷରୁ ଦାବି ହୋଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଇଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ମିଶନ ଶକ୍ତିର ଓଡ଼ିଆ ପକ୍ଷ ପାଳନ

ରିଆମାଳ,(ନିପ୍ର): ଓଡ଼ିଆ ପକ୍ଷ ୨୦୨୬ର ରିଆମାଳରେ ଆୟୋଜିତ ଗ୍ରାଣ୍ଡ ଫାଇନାଲେ ଆମର ସାହିତ୍ୟିକ ଓ ପାକଶାଳା ପରମ୍ପରାର ଏକ ଉଜ୍ଜ୍ୱଳ ଉତ୍ସବ ଥିଲା। ସାମୂହିକ ଭୋଜନ ସହିତ ସେହି ଦିନଟି ଝୋଟି ଓ ଖାଦ୍ୟ ପ୍ରତିଯୋଗିତା ଦ୍ୱାରା ବିଶେଷ ଆକର୍ଷଣୀୟ ହୋଇଥିଲା। ଯେଉଁଠାରେ ୫୦ଟି ଏସ୍ଏଚ୍ଜି ସଦସ୍ୟଙ୍କର ସୃଜନଶୀଳତା ପୂର୍ଣ୍ଣ ଭାବେ ପ୍ରକାଶ ପାଇଥିଲା। କଲ୍ୟାଣ



ମଣ୍ଡପର ମାଟି ଜଟିଳ ଚିତା ଓ ଝୋଟିର ଅଲଙ୍କାରିକ ଆକୃତିରେ ଏକ କ୍ୟାନଭାସ୍ ରୂପ ନେଇଥିଲା। ଟେବୁଲ ଗୁଡିକ ପରମ୍ପରାଗତ ପକ୍ୱାନରେ ଭରିଥିଲା, ପ୍ରତ୍ୟେକ ଖାଦ୍ୟ ଆମ ମାଟିର ସ୍ୱାଦକୁ ପ୍ରକାଶ କରୁଥିଲା।

ସେହି ଦିନର ପ୍ରମୁଖ ଆକର୍ଷଣଗୁଡ଼ିକ ଥିଲା: ଝୋଟି ପ୍ରତିଯୋଗିତା: ଓଡ଼ିଆ ନାରୀମାନଙ୍କ ପୁରୁଷାନୁପୁରୁଷ ଚାଲିଆସୁଥିବା କଳା ଓ ନିପୁଣତାର ଏକ ଅଦ୍ଭୁତ ପ୍ରଦର୍ଶନ। ଖାଦ୍ୟ ପ୍ରତିଯୋଗିତା: 'ମାଷ୍ଟରଚେଫ' ଶୈଳୀରେ ସ୍ଥାନୀୟ ପକ୍ୱାନର ଏକ ଚମତ୍କାର ପ୍ରଦର୍ଶନ, ପିଠା-ପଣାରୁ ଆରମ୍ଭ କରି ଆଞ୍ଚଳିକ ବିଭିନ୍ନ ପଦାର୍ଥ ପର୍ଯ୍ୟନ୍ତ।

## 'ଆଧ୍ୟାତ୍ମିକତା ପ୍ରତି ଯୁବଗୋଷ୍ଠୀ ଧ୍ୟାନଦେବା ଆବଶ୍ୟକ'

ଭଦ୍ରକ(ନିପ୍ର): ଆର୍ଯ୍ୟ ସଂସ୍କୃତିର ନବବର୍ଷ ଉପଲକ୍ଷେ ଆମ ଓଡ଼ିଆ ଜାତି ଏହାକୁ ନୂଆବର୍ଷ ରୂପେ ପାଳନ କରି ଆସୁଅଛି। ମହାବିଷୁବ ସଂକ୍ରାନ୍ତି ଦିନରାତି ଏ ଉଭୟର ସମରେଖାରେ ପରିଗଣିତ ହୋଇଥାଏ। ଏହି ଦିବସଟିକୁ ଶ୍ରୀ ହନୁମାନ ଜୀୟୁଙ୍କ ଜନ୍ମ ଉତ୍ସବ ଭାବରେ ପାଳନ କରାଯାଇଥାଏ। ଏସବୁର ଦିଗ୍ଦର୍ଶକ ହୋଇଥାଏ ଆଧ୍ୟାତ୍ମିକତାର ମନୋଭାବ। ଏହି ଆଧ୍ୟାତ୍ମିକତା ପ୍ରତି ଯୁବଗୋଷ୍ଠୀ ଆକର୍ଷିତ ହୋଇ ପାରିଲେ ସେମାନଙ୍କର ଜୀବନଚର୍ଯ୍ୟା ସୁଖମୟ ହୋଇପାରିବ ବୋଲି ଭଦ୍ରକସ୍ଥିତ ସନ୍ଥିଆ ଗ୍ରାମ ଶ୍ରୀ ରାଧା ମଦନ ମୋହନ ଜୀୟୁ ମଠ ପରିସରରେ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଅନୁଷ୍ଠିତ ହୋଇଥିବା ଆଧ୍ୟାତ୍ମିକ 'ଉତ୍କଳୀୟ ଚେତନ ମ□' ସଭାରେ ସ୍ଥାନୀୟ ଲୋକପ୍ରିୟ ବିଧାୟକ ସିତାଂଶୁ ସେଖର ମହାପାତ୍ର ଓ ଅନ୍ୟାନ୍ୟ ବକ୍ତାଗଣ ମତ ପ୍ରକାଶ କରିଥିଲେ। ପୂର୍ବାହ୍ନରେ ଶ୍ରୀ ରାଧା ମଦନ ମୋହନ ଜୀୟୁ। ଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହଙ୍କ ଓ ହନୁମାନଙ୍କ ପୂଜା ଓ ବିଶ୍ୱଶାନ୍ତି ଯଜ୍ଞ ଦେବ କୁମାର ଗୋସ୍ୱାମୀ ଓ ହୃଷିକେଶ ଗୋସ୍ୱାମୀ ଓ ସେବାୟତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୫ ଘଟିକାରେ ଏକ ଆଧ୍ୟାତ୍ମିକ ସଭା ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

## ୧୯୯୬ ବ୍ୟାଚବନ୍ଧୁ ମିଳନ



ଚାରିଛକ(ନିପ୍ର): ଚାରିଛକ ନିକଟସ୍ଥ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାଇଲୋର ୧୯୯୬ ବ୍ୟାଚର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସଦାବାଜି ତୋଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବ୍ୟାଚର ସମସ୍ତ ସାଙ୍ଗମାନେ ଏକତ୍ରିତ ହୋଇ ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ପରେ ସମୂହ ବସି ଭୋଜିର ମଜା ନେଇଥିଲେ ।ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବ୍ୟାଚର ଅଶ୍ୱୀନ ମଲ୍ଲିକ, ସୁଶାନ୍ତ ସ୍ୱାଇଁ, ବିଶ୍ୱଜିତ ମହାନ୍ତି, ପିଙ୍କି ମହାପାତ୍ର ,ହରପ୍ରିୟା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ନାରୀଶକ୍ତିର ଅଭ୍ୟୁଦୟ

## କୋରାପୁଟରେ ସୂଚନା ଦେଲେ ଶିଶୁ ଅଧିକାର ସୁରକ୍ଷା କମିଶନର

ଜୟପୁର,(ହି.ସ.): କୋରାପୁଟ ସର୍କିଟ୍ ହାଉସଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର କମିଶନର ବବିତା ପାତ୍ର ଏକ ପ୍ରେସମିଟରେ ଯୋଗଦେଇ ଦେଶର ନାରୀଶକ୍ତି ପାଇଁ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦରେ ଅନୁଷ୍ଠିତ ହେବାକୁ ଥିବା ବିଶେଷ ଅଧିବେଶନ ସମ୍ପର୍କରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମାଜସେବୀ ତଥା ମହିଳା ଓ ଶିଶୁ ଅଧିକାର କର୍ମୀ ସ୍ୱାତୀ ହୋତା ଏବଂ ଅଞ୍ଜଳି ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ବିକଶିତ ଭାରତର ଆଧାରଶୀଳା 'ମାତୃଶକ୍ତି ବନ୍ଦନ ଅଧିନିୟମ' ଶ୍ରୀମତୀ ପାତ୍ର କହିଛନ୍ତି ଯେ, ଏହି ତିନି ଦିନିଆ ଅଧିବେଶନ ୨୫ ବର୍ଷର ଅମୃତକାଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ୩୩ ପ୍ରତିଶତ ମହିଳା ସଂରକ୍ଷଣ କେବଳ ଏକ ସଂଖ୍ୟା ନୁହେଁ, ବରଂ ଏହା ବିକଶିତ ଭାରତର ଆଧାରଶୀଳା। ଏହାଦ୍ୱାରା ମହିଳାମାନେ କେବଳ ନୀତିର ହିତାଧିକାରୀ ହୋଇ ରହିବେ ନାହିଁ, ବରଂ ନୀତି ନିର୍ମାତା ସାଜିବେ। ୭ 'ସ' ଯଥା- ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ନେତୃତ୍ୱ ହିଁ ନାରୀ ଅଧିକାରର ମୂଳମନ୍ତ୍ର ବୋଲି ସେ ପ୍ରକାଶ କରିଛନ୍ତି।

ମୋଦୀ ସରକାରଙ୍କ ମହିଳା କେନ୍ଦ୍ରିକ ଯୋଜନାର ସଫଳତା ୨୦୧୪ ମସିହାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହିଳାମାନଙ୍କୁ ସାମାଜିକ ଓ ଆର୍ଥିକ ଭାବେ ସଶକ୍ତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଘରେ ଘରେ ଶୌଚାଳୟ, ଉଜ୍ଜ୍ୱଳା ଗ୍ୟାସ୍, ଜନଧନ ଖାତା, ମହିଳାଙ୍କ ନାମରେ ପକ୍କା ଘର ଏବଂ 'ଲକ୍ଷପତି ଦିଦି' ଭଳି ଯୋଜନା ମାଧ୍ୟମରେ ମାତୃଶକ୍ତିକୁ ସମ୍ମାନିତ କରାଯାଇଛି। ଓଡ଼ିଶାରେ ମଧ୍ୟ ମୋଦୀଜୀଙ୍କ ମାର୍ଗଦର୍ଶନରେ 'ସୁଭଦ୍ରା ଯୋଜନା' ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ନୂତନ ଇତିହାସ ରଚିଛି।

ସମର୍ଥନ ପାଇଁ ଆହ୍ୱାନ ଏହି ଐତିହାସିକ ମୁହୂର୍ତ୍ତକୁ ସାରା ରାଜ୍ୟରେ ଉତ୍ସବ ଭାବେ ପାଳନ କରିବାକୁ ଶ୍ରୀମତୀ ପାତ୍ର ଅନୁରୋଧ କରିଛନ୍ତି। ଏହି ମହତ୍ ଅଭିଯାନରେ ସାମିଲ ହେବା ପାଇଁ ୯୬୬୭୧୭୩୩୩୩ ନମ୍ବରରେ ମିସ୍ କଲ୍ ଦେଇ ନିଜର ସମର୍ଥନ ଜାହିର କରିବାକୁ ସେ ମହିଳାମାନଙ୍କୁ ଆହ୍ୱାନ ଦେଇଛନ୍ତି। ସୋସିଆଲ ମିଡିଆ ମାଧ୍ୟମରେ ନିଜର ଗର୍ବକୁ ପରିପ୍ରକାଶ କରିବା ସହ ବିପୁଳ ସଂଖ୍ୟାରେ ଏହି ସମର୍ଥନ ଶୋଭାଯାତ୍ରା ଓ ସଭାରେ ସାମିଲ ହେବାକୁ ପ୍ରେସମିଟରେ ଆହ୍ୱାନ ଦିଆଯାଇଛି।

## ବୁଗୁଡ଼ାରେ ଗଞ୍ଜାମ କଳାକାର ଦିବସ, ବହୁ ପ୍ରତିଭାଧାରୀ ସମ୍ବର୍ଦ୍ଧିତ

ବୁଗୁଡ଼ା,(ନିପ୍ର): ଗଞ୍ଜାମ ଏକାଡେମୀ ଅଫ୍ ଫାଇନ୍ ଆର୍ଟ ପକ୍ଷରୁ କଳାକାରମାନଙ୍କର ମହାମିଳନ ଏବଂ ସମ୍ମାନର ମହାପର୍ବ "ଗଞ୍ଜାମ କଳାକାର ଦିବସ" ପାଳନ କାର୍ଯ୍ୟକ୍ରମ ସ୍ଥାନୀୟ ସଙ୍ଗମ୍ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ବିଷୁବ ସଂକ୍ରାନ୍ତିରେ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ତଥା ଗଞ୍ଜାମ ଏକାଡେମୀ ଅଫ୍ ଫାଇନ୍ ଆର୍ଟ ସଂସ୍ଥାର ନିର୍ଦ୍ଦେଶକ ଡ.ସ୍ଥିତଧୀ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ସେବା ନିବୃତ୍ତ ଯବାନ ପ୍ରମୋଦ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଶ୍ୟାମାପଦ ହୋତା, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଆତ୍ମ ପ୍ରକାଶ ନାୟକ, ସମ୍ମାନିତ ଅତିଥି ଭାବେ ଯୁବ ଚାଷୀ ସିମାଞ୍ଚଳ ସ୍ୱାଇଁ ଆଲୋଚନାଚକ୍ରର ବିଷୟବସ୍ତୁ "ଲୋକକଳାର ମୌଳିକତା ଓ ଆଧୁନିକତା" ସମ୍ପର୍କେ ଆଲୋକପାତ କରିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଅଞ୍ଚଳର ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏ ଅବସରରେ "ଗଞ୍ଜାମ ଗୌରବ" ଭାବେ ପ୍ରହ୍ଲାଦ ନାଟକର ଦୁଇ ବର୍ଷିୟାନ ମହାରଥୀ ଖଣ୍ଡୁରୁ ଗ୍ରାମର କପି କପିଳ ସାହୁ ଓ ବାଲିପଦର ଗ୍ରାମର କୋକରାମ ଜେନା, ଦାସକାଠିଆ ଲୋକନୃତ୍ୟ ପାଇଁ କରଚୁଲି ଗ୍ରାମର ତ୍ରିନାଥ ଗୌଡ, ଖଣ୍ଡୁରୁ ଗ୍ରାମସ୍ଥ ଭାଗବତଟୁଙ୍ଗିର ସଂରକ୍ଷକ କନ୍ଧ ନାୟକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିରଞ୍ଚି ନାରାୟଣ ମନ୍ଦିର ମହନ୍ତ ଭକ୍ତରାମ ଦାସଙ୍କୁ ରାଜର୍ଷି ଶ୍ରୀକର ଭଞ୍ଜ ସ୍ମୃତି ସମ୍ମାନ, ସୁସାହିତ୍ୟିକ ଅନନ୍ତ କରଙ୍କୁ ପଣ୍ଡିତଶ୍ରୀ ଘନଶ୍ୟାମ ହୋତା ସ୍ମୃତି ସମ୍ମାନ, ସଙ୍ଗୀତଜ୍ଞ ସୁରେନ୍ଦ୍ର ନାଥ ଦାସଙ୍କୁ ସଙ୍ଗୀତ ବିଶାରଦ ନାରାୟଣ ତ୍ରିପାଠୀ ସ୍ମୃତି ସମ୍ମାନ, ଗବେଷକ ଡ.ବ୍ରଜ କିଶୋର ପାଢ଼ୀଙ୍କୁ ମଦନ ମୋହନ ପାଣି ସ୍ମୃତି ସମ୍ମାନ, ଶିଳ୍ପୀ ମଧୁ ମଙ୍ଗଳ ମହାରଣାଙ୍କୁ କଳାଶ୍ରୀ ଯୋଗୀ ମହାରଣା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥି ସହ ଘଟକଳସ ଲୋକନୃତ୍ୟ ପାଇଁ ଗୋଲିଆର ଶଙ୍କର ସାହୁ , ପିତଳ ମାଛ କାରିଗରୀ ପାଇଁ



ବେଲଗୁଣ୍ଠାର ପ୍ରକାଶ ମହାରଣା, ଗୋବର କଣ୍ଢେଇ ପାଇଁ ଚଢିଆପଲ୍ଲୀର ମହିଳା ବିଷ୍ଣୁପ୍ରିୟା ମହାରଣା, ପଶୁମୁଖା ନୃତ୍ୟ ପାଇଁ ବଡକୋଦଣ୍ଡାର ବୁଢିଆ ଗୌଡ଼, ବାଘ ନୃତ୍ୟ ପାଇଁ ବେଲଗୁଣ୍ଠାର ମହେନ୍ଦ୍ର ପାତ୍ର, ଗାହଣ ପାଇଁ ଆଦିପୁର ଗାଁର ଶଙ୍କର ସାହୁ, ସୁତା କଣ୍ଢେଇ ନୃତ୍ୟ ପାଇଁ ବଡକୋଦଣ୍ଡାର ଜଗବନ୍ଧୁ ବେହେରାଙ୍କ ସମେତ କଣ୍ଠଶିଳ୍ପୀ ମିତାଲି ପଟ୍ଟନାୟକ ଓ ମାନସ ରଞ୍ଜନ ହୋତା ଏବଂ ନାଟ୍ୟ କଳାକାର ଦିଲ୍ଲୀପ କୁମାର ଦାଶ ଓ ଦୁର୍ଲଭ ବିଷୋୟୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟପକ୍ଷରେ ବରେଣ୍ୟ ଅତିଥିଗଣଙ୍କୁ ସମ୍ମାନ ପତ୍ର ପ୍ରଦାନ ସାଙ୍ଗକୁ ଅଞ୍ଚଳର କେତେକ ବରିଷ୍ଠ ସାମ୍ବାଦିକଙ୍କୁ ମଧ୍ୟ "ଗଞ୍ଜାମ ଶ୍ରୀ" ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ପତ୍ନୀ ହତ୍ୟା ମାମଲା: ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ


ପାରଳାଖେମୁଣ୍ଡି,(ନିପ୍ର): ବିବାହର ମାତ୍ର ବର୍ଷେ ପରେ ଅଧିକ ଯୌତୁକ ଦାବି କରି ଥରକୁ ଥର ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଶେଷରେ କ୍ଲଚ ତାରରେ ତଣ୍ଟି ଚିପି ନିଜ ଧର୍ମପତ୍ନୀଙ୍କୁ ହତ୍ୟା କରିବା ଭଳି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ ବିଭୁ ପ୍ରସାଦ ପଣ୍ଡା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୦୨ରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ଜାଡ଼ିଓ୍ୱାଡା ଗ୍ରାମ ନିବାସୀ ତଥା ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରାରେ ବର୍ତ୍ତମାନ ବସବାସ କରୁଥିବା ଅଭିଯୁକ୍ତ ରେଗାଟି ଧନୁଞ୍ଜୟ ଓରଫ ରକୋଟି ଧନୁଞ୍ଜୟ (୩୮ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ଛଅ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଘରୋଇ ଅତ୍ୟାଚାର ପାଇଁ ରହିଥିବା ଭାରତୀୟ ପିଙ୍ଗଳ କୋଡ଼ର ଧାରା ୪୯୮(କ)ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷର ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜୋରିମାନା ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ତିନି ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ଏତଦବ୍ୟତୀତ ଯୌତୁକ ଦାବିକୁ ନେଇ ଉଦ୍ଦିଷ୍ଟ ଧାରା ୪ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷର ସଶ୍ରମ କାରାଦଣ୍ଡ ସହ ୨ହଜାର ଟଙ୍କା ଜୋରିମାନା ସଜା ଶୁଣାଇଛନ୍ତି ତଥା ଜୋରିମାନା ଅନାଦେୟ ଆହୁରି ଦୁଇ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି।

## ଜନଗଣନା ନିମନ୍ତେ ୨୮୬ ଜଣକୁ କିଟ୍ ବଣ୍ଟନ



ଆସିକା(ନିପ୍ର): ଆସନ୍ତା କାଲି ଠାରୁ ଘର ଘର ବୁଲି ଜନ ଗଣନା କରିବେ ଶିକ୍ଷକ । ଏଥି ପାଇଁ ସରକାରଙ୍କ ପକ୍ଷରୁ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଜନଗଣନା ସକାଶେ ଶିକ୍ଷକ ମାନଙ୍କୁ ଆସିକା ପୌର ପରିଷଦ କାର୍ଯ୍ୟାଳୟ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆସିକା ତହସିଲଦାର ତଥା ଗ୍ରାମାଞ୍ଚଳ ଜନଗଣନା ଅଧିକାରୀ ସଂଗୀତା ସେଣ,ସହକାରୀ ତହସିଲଦାର ତଥା ସହକାରୀ ଗ୍ରାମାଞ୍ଚଳ ଜନଗଣନା ଅଧିକାରୀ ଅମରେଶ କୁମାର ସାବତ,ସହରାଞ୍ଚଳ ଜନଗଣନା ଅଧିକାରୀ ତଥା ଆସିକା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କିଟ ବଣ୍ଟନ କରାଯାଇଛି । ଆମର ଜନ ଗଣନା ଆମର ବିକାଶ ପାଇଁ ଆମେ ସମସ୍ତେ ମିଳି ମିଶି କାମ କଲେ ଜନ ଗଣନା ସଠିକ ହେବ । ଜନ ଗଣନା କାର୍ଯ୍ୟକ୍ରମ କୁ ଅଧିକ ସରଳ, ସୁରକ୍ଷିତ, ଏବଂ ଡିଜିଟାଲ ସୁବିଧା ନିମନ୍ତେ ସ୍ୱ ଗଣନା କାର୍ଯ୍ୟ ଶେଷ ହୋଇଛି । ମୋ ଗଣନା ଦେଶର ବିକାଶ ପାଇଁ କାର୍ଯ୍ୟ କରିବା ବୋଲି ଉପସ୍ଥିତ ଅଧିକାରୀ କହିଥିଲେ। ଆଜି ଆସ୍କା ସହର ପାଇଁ ୫୧ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଓ ୦୬ ଜଣ ସୁପରଭାଇଜର, ସେହିଭଳି ବ୍ଲକ ନିମନ୍ତେ ୨୪୭ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ୩୯ ଜଣ ସୁପରଭାଇଜର ଙ୍କୁ ଏହି କିଟ ପ୍ରଦାନ କରାଯାଇଥିଲା। ଏଥିରେ ଶିକ୍ଷକ ରାମ ନାଥ ପଟନାୟକ, ସିଇଓ ମାନସୀ ରାଣୀ ସାହୁ, ଶିକ୍ଷକ ଶିବ ଶଙ୍କର ଜେନା, ତହସିଲ ସୁପରଭାଇଜର ସୁନୀଲ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।

## ପି.ଡବ୍ଲ୍ୟୁ.ଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ




କାଶୀନଗର(ନିପ୍ର): କାଶୀନଗର ପି.ଡବଲ.ଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ସହ ପ୍ରଶସ୍ତ କରଣ ନିମନ୍ତେ କାଶୀନଗର ରାଜସ୍ୱ ବିଭାଗ ତରଫରୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ (ରାସ୍ତାର ମଝିରୁ ୩୦ ଫୁଟ) ଦୁଇ ପାର୍ଶ୍ୱରେ ଯେଉଁ ବସଗୃହ ବା ବ୍ୟବସାୟିକ ପ୍ରତିଷ୍ଠାନମାନେ ନିଜ ଦାଖଲରେ କବଜା କରି ରଖିଛନ୍ତି ସେ ସବୁ ଚିହ୍ନଟ କରାଯାଉଛି। କାଶୀନଗର ତହସିଲଦାର ସୁଧୀର କୁମାର ନନ୍ଦ ତଥା ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କେ ଦିବ୍ୟ ରଞ୍ଜନଙ୍କ ନିର୍ଦ୍ଦେଶ କ୍ରମେ କବଜା ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇ ଖୁବ ଶୀଘ୍ର ଜବର ଦାଖଲ ଉଚ୍ଛେଦ କରବା ସହ ଡ୍ରେନ ନିର୍ମାଣ କରି ରାସ୍ତା ପ୍ରଶସ୍ତି କରଣ କରାଯିବ ବୋଲି ସୂଚନା ଦେଇ ଥିଲେ।

### ନଦୀର ବାସ୍ତବ ଚିତ୍ର ଅନୁଧ୍ୟାନ

## କୁଶଭଦ୍ରା ବଞ୍ଚାଅ ପକ୍ଷରୁ ଆନ୍ଦୋଳନ ଚେତାବନୀ

ନିମାପଡ଼ା, (ନି.ପ୍ର.): ନିମାପଡ଼ାରେ କୁଶଭଦ୍ରା ନଦୀକୁ ଚିରସ୍ରୋତା କରିବା ପାଇଁ କୁଶଭଦ୍ରା ବଞ୍ଚାଅ ଅଭିଯାନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଂଜନ ରାଉତରାୟ, ଅଭିଯାନ କାର୍ଯ୍ୟବାହି ବିଜୟାନନ୍ଦ ଦାଶ, ଉପଦେଷ୍ଟା ରଂଜିତ ରଥ, ଅଜୟ ମିଶ୍ରଙ୍କ ସମେତ ଅନେକ ଯୁବ ସାଥୀ କୁଶଭଦ୍ରା ନଦୀର ଉତ୍ପତି ସ୍ଥଳ ବାଲିଅନ୍ତା ଠାରେ ପହଂଚି ବାସ୍ତବ ଚିତ୍ର ଅନୁଧ୍ୟାନ କରି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କୁଆଖାଇ ମୁହାଁଣରୁ କୁଶଭଦ୍ରାର ବାସ୍ତବ ଚିତ୍ର ସଂପର୍କରେ ଜଳ ସଂପଦ ବିଭାଗ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରି କୁଶଭଦ୍ରାକୁ ଚିରସ୍ରୋତା କରିବା ପାଇଁ ଦାବି ଜଣାଇଥିଲେ। ନିମାପଡ଼ା, ଗୋପ, ପୁରୀ ସଦର, ବାଲିଅନ୍ତା, ବାଲିପାଟଣା ବ୍ଲକ୍‌ର ଲକ୍ଷ ଲକ୍ଷ ଜନସାଧାରଣ କୁଶଭଦ୍ରା ନଦୀର ପୁନଃରୁଦ୍ଧାର ସହ ଚିରସ୍ରୋତା ପାଇଁ ଅନେକ ସମୟରେ ଆନ୍ଦୋଳନ କରିଥିଲେ ମଧ୍ୟ ତାହା ଅଦ୍ୟାବଧି ସଫଳ ହୋଇ ନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ବାଲିଅନ୍ତା




ଠାରୁ ଭିଙ୍ଗାରପୁର (୮ କି.ମି.) ପର୍ଯ୍ୟନ୍ତ ୧୦୦ ମିଟର ଚଉଡ଼ାରେ ଖନନ କରାଇବା ପାଇଁ ଦାବି କରାଯାଇଥିଲା । କୁଶଭଦ୍ରା ନଦୀର ତଳ ମୁଣ୍ଡ ପର୍ଯ୍ୟନ୍ତ ପାଣି ଯିବା, ଭୂତଳ ଜଳସ୍ତର ହ୍ରାସ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । କୁଶଭଦ୍ରାରେ ପାଣି ଆସିଲେ ଚାଷୀ ଓ କୃଷକଙ୍କ ସମସ୍ୟା ସମାଧାନ ସହିତ ମତ୍ସ୍ୟଜୀବୀମାନେ ଉପକୃତ ହୋଇପାରିବେ ବୋଲି ଅଭିଯାନ ପକ୍ଷରୁ ମତ ପ୍ରକାଶ ପାଇଥିଲା । କୁଶଭଦ୍ରା ଖନନ ସହ ନଦୀରେ ପାଣି ଆସିବା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ ।

## ସାଂସ୍କୃତିକ ଓ ପାଇକ ଆଖଡା ନୃତ୍ୟରେ ଦର୍ଶକ ବିଭୋର

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତ ଦେଉଳପଡା ଠାରେ ସୋମବାର ଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ବାଲିଯାତ୍ରା (ପଣାଯାତ୍ରା)ର ଦ୍ୱିତୀୟ ଦିବସ ଥିଲା । ଏହି ଦିବସରେ ଯାତ୍ରା ପଡ଼ିଆରେ ବିଭିନ୍ନ



ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଞ୍ଚଳର ସମରକଳା ପାଇକ ଆଖଡା, ଲୋକନୃତ୍ୟ ଭାରତ ଲୀଳା, ସଂକୀର୍ତ୍ତନ କଳାକାର ମାନଙ୍କ ଦ୍ୱାରା ପଦର୍ଶିତ ହୋଇଥିଲା । ଏହି ଦ୍ୱିତୀୟ ବାଲିଯାତ୍ରାର ଗୋଟିଏ ସ୍ୱତନ୍ତ୍ରତା ରହିଛି ଯାହା ଓଡ଼ିଶାର କୌଣସି ଯାତ୍ରାରେ ଏଭଳି ପରିଲକ୍ଷିତ ହୋଇନଥାଏ । ବିଭିନ୍ନ ଦୋଳ, ପଞ୍ଚଦୋଳ, ସପ୍ତଦୋଳ, ଦଶଦୋଳ ଆଦି ବିଭିନ୍ନ ଯାନିଯାତ୍ରା ସମୟରେ ଠାକୁରମାନେ ଯାତ୍ରା ପଡ଼ିଆକୁ ଆସି ନିଜ ନିଜ ଆସ୍ଥାନରେ ଅବସ୍ଥାନ କରିଥାନ୍ତି । ଉକ୍ତ ସ୍ଥାନ ମାନଙ୍କରେ ଅନ୍ନ ଭୋଗ ହୋଇନଥାଏ । ଏହି ଦ୍ୱିତୀୟ ବାଲିଯାତ୍ରାକୁ ଆସୁଥିବା ଠାକୁର ମାନେ ପ୍ରତ୍ୟହ ସକାଳ ୭ଟାରୁ ମନ୍ଦିର ପରିସରରେ ଥିବା ଏକ ସ୍ୱତନ୍ତ୍ର କୋଠରୀ ମଧ୍ୟରେ ଭିନ୍ନ ଭିନ୍ନ ଭାବେ ଅବସ୍ଥାନ କରିଥାନ୍ତି । ଏହି ସ୍ଥାନରେ ପ୍ରତିଦିନ ମନ୍ଦିରରେ ହେଉଥିବା ଅନ୍ନ ନୀତି ଭୋଗ ହୋଇଥାଏ । ଠାକୁର ମାନଙ୍କର ପ୍ରତିଦିନ ଭଳି ଉକ୍ତ ସ୍ଥାନରେ ନୀତିଭୋଗ ସମର୍ପଣ ହୋଇଥାଏ । ସନ୍ଧ୍ୟା ୭ଟାରୁ ପୁନର୍ବାର ଯାତ୍ରା ପଡ଼ିଆ ଆସ୍ଥାନରେ ବିଜେ ହୋଇଥାନ୍ତି । ଯାହା ଅନ୍ୟ କୌଣସି ସ୍ଥାନରେ ପରିଲକ୍ଷିତ ହୋଇନଥାଏ । ବିଶୃଙ୍ଖଳା ସମ୍ପର୍କରେ ଜାଣିବା ପାଇଁ ଯାତ୍ରା ପଡ଼ିଆର ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଛି । ପରିଚାଳନା କମିଟିର ଏକ କାର୍ଯ୍ୟ ନିର୍ଘଣ୍ଟ କରାଯାଇ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି । ଉକ୍ତ ପଣା ଯାତ୍ରା ମହୋତ୍ସବକୁ ବ୍ଲକ, ଜିଲ୍ଲା, ରାଜ୍ୟ ପ୍ରଶାସନ ସହିତ ଲୋକପ୍ରତିନିଧି ମାନଙ୍କୁ ନିମନ୍ତ୍ରଣ କରାଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପଡ଼ିଆର ସାମଗ୍ରିକ ସ୍ୱଚ୍ଛତା ଉପରେ କଡା ନଜର ରଖିଛନ୍ତି । ବେପରୁଆ ଗାଡି ଚାଳକମାନଙ୍କୁ କୃଷ୍ଣପ୍ରସାଦ ପୋଲିସ ତାଗିଦ କରୁଥିବା ଜଣାଯାଇଛି । ଯାତ୍ରା ପଡ଼ିଆରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଏହି ଉତ୍ସବକୁ ୩୫ ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲ୍ଲୀପ କୁମାର ଦାଶ ପରିଚାଳନା କରୁଥିବା ବେଳେ ୧୪୭ ଜଣ ସଦସ୍ୟ ସହଯୋଗ କରୁଛନ୍ତି।

## ଭୂମିକାର ବିଷୁବୋତ୍ସବ-୨୦୨୬

ବଲାଙ୍ଗିର,(ନିପ୍ର): ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ 'ଭୂମିକା'ର ପ୍ରତିଷ୍ଠାତା ଛନ୍ଦାଚରଣଙ୍କ ସ୍ମରଣେ ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲ ପରିସରରେ ବିଷୁବୋତ୍ସବ ହୋଇଯାଇଛି । ଭୂମିକାର ସଭାପତି ଅଖିଳ ଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ନିମନ୍ତ୍ରୀତ କବି ଭାବରେ ପ୍ରମୁଖ ନିଜସ୍ୱ କବିତା ଆବୃତ୍ତି କରିଥିଲେ । ସେହିପରି ନିମନ୍ତ୍ରିତ ଗାଳ୍ପିକ ଏବଂ ଗଳ୍ପ ପାଠ କରିଥିଲେ । କଥା ଓ କବିତା କାର୍ଯ୍ୟକ୍ରମକୁ କବି ବିଜୟ ତ୍ରିପାଠୀ ସଂଯୋଜନା କରିଥିଲେ। ତେବେ ଶ୍ରୋତାମାନେ କବିତା ଓ ଗଳ୍ପ ଶୁଣି ମନ୍ତ୍ରମୁଗ୍ଧ ହୋଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭ ନାଦ ନିକୁଞ୍ଜର କୁନି କଳାକାର ଦ୍ୱାରା ମଙ୍ଗଳା ଚରଣ ପରିବେଷିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ କବି ଡ଼ ମଞ୍ଜୁବାଳା ପଣ୍ଡାଙ୍କୁ 'ଭୂମିକା ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନର ପ୍ରତ୍ୟୁତ୍ତରରେ ସେ କହିଥିଲେ ଯେ ମୁଁ ଆଜି ଉଲ୍ଲାସ ରେ କଣ୍ଠ ରୁଦ୍ଧ ହୋଇ ଯାଉଛି, ମୁଁ ବହୁତ ପଢୁ ଥିଲି ସେଥିପାଇଁ ବୋଧେ ମୁଁ ଡାକ୍ତର ହୋଇ ମୋ ଭିତରେ ସେ ସମ୍ବେଦନ ଶୀଳ ହୋଇ ଲେଖିପାରୁଛି ଓ ରୋଗୀ ଦେଖୁଛି । ଅନୁଷ୍ଠାନର ସମ୍ପାଦକ ଶକ୍ତିଦତ୍ତ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶେଷରେ ଭୂମିକାର ଉପ ସଭାପତି ନିଗମାନନ୍ଦ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନ ପ୍ରଦାନ ବେଳେ ଭୂମିକାର ଉପଦେଷ୍ଟା ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ଓ ଭୂମିକା ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଆଇନ ମନ୍ତ୍ରୀଙ୍କ କାକଟପୁର ପରିଦର୍ଶନ

କାକଟପୁର (ନିପ୍ର): ଆଜି କାକଟପୁର ଅଧିଷ୍ଠାତ୍ରୀ ଦେବୀ ମଙ୍ଗଳମୟୀ ମା ମଙ୍ଗଳାଙ୍କୁ ରାଜ୍ୟ ଆଇନ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସରକାରୀ ଗସ୍ତରେ ଆସି ମା ମଙ୍ଗଳାଙ୍କୁ ଦର୍ଶନ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ଉପଦେଷ୍ଟା କମିଟି ସଦସ୍ୟ, ସେବକ ସମିତି ଉପ ସଭାପତି କମଳ ଲୋଚନ ଦୀକ୍ଷିତ,ପବିତ୍ର କୁମାର ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ ପୁଷ୍ପ ଗୁଚ୍ଛ ଦେଇ ନିମନ୍ତ୍ରଣ କରିବା ସହିତ ମନ୍ଦିର ଭିତରକୁ ନେଇ ଦର୍ଶନ କରାଇ ଥିଲେ, ତାଙ୍କ ସହିତ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଉପାଧ୍ୟକ୍ଷ ସ୍ୱାଧୀନ ନାୟକ,ଏସ ଟି ସେଲର



ଅଧ୍ୟକ୍ଷ ବାଇଧର ମଲ୍ଲିକ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଉପଜିଲ୍ଲାପାଳ ରାଜକିଶୋର ଜେନା,ଦଇତାପତି ନିଯୋଗର କର୍ମକର୍ତ୍ତା ରାମକୃଷ୍ଣ ଦାସ ମହାପାତ୍ର ପ୍ରମୁଖ ଆଇନମନ୍ତ୍ରୀଙ୍କ ସହ ସୌଜନ ମୂଳକ ସାକ୍ଷାତ ଆଲୋଚନା କରିବା ପରେ ଟ୍ରଷ୍ଟ ବୋର୍ଡ ଅଫିସ ଠାରେ ଓବିସିସି ପକ୍ଷରୁ ମନ୍ଦିର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ବହୁ ଜଲଦି ମଙ୍ଗଳା ମନ୍ଦିର ନୂଆ ରୂପରେଖ ଦିଆଯିବ ବୋଲି ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ।

## 'ମୋ ଆଶା' ସଂଖ୍ୟା ଉନ୍ମୋଚିତ ସପ୍ତାହବ୍ୟାପୀ ବିକାଶ କର୍ମଶାଳା ଉଦ୍‌ଘାଟିତ

ନିମାପଡ଼ା,(ନି.ପ୍ର.): ଅନ୍ୟତମ ସାମାଜିକ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ୨୪ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୁନି କୁନି ପିଲାମାନେ ଗୀତ, ଗଳ୍ପ, ବକ୍ତୃତା, କବିତା ଆବୃତି ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ଡ଼ଃ ରବୀନ୍ଦ୍ର ନାଥ ପାଢ଼ୀ, ଶିଶୁ ମନ୍ଦିର ସଂପାଦକ ରମେଶ ସ୍ୱାଇଁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଂଜୟ ପ୍ରଧାନ, ଶିକ୍ଷକ ବିମ୍ବାଧର ସାହୁ ପ୍ରମୁଖ ଯୋଗ ଦେଇ ସାଧୁତା, ସଚ୍ଚୋଟତା ବଜାୟ ରଖି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ 'ମୋ ଆଶା'ର ଗ୍ରୀଷ୍ମ ସଂଖ୍ୟା ଉନ୍ମୋଚନ କରାଯାଇଥିଲା । ଶିଶୁ ଶିଳ୍ପୀ ଶୁଭମ ମିଶ୍ର, ସ୍ୱୟଂ ସ୍ନିଗ୍ଧା ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯିବା ସାଙ୍ଗକୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା।

ତିଥି :(ଚତୁର୍ଦ୍ଦଶୀ): (ଉତ୍ତରଭାଦ୍ର କୁମ୍ଭ)
ଅମୃତ ବେଳା: ଦ୍ଵିବା ଘ ୧।୧୨ ଗତେ ଘ ୩।୩୬ ମଧ୍ୟେ

## ଆଜିର ଅନୁଚିନ୍ତନ

ମୁଁ ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଏବଂ ପ୍ରାଣୀମାନଙ୍କର ଚେତନା ଅଟେ।। - ଶ୍ରୀମଦ୍ ଭଗବଦ୍ ଗୀତା

## ଭାରତ ପ୍ରତି ଆକର୍ଷଣ

ଜଣେ ଶକ୍ତିଶାଳୀ ମଧ୍ୟସ୍ଥର ଭୂମିକା ମଧ୍ୟପ୍ରାଚ୍ୟ ଯୁଦ୍ଧ କ୍ଷେତ୍ରରେ ଏବେ ଅତ୍ୟନ୍ତ ଜରୁରୀ। ଉଭୟପକ୍ଷଙ୍କୁ ମନାଇବାରେ ଓ ଆବଶ୍ୟକ ସ୍ଥଳେ ସର୍ତ୍ତଗୁଡ଼ିକୁ କାର୍ଯ୍ୟକାରୀ କରାଇବାରେ ସହାୟକ ହୋଇଥାନ୍ତି ଏପରି ମଧ୍ୟସ୍ଥ, ଏହା ସର୍ବଜନବିଦିତ। ପାକିସ୍ତାନ ଦେହରେ ଆତଙ୍କବାଦୀ ରାଷ୍ଟ୍ରର ମୋହର ଅନ୍ତର୍ଜାତୀୟ ସ୍ତରରେ ଥିବାବେଳେ ନିଜକୁ ଉଲେଇ ଦେଖାଇବା ପାଇଁ ମଧ୍ୟସ୍ଥ ଭୂମିକା ଗ୍ରହଣ କରିଥିଲେ ହେଁ ତାହା ବ୍ୟର୍ଥ ହୋଇଛି। ପାକିସ୍ତାନ ପାରିବନାହିଁ ବୋଲି ଆଶଙ୍କା ଆଲୋଚନା ପୂର୍ବରୁ କରାଯାଉଥିଲା। ତାହା ଆଲୋଚନା ପରେ ସତ ହୋଇଛି। ଆମେରିକାର ସର୍ତ୍ତ ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ବନ୍ଦ କରିବା ଲାଗି ପ୍ରତିଶ୍ରୁତି ଦେଉ, ବିନା ଶୁଳ୍କରେ ହର୍ମୁଜ ଖୋଲା ରଖୁ। ଅପରପକ୍ଷେ ଇରାନର ଦାବି ହର୍ମୁଜରେ ଜାହାଜ ଚଳାଚଳ କରୁ, ମାତ୍ର ଆମକୁ ଟିକସ ମିଳୁ। ବେସାମରିକ ପରମାଣୁ କାର୍ଯ୍ୟକ୍ରମ ଲାଗି ଅନୁମତି ଦିଆଯାଉ। ଇରାନ ଉପରେ ଥିବା ସମସ୍ତ କଟକଣା ହଟୁ ଇତ୍ୟାଦି।

ଏକଥା ସତ ଯେ ହର୍ମୁଜକୁ ସଂପୂର୍ଣ୍ଣ ଅବରୋଧ ଘୋଷଣା ଆମେରିକା ଯେଉଁ ଦିନଠୁ ଆରମ୍ଭ କରିଛି ତାହା ପରଠାରୁ ବିଶ୍ୱରେ ସର୍ବତ୍ର ଆଶଙ୍କା ବଢିଛି। ଏହି ଆଶଙ୍କା କେବଳ ସାମରିକ ସଂଘର୍ଷର ନୁହେଁ, ଅଧିକନ୍ତୁ ବିଶ୍ୱ ଅର୍ଥନୀତି, ବିଶେଷ କରି ଶକ୍ତିବଜାର ଭୟଙ୍କର ଭାବରେ ଆଗକୁ କ୍ଷତିଗ୍ରସ୍ତ ତଥା ପ୍ରଭାବିତ ହେବା ସଂକ୍ରାନ୍ତରେ। ପ୍ରାଚ୍ୟ ଓ ବିଶ୍ୱ ଅର୍ଥନୀତିର ସ୍ଥିରତା ପାଇଁ ଯୁଦ୍ଧର ଅନ୍ତ ଘଟିବା ବିଶ୍ୱ ସମୁଦାୟ ଚାହାନ୍ତି। ଏପରିକି ରାଷ୍ଟ୍ରପତି ଭ୍ଲାଦମିର ପୁଟିନ, ଆମେରିକା-ଇରାନ ଶାନ୍ତି କଥାବାର୍ତ୍ତାରେ ମଧ୍ୟସ୍ଥତା କରିବା ଲାଗି ନିଜ ଆଡୁ ଆଗ୍ରହୀ ହୋଇ ପ୍ରସ୍ତାବ ରଖିଛନ୍ତି। ନିକଟରେ ଭାରତର ପ୍ରଧାନମନ୍ତ୍ରୀ ମୋଦି ଓ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ୪୦ ମିନିଟ୍ ଧରି କଥାବାର୍ତ୍ତା କରିବା ପରେ ଭାରତ ମଧ୍ୟସ୍ଥ ହେଲେ ସ୍ୱାଗତ କରିବୁ ବୋଲି ଟ୍ରମ୍ପ କହିଥିବା ବିଷୟ ନୂଆଦିଲ୍ଲୀର ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ବିବୃତି ରଖିଛନ୍ତି। ଯାହାକି ଅନ୍ତର୍ଜାତୀୟସ୍ତରରେ ଆମେରିକାର ଭାରତ ପ୍ରତି ଅତୁଟ ବିଶ୍ୱାସ ତଥା ଆସ୍ଥା ପ୍ରତିଫଳିତ ହୋଇଛି, ଏହା ନିଶ୍ଚିତ ଭାବରେ କୁହାଯାଇପାରିବ। ଏବେ ମଧ୍ୟସ୍ଥତାର ହାତ ଚୀନ ମଧ୍ୟ ବଢାଇଛି। ଯୁଦ୍ଧର ସ୍ଥାୟୀ ସମାଧାନ ପାଇଁ ଏହି ରାଷ୍ଟ୍ର ୪ସୂତ୍ରୀ ଶାନ୍ତିପ୍ରସ୍ତାବ ରଖିଛି। ତାହା ମଧ୍ୟରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସୂତ୍ରୀ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅର୍ଥାତ୍ ସମସ୍ତ ପକ୍ଷ ଶାନ୍ତିପୂର୍ଣ୍ଣ ଭାବରେ ରୁହନ୍ତୁ।

ଯୁଦ୍ଧର ଅନ୍ତ ଘଟୁ, ସମଗ୍ର ବିଶ୍ୱବାସୀଙ୍କ ଆକାଂକ୍ଷା ରହିଥିବା ବେଳେ ବଲିଉଡ ଫିଲ୍ମ 'ଓମ୍ ଶାନ୍ତି ଓମ'ରେ ଅଭିନେତା ଶାହାରୁଖ ଖାନଙ୍କ ସଂଳାପ 'ଅଭି ତୋ ସିରଫ ଟ୍ରେଲର ହେ଼, ପିକ୍‌ଚର ଅଭି ବି ବାକି ହେ଼', ଇରାନର ବାଣିଜ୍ୟିକ ଦୂତାବାସ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏପରି କୁହାଯାଇଛି। ଏପରି କୁହାଯିବା କେବଳ ନିର୍ବୋଧତା ନୁହେଁ, ଅଧିକନ୍ତୁ ଖୁବ୍ ପିଲାଳିଆମି। ନଇ ମଝିକୁ କୁମ୍ଭୀର ଭିଡ଼ି ନେଇ ଖ୍ରନଭିନ କଲାଣି, ଇରାନ ସଂଯମତା କ'ଣ ତାହା ବୁଝୁନାହିଁ। ସଂଯମତା ଅବଲମ୍ବନ ନ କଲେ ଆଗକୁ ବିପଦ ହିଁ ବିପଦ। ତାହା ଏହି ରାଷ୍ଟ୍ର ପ୍ରତି ବୁଝିବା ଦରକାର।

ଅନ୍ତର୍ଜାତୀୟ ସମୁଦାୟ ଯୁଦ୍ଧ ବନ୍ଦ ନେଇ ଯେଉଁ ଆଶା ରଖିଛନ୍ତି, ଆଲୋଚ୍ୟ ଯୁଦ୍ଧ ବିରତି ସମୟରେ ଚୀନ ଓ ରୁଷକୁ ଶାନ୍ତି କଥାବାର୍ତ୍ତା ପାଇଁ ସୁଯୋଗ ଦିଆଯିବା ଉଚିତ। ଯଦି ବିବାଦ ତୁଟି ନ ପାରିବ ତେବେ ଆମେରିକା ଭାରତକୁ ଏନେଇ ନିମନ୍ତ୍ରଣ କରୁ। ଆମେରିକା ଭାରତକୁ ନିମନ୍ତ୍ରଣ କଲେ ବିଶ୍ୱବାସୀ କେବେହେଲେ ଆଶଙ୍କିତ ହେବେନାହିଁ, ବରଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି ଯେଉଁ ଆଶା ଓ ବିଶ୍ୱାସ ସ୍ଥାପନ କରିବେ, ତାହା ନିଶ୍ଚୟ ସମାଧାନ ଆଡ଼କୁ ନେଇଯିବ, ଏପରି ପ୍ରତ୍ୟୟ ସୃଷ୍ଟି ହୋଇଛି।

## ଚାଲ ଫେରିବା ଗାଁକୁ

ଗଙ୍ଗାଧର ସାମଲ

ଗ୍ରାମାଞ୍ଚଳ ଓ ଗ୍ରାମ୍ୟ ଜୀବନ କାହାକୁ ଆକୃଷ୍ଟ ନ କରେ । ମୋ ଜନ୍ମସ୍ଥାନଟି ହେଉଛି ରାଜ୍ୟର ଉପକୂଳବର୍ତ୍ତୀ ବ୍ରାହ୍ମଣୀ ନଦୀ କୂଳ ଆଳି ମାଣିକପାଟଣା। ଗାଁଦିନର ସ୍ମୃତି ଅନେକ, ନଈରେ ଡିଆଁ, ସାଙ୍ଗସାଥୀଙ୍କ ସହ କୁସ୍ତିକସରତ ଓ ପିଲାଦିନର ସ୍ମୃତିକୁ କିଏ ବା ଭୁଲି ପାରିବ ? ଗାଁ ଦିନର ଅନୁଭୂତି କେତେ ଯେ ମୂଲ୍ୟବାନ ଆମକୁ ଗତ ମହାମାରି ସମୟରେ ଏହାକୁ କେବଳ ହୃଦୟଙ୍ଗମ କରିନଥିଲୁ, ମର୍ମେ ମର୍ମେ ବୁଝି ଥିଲୁ। ଗ୍ରାମାଞ୍ଚଳର ସୁନ୍ଦର ପରିବେଶ, ସରଳ ଜନଜୀବନ, ପରମ୍ପରା ଓ ଚଳଣୀ ପାଇଁ ତ କବି ଓ ଭାବୁକମାନେ ପାଗଳ । ସୁପ୍ରସିଦ୍ଧ ଇଂରେଜ କବି ଉଇଲିୟମ ଓ୍ୱାର୍ଡ଼ସ୍‌ଓ୍ୱର୍ଥ ପ୍ରାଚୁର୍ଯ୍ୟଭରା କେମ୍ବ୍ରିଜ୍ ଛାଡ଼ି ସାରା ଜୀବନ କଟାଇ ଦେଇଥିଲେ ନିଜର ଜନ୍ମସ୍ଥାନ କିମ୍ବରଲ୍ୟାଣ୍ଡରେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଗ୍ରାମବାସୀଙ୍କ ସହ ରହିଥିଲେ । ଯଦି ଭାରତ କଥା ବିଚାର କରାଯାଏ ତେବେ ମହାତ୍ମାଗାନ୍ଧୀ ଯଥାର୍ଥରେ କହିଥିଲେ ଭାରତର ଆତ୍ମା ରହିଛି ଭାରତର ଗାଆଁ ଗୁଡ଼ିକରେ । ଗାଆଁର ବିକାଶ ବିନା ଦେଶର ଅଗ୍ରଗତି ଅସମ୍ଭବ । ତେଣୁ ଦେଶ ସ୍ୱାଧୀନ ହେବା ପରଠାରୁ ଏପର୍ଯ୍ୟନ୍ତ ଭାରତୀୟ ଗ୍ରାମଞ୍ଚଳ ଦେଶର ଅର୍ଥନୈତିକ ମାନଦଣ୍ଡକୁ ନିର୍ଦ୍ଧାରିତ କରୁଛି ।

ଓଡ଼ିଶାର ଗ୍ରାମାଞ୍ଚଳର ପରିସ୍ଥିତି ଅନୁଧ୍ୟାନ କଲେ ଏହାର ଦୁଇଟି ପାର୍ଶ୍ୱ ଦେଖିହୁଏ। ଗ୍ରାମାଞ୍ଚଳଗୁଡ଼ିକର ପରିବର୍ତ୍ତିତ ରୂପ ସାମ୍ନାକୁ ଆସେ । ଏହି ପରିବର୍ତ୍ତିତ ରୂପ ହେଉଛି ପୁରୁଣା ସହ ନୂଆର ମିଳନ । ଧୀରେ ଧୀରେ ପୁରୁଣା ହିଁ ବାଟଛାଡ଼ି ଦେଉଛି ନୂଆକୁ । ଏହି ନୂଆ ହେଉଛି ଆଧୁନିକତା । ଦ୍ରୁତ ସହରୀକରଣ ଚାଲିଛି ଗ୍ରାମାଞ୍ଚଳଗୁଡ଼ିକରେ । ସହରର ଆଦକ୍ କାଇଦା ଚାଲିଚଳଣକୁ ଗ୍ରାମବାସୀମାନେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ସହର ଓ ଗ୍ରାମ ମଧ୍ୟରେ ଥିବା ସୂଚନା ବ୍ୟବଧାନ ଧୀରେ ଧୀରେ କମ୍ ହେବାକୁ ଲାଗିଲାଣି । ଆଜି ଓଡ଼ିଶାର ଗ୍ରାମାଞ୍ଚଳରେ ଟେଲିଫୋନ୍ ସେବା, ମୋବାଇଲ୍ ଫୋନ୍ ସେବା, ଇଣ୍ଟରନେଟ୍ ସେବା ଉପଲବ୍ଧ । ସହରର ମୌଳିକ ଭିତ୍ତିଭୂମି ସହ ସମକକ୍ଷ ହେବାକୁ ହେଲେ ଗ୍ରାମାଞ୍ଚଳଗୁଡ଼ିକୁ ବହୁବର୍ଷ ଲାଗିଯିବ ସତ, କିନ୍ତୁ ଯେଉଁ ହାରରେ ଦ୍ରୁତ ପରିବର୍ତ୍ତନ ହେଉଛି ଖୁବ୍ ଶୀଘ୍ର ରୂପରେଖ ବଦଳିଯିବ ଗ୍ରାମାଞ୍ଚଳର । ସମାଜ ଶାସ୍ତ୍ରୀଙ୍କ କହିବା ଅନୁସାରେ, ସହରୀକରଣକୁ ରୋକିବା ଅସମ୍ଭବ ।

ବର୍ତ୍ତମାନ ଓଡ଼ିଶାର ପ୍ରାୟ ଅଧିକାଂଶ ଗ୍ରାମରେ ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାର ଗ୍ରାମ ଗୁଡ଼ିକରେ ଆଧୁନିକ ପଦ୍ଧତିରେ କୃଷି କାର୍ଯ୍ୟ ହେଉଥିବାର ଦେଖାଯାଉଛି । ହଳଲଙ୍ଗଳ ସ୍ଥାନରେ ଟ୍ରାକ୍ଟର ଓ ପାଓ୍ୱାର୍ ଟିଲର୍ ବ୍ୟବହାର କରାଯାଉଛି । ଲୋକେ ଅଳ୍ପ ସମୟରେ ମଧ୍ୟ କରି ପାରୁଛନ୍ତି । ଫଳରେ ନିଜ ନିଜର ଆର୍ଥିକ ସ୍ଥିତିକୁ ସେମାନେ ବଦଳାଇ ପାରୁଛନ୍ତି । ବହୁଚାଷୀ କହୁଛନ୍ତି ଯେ ଆଗରୁ ସେମାନେ ଚାଷକାର୍ଯ୍ୟ କରୁଥିଲେ ହଳଲଙ୍ଗଳ ଦ୍ୱାରା । କଠିନ ପରିଶ୍ରମ ମଧ୍ୟ କରିବାକୁ ପଡୁଥିଲା । ଅଧିକ ଜମି ତାଙ୍କ ପାଖରେ ନଥିବାରୁ ଚାଷରୁ ସେମାନେ ଆଶାନୁରୂପ ଲାଭ ପାଇପାରୁ ନଥିଲେ । କିନ୍ତୁ ଏବେ ଟ୍ରାକ୍ଟର ଦ୍ୱାରା ଚାଷକାର୍ଯ୍ୟ କରୁଥିବାରୁ ତାଙ୍କର ଯଥେଷ୍ଟ ସମୟ ବଞ୍ଚିପାରୁଛି । କେହି କେହି ଦୋକାନ ମଧ୍ୟ ଖୋଲି ପାରିଛନ୍ତି । ଚାଷବାସ ସାଙ୍ଗକୁ ଦୋକାନ । ସେମାନଙ୍କର ଆୟ ବଢ଼ିଛି । ପିଲାମାନଙ୍କୁ ପ୍ରାଇଭେଟ୍ ସ୍କୁଲରେ ପଢ଼ାଇବାକୁ ସକ୍ଷମ ହୋଇ ପାରିଛନ୍ତି । ଓଡ଼ିଶାର ଶତକଡ଼ା ୮୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । ତଥାପି ଗ୍ରାମାଞ୍ଚଳରେ ସରକାରଙ୍କ ବିଭିନ୍ନ ବିକାଶୋନ୍ମୁଖୀ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଆନୁଷଙ୍ଗିକ କର୍ମପନ୍ଥା ମଧ୍ୟ ଉପଲବ୍ଧ ହୋଇପାରୁଛି କେତେକ ଗ୍ରାମରେ । ଏବେ ଅଧିକାଂଶ ଗ୍ରାମର ଛକ ଜାଗା ଗୁଡ଼ିକରେ ଅତିକମ୍‌ରେ ଏସ୍‌ଟିଡ଼ି ବୁଥ୍ ଓ କୋଲଡ୍‌ଡ୍ରିଙ୍କ୍‌ସ ଦୋକାନ ଦେଖିବାକୁ ମିଳୁଛି । ଗ୍ରାମାଞ୍ଚଳର ଉତ୍ପାଦନଗୁଡ଼ିକୁ ଖୁବ୍‌ଶୀଘ୍ର ଦୂରଦୂରାନ୍ତକୁ ପଠାଯାଇ ପାରୁଛି । ଗ୍ରାମାଞ୍ଚଳର ଯୁବକଯୁବତୀମାନେ ମଧ୍ୟ ସହରୀ ଫେସନ୍‌କୁ ଆପଣାର କରି ନେଇଥିବା ଦେଖାଯାଉଛି । ଲାଟେଷ୍ଟ ଫେସନ୍ ଟ୍ରେଣ୍ଡ ସହ ସେମାନେ ବେଶ୍ ଭଲଭାବରେ ପରିଚିତ । ଗ୍ରାମାଞ୍ଚଳର ସ୍କୁଲକଲେଜ ଗୁଡ଼ିକରେ ମଧ୍ୟ ଆଧୁନିକତାର ଛାପ ଦେଖିବାକୁ ମିଳୁଛି ।

**(ପ୍ରଥମ ଭାଗ)**

କଟକ, ମୋ : ୮୩୨୮୯୪୮୬୪୩

## ନିଶାମୁକ୍ତ ଓଡ଼ିଶା: ସ୍ୱପ୍ନ ନୁହେଁ, ଏହା ଆମର ସଂକଳ୍ପ

ଅଖିଳ ତରାଇ

"ଆଜିର ଯୁବପିଢ଼ି ପାଇଁ ମଦ ଏକ 'ଫ୍ୟାଶନ' ପାଲଟିଛି। ଏଥିପାଇଁ ଚଳଚ୍ଚିତ୍ର ଏବଂ ସୋସିଆଲ ମିଡିଆର ଭୂମିକା ଅତି ନକାରାତ୍ମକ। ସିନେମାରେ ଜଣେ ଲୋକପ୍ରିୟ ନାୟକ (ହିରୋ) ମଦ ପିଇ ନାଚିବା କିମ୍ବା ପ୍ରତିକୂଳ ପରିସ୍ଥିତିରେ ମଦ୍ୟପାନକୁ ସମାଧାନ ଭାବେ ଦେଖାଇବା ଦ୍ୱାରା ଯୁବକମାନେ ତାହାକୁ ଅନୁକରଣ କରୁଛନ୍ତି। ସେମାନେ ଭାବୁଛନ୍ତି ଯେ ମଦ୍ୟପାନ କଲେ ବୋଧହୁଏ ମାନସିକ ଶକ୍ତି ମିଳେ। ଏହି ଭ୍ରାନ୍ତ ଧାରଣା ଯୁବପିଢ଼ିକୁ ପଥଭ୍ରଷ୍ଟ କରୁଛି। ଯେଉଁ ବୟସରେ ସେମାନେ ନିଜର ଭବିଷ୍ୟତ ଗଢ଼ିବା କଥା, ସେହି ବୟସରେ ସେମାନେ ନିଶା କବଳରେ ପଡ଼ି ନିଜର ଶିକ୍ଷା ଓ ସଂସ୍କାରକୁ ବଳି ଦେଉଛନ୍ତି। ବିଦ୍ୟାଳୟ ଓ କଲେଜ ପିଲାମାନଙ୍କ ପାଠପଢ଼ାରେ ଏହା ବଡ଼ ବ୍ୟାଘାତ ସୃଷ୍ଟି କରୁଛି।

ଆଜିର ଆଧୁନିକ ସମାଜରେ 'ମଦ' କେବଳ ଏକ ନିଶାଦ୍ରବ୍ୟ ହୋଇ ରହିନାହିଁ, ବରଂ ଏହା ଏକ କର୍କଟ ରୋଗ ଭଳି ସାମାଜିକ ବ୍ୟାଧି ଭାବେ କାୟା ବିସ୍ତାର କରିଛି। ଓଡ଼ିଶାର କୋଣ ଅନୁକୋଣରେ ଆଜି ମଦର ପ୍ରଳୟ ପ୍ରତିଟି ହସଖୁସିର ପରିବାରକୁ ଶ୍ମଶାନରେ ପରିଣତ କରୁଛି। ଯେଉଁ ରାଜ୍ୟର ପରିଚୟ ତାର ଉନ୍ନତ ସଂସ୍କୃତି ଓ ଶାଳୀନତା ପାଇଁ ଥିଲା, ଆଜି ସେଠାରେ ଗଳିକନ୍ଦିରେ ମଦର ଆସର ଜମୁଛି। ଏହି ବିଷବଳୟରୁ ମୁକ୍ତି ପାଇ ଏକ 'ମଦମୁକ୍ତ ଓଡ଼ିଶା' ଗଠନ କରିବା କେବଳ ଏକ ସ୍ୱପ୍ନ ନୁହେଁ, ବରଂ ଆମର ଆଗାମୀ ପିଢ଼ି ପାଇଁ ଏକ ଜରୁରୀ ଆବଶ୍ୟକତା ପାଲଟିଛି।

ପରିବାର ହେଉଛି ସମାଜର ମୂଳଦୁଆ, କିନ୍ତୁ ମଦ ଏହି ମୂଳଦୁଆକୁ ଭିତରୁ ଖୋଳି ଖାଇଲାଣି। ଜଣେ ବ୍ୟକ୍ତି ମଦ ପିଇବା ଦ୍ୱାରା କେବଳ ତାର ସ୍ୱାସ୍ଥ୍ୟ ନଷ୍ଟ ହୁଏନାହିଁ, ବରଂ ସାରା ପରିବାର ଅଶାନ୍ତିର ନିଆଁରେ ଜଳେ। ଘରେ ଘରେ ଦୈନିକ ଝଗଡ଼ା, ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ ଏବଂ ଶେଷରେ ଘରୋଇ ହିଂସା ଚରମ ସୀମାରେ ପହଞ୍ଚୁଛି। ମଦ୍ୟପାନ ଯୋଗୁଁ ଅନେକ ପରିବାରର ରୋଜଗାରକ୍ଷମ ବ୍ୟକ୍ତି ଅକାଳ ମୃତ୍ୟୁର ଶିକାର ହେଉଛନ୍ତି। ଏହି ମୃତ୍ୟୁ ପରେ ପରିବାରର ଦୁଃଖ କହିଲେ ନ ସରେ; ବୃଦ୍ଧ ପିତାମାତା ଓ ନିଷ୍ପାପ ପିଲାମାନେ ଅସହାୟ ହୋଇ ସମାଜରେ ବୋଝ ପାଲଟୁଛନ୍ତି। ମଦ ପାଇଁ ପରିବାରର ଶାନ୍ତି ଉଭେଇ ଯାଉଛି ଏବଂ ଆର୍ଥିକ ଅନଟନ ମାଡ଼ି ଆସୁଛି।

ଅତ୍ୟନ୍ତ ଦୁଃଖର ବିଷୟ ଯେ ଆଜି ଆମର ସାମାଜିକ ଉତ୍ସବଗୁଡ଼ିକ ମଦ ବିନା ଅସମ୍ପୂର୍ଣ୍ଣ ମନେହେଉଛି। ଜନ୍ମଦିନ ହେଉ, ବିବାହ ଭୋଜି ହେଉ କିମ୍ବା ଗାଁର ଯାତ୍ରା-ପର୍ବପର୍ବାଣି, ସବୁଠି ମଦର ପ୍ରାଦୁର୍ଭାବ। ପୂର୍ବରୁ ଗାଁର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଇଚାରା ଦେଖିବାକୁ ମିଳୁଥିଲା, କିନ୍ତୁ ଏବେ ସେଠାରେ ମଦୁଆଙ୍କ ହାବଭାବ ଭୟ ସୃଷ୍ଟି କରୁଛି। ଏପରିକି ଶବଦାହ ଭଳି ଶୋକାକୁଳ ପରିବେଶରେ ମଧ୍ୟ କିଛି ଲୋକ ମଦ୍ୟପାନ କରିବାକୁ ପଛାଉ ନାହାନ୍ତି। ଏହି ମଦ୍ୟପାନ ଯୋଗୁଁ ସାଙ୍ଗ-ସାଙ୍ଗ ମଧ୍ୟରେ ଝଗଡ଼ା, ଗୋଷ୍ଠୀ ସଂଘର୍ଷ ଏବଂ ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ଭଳି ଜଘନ୍ୟ ଅପରାଧ ଘଟୁଛି। ଶାନ୍ତିପ୍ରିୟ ଓଡ଼ିଶାରେ ହିଂସାର ଏହି ନୂଆ ରୂପ ପଛରେ ମଦ ହିଁ ମୁଖ୍ୟ କାରଣ।

ଆଜିର ଯୁବପିଢ଼ି ପାଇଁ ମଦ ଏକ 'ଫ୍ୟାଶନ' ପାଲଟିଛି। ଏଥିପାଇଁ ଚଳଚ୍ଚିତ୍ର ଏବଂ ସୋସିଆଲ ମିଡିଆର ଭୂମିକା ଅତି ନକାରାତ୍ମକ। ସିନେମାରେ ଜଣେ ଲୋକପ୍ରିୟ ନାୟକ (ହିରୋ) ମଦ ପିଇ ନାଚିବା କିମ୍ବା ପ୍ରତିକୂଳ ପରିସ୍ଥିତିରେ ମଦ୍ୟପାନକୁ ସମାଧାନ ଭାବେ ଦେଖାଇବା



ଦ୍ୱାରା ଯୁବକମାନେ ତାହାକୁ ଅନୁକରଣ କରୁଛନ୍ତି। ସେମାନେ ଭାବୁଛନ୍ତି ଯେ ମଦ୍ୟପାନ କଲେ ବୋଧହୁଏ ମାନସିକ ଶକ୍ତି ମିଳେ। ଏହି ଭ୍ରାନ୍ତ ଧାରଣା ଯୁବପିଢ଼ିକୁ ପଥଭ୍ରଷ୍ଟ କରୁଛି। ଯେଉଁ ବୟସରେ ସେମାନେ ନିଜର ଭବିଷ୍ୟତ ଗଢ଼ିବା କଥା, ସେହି ବୟସରେ ସେମାନେ ନିଶା କବଳରେ ପଡ଼ି ନିଜର ଶିକ୍ଷା ଓ ସଂସ୍କାରକୁ ବଳି ଦେଉଛନ୍ତି। ବିଦ୍ୟାଳୟ ଓ କଲେଜ ପିଲାମାନଙ୍କ ପାଠପଢ଼ାରେ ଏହା ବଡ଼ ବ୍ୟାଘାତ ସୃଷ୍ଟି କରୁଛି।

ଡାକ୍ତରୀ ବିଜ୍ଞାନ ଅନୁଯାୟୀ, ଅତ୍ୟଧିକ ମଦ୍ୟପାନ ଯୋଗୁଁ ଲିଭର ସିରୋସିସ୍, କର୍କଟ ଏବଂ ହୃଦ୍‌ରୋଗ ଭଳି ମାରାତ୍ମକ ରୋଗ ହେଉଛି। କେବଳ ସ୍ୱାସ୍ଥ୍ୟ ନୁହେଁ, ବରଂ ସମାଜରେ ଘଟୁଥିବା ରାସ୍ତା ଦୁର୍ଘଟଣା ମଧ୍ୟରୁ ଅଧିକାଂଶ 'ଡ୍ରିଙ୍କ ଆଣ୍ଡ ଡ୍ରାଇଭ' କାରଣରୁ ହିଁ ହୋଇଥାଏ। ନିଶାସକ୍ତ ଅବସ୍ଥାରେ ଜଣେ ବ୍ୟକ୍ତି ନିଜର ବିବେକ ହରାଇ ବସେ, ଫଳରେ ମହିଳାଙ୍କ ପ୍ରତି ଅସଦାଚରଣ ଓ ଚୋରି ଡକାୟତି ଭଳି ଘଟଣା ବୃଦ୍ଧି ପାଉଛି। ଏକ ସୁସ୍ଥ ସମାଜ ପାଇଁ ଏହା ଅତ୍ୟନ୍ତ ବିପଜ୍ଜନକ।

ଓଡ଼ିଶାରେ ମଦ ବିରୋଧରେ ମହିଳାମାନେ ସବୁବେଳେ ସ୍ୱର ଉତ୍ତୋଳନ କରିଛନ୍ତି। କାରଣ ମଦର ସବୁଠାରୁ ବଡ଼ ଶିକାର ହେଉଛନ୍ତି ମହିଳା। ସ୍ୱାମୀର ମଦ୍ୟପାନ ଯୋଗୁଁ ସ୍ତ୍ରୀକୁ ନିର୍ଯାତନା ସହିବାକୁ ପଡ଼େ। ଗାଁ ଗାଁରେ ମହିଳା ସଂଘ ଓ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ଯେତେବେଳେ ଏକଜୁଟ ହୋଇଛନ୍ତି, ସେତେବେଳେ ମଦ ଦୋକାନ ବନ୍ଦ ହୋଇଛି। ଏହି ଜାଗରଣକୁ ଆହୁରି ବ୍ୟାପକ କରିବାକୁ ହେବ।

କେବଳ ସରକାରଙ୍କୁ ଦୋଷ ଦେଲେ କିମ୍ବା କେବଳ ଆଇନ ଗଢ଼ିଲେ ଏହି ସମସ୍ୟାର ସମାଧାନ ହେବନାହିଁ। ଏଥିପାଇଁ ଏକ ସମ୍ମିଳିତ ପ୍ରୟାସର ଆବଶ୍ୟକତା ରହିଛି । ସରକାର କେବଳ ରାଜସ୍ୱ ପାଇଁ ମଦ ଦୋକାନ ସଂଖ୍ୟା ବୃଦ୍ଧି ନ କରି, ମାନବ ସମ୍ବଳର ସୁରକ୍ଷା ପାଇଁ କଠୋର କଟକଣା ଲଗାଇବା ଉଚିତ। ଚୋରା ମଦ କାରବାର ବନ୍ଦ କରିବା ପାଇଁ ପୋଲିସ ପ୍ରଶାସନ ତତ୍ପର ହେବା ଦରକାର। ପ୍ରତିଟି ସ୍କୁଲ ଓ କଲେଜରେ ନିଶା ନିବାରଣ ଶିବିର କରାଯିବା ଉଚିତ। ପିଲାମାନଙ୍କୁ ସାନିଟାଇଜ୍ କରିବା ଦରକାର ଯେ ନିଶା କୌଣସି ସୌଖୀନ ଜିନିଷ ନୁହେଁ, ବରଂ ଏକ ବିଷ। ଚଳଚ୍ଚିତ୍ର ସେନସର ବୋର୍ଡ ମଦ୍ୟପାନର ଦୃଶ୍ୟ ଉପରେ କଡ଼ା ନଜର ରଖିବା ଉଚିତ। କଳାକାରମାନେ ସମାଜ ପ୍ରତି ନିଜର ଦାୟିତ୍ୱ ବୁଝିବା ଦରକାର ଏବଂ ସେମାନେ କୌଣସି ନିଶାଦ୍ରବ୍ୟର ବିଜ୍ଞାପନରେ ଅଂଶଗ୍ରହଣ କରିବା ଅନୁଚିତ। ଗଣମାଧ୍ୟମ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସାମାଜିକ କର୍ମୀମାନେ ମିଳିତ ଭାବେ ମଦମୁକ୍ତ ଅଭିଯାନ ଚଳାଇବା ଦରକାର। 'ମଦ ମୁକ୍ତ ଗାଁ' ମାନଙ୍କୁ ସରକାରୀ ପ୍ରୋତ୍ସାହନ ଦିଆଯିବା ଉଚିତ।

ଏକ ସୁସ୍ଥ ଓ ଶକ୍ତିଶାଳୀ ଓଡ଼ିଶା ଗଠନ ପାଇଁ ମଦମୁକ୍ତ ସମାଜ ଏକ ଅପରିହାର୍ଯ୍ୟ ସର୍ତ୍ତ। ଯଦି ଆମେ ଆଜି ସଚେତନ ନ ହେବା ତେବେ ଆଗାମୀ ପିଢ଼ି ଆମକୁ କ୍ଷମା କରିବ ନାହିଁ। ସରକାର କଠୋର ଆଇନ ଆଣନ୍ତୁ ଏବଂ ଆମେ ଜନସାଧାରଣ ତାହାକୁ ନିଷ୍ଠାର ସହ ପାଳନ କରିବା। ନିଶାମୁକ୍ତ ହେଲେ ହିଁ ଘରେ ହସ ଫୁଟିବ, ପିଲାଙ୍କ ପାଠପଢ଼ା ଭଲ ହେବ ଏବଂ ସମାଜରେ ଶାନ୍ତି ପ୍ରତିଷ୍ଠା ହେବ। ଆସନ୍ତୁ ସମସ୍ତେ ମିଳିମିଶି ଶପଥ ନେବା – 'ନିଶାକୁ କହିବା ନା, ଜୀବନକୁ କହିବା ହଁ'। ତେବେ ଯାଇ ଆମ ପ୍ରିୟ ଓଡ଼ିଶା ପ୍ରଗତିର ଏକ ନୂଆ ଶିଖର ଛୁଇଁପାରିବ।

ଗଞ୍ଜାମ , ମୋ: ୭୭୮୭୦୦୧୦୦୧

## ଅପରେସନ୍ ଥଣ୍ଡର ବୋଲ୍ଟ

ବିଷ୍ଣୁ ପ୍ରସାଦ ଦାସ

"ଖୁବ୍ ଚତୁରତାର ସହିତ ବୈଜ୍ଞାନିକମାନେ ରାଡ଼ାରକୁ ଏଡାଇ ଯାଇ ବିମାନଗୁଡ଼ିକୁ ଦୀର୍ଘ ୪୦୦୦ କିଲୋ ମିଟର୍ ଉଡାଇ ଆଣି ଭିକ୍ଟୋରିଆ ହ୍ରଦ ଦେଇ ଆଣ୍ଟେବେ ବିମାନ ବନ୍ଦର ଠାରେ ଅବତରଣ କରିବା । ତାହାହିଁ ହେଲା ଦୀର୍ଘ ଚାରି ହଜାର କିଲୋମିଟରରୁ ଅଧିକ ବିମାନ ଚଳାଇ ବୈଜ୍ଞାନିକମାନେ ସୁରୁଖୁରୁରେ ଆଣ୍ଟେବେ ଠାରେ ନିରାପଦରେ ଅବତରଣ କରି ନିଜର ମିଶନ ଆରମ୍ଭ କରି ଦେଲେ । ସେମାନେ ସାଙ୍ଗରେ ଇଦି ଅମିନ୍ ବ୍ୟବହାର କରୁଥିବା କଳା ମର୍ଶିଡିସ୍ ବେଞ୍ଜ ଗାଡିର ଅବିକଳ ନକଲ ଗାଡି ଏବଂ ଇଦୀ ଅମିନ୍‌ଙ୍କ ପରି ଜଣେ ବ୍ୟକ୍ତିଙ୍କୁ ଆଣିଥିଲେ । ଏହାର କାରଣ ତାଙ୍କୁ କେହି ସନ୍ଦେହ କରିବେ ନାହିଁ, ଉଗାଣ୍ଡା ସୈନିକ ଭାବିବେ ବୋଧ ହୁଏ ଇଦୀ ଅମିନ୍ ମରିସସ୍ ଦେଶରୁ ଫେରିଲେ । କିନ୍ତୁ ଇସ୍ରାଏଲ୍ ସୈନିକ ଜାଣି ନଥିଲେ ଯେ, ଦୁଇ ଦିନ ପୂର୍ବରୁ ଇଦୀ ଅମିନ୍ ଧଳା ମାର୍ସିଡିସ୍ ଚଢିବା ଆରମ୍ଭ କରିଥିଲେ । ସେମାନେ ସାଙ୍ଗରେ ଇଦି ଅମିନ୍ ବ୍ୟବହାର କରୁ ଥିବା କଳା ମର୍ଶିଡିସ୍ ବେଞ୍ଜ ଗାଡିର ଅବିକଳ ନକଲ ଗାଡି ଏବଂ ଇଦୀ ଅମିନ୍‌ଙ୍କ ପରି ଜଣେ ବ୍ୟକ୍ତିଙ୍କୁ ଆଣିଥିଲେ ।

ଇସ୍ରାଏଲର ପ୍ରଧାନମନ୍ତ୍ରୀ ଇତ୍ ଜାକ୍ ରବୀନ୍ ଘନ ଘନ ଜରୁରୀ କାଳୀନ ବୈଠକ ଡାକି ବନ୍ଧକମାନଙ୍କର ମୁକ୍ତି ନିମନ୍ତେ ଚିନ୍ତିତ ଥିଲେ। ଏପରିକି ପଣବନ୍ଦୀଙ୍କ ବଦଳରେ ଆତଙ୍କବାଦୀ ଅପହରଣକାରୀମାନଙ୍କ ସର୍ତ୍ତ ମାନି ନେବାକୁ ମଧ୍ୟ ରାଜି ଦେଇଥିଲେ । କିନ୍ତୁ ରକ୍ଷା ମନ୍ତ୍ରୀ ସାଇମନ୍ ପେରେସ୍ ଏହାର ଘୋର ବିରୋଧ କରିଥିଲେ । ତାଙ୍କର ଯୁକ୍ତି ଥିଲା ଯଦି ଇସ୍ରାଏଲ୍ ଆତଙ୍କବାଦୀଙ୍କ ସର୍ତ୍ତ ମାନି ନେବ ତେବେ ଭବିଷ୍ୟତରେ ମଧ୍ୟ ଏହିପରି କିଛି ନା କିଛି ଅଘଟଣ ଚାଲିବ ଆଉ ଇସ୍ରାଏଲ ସରକାର ହାତଯୋଡ଼ି ବସିଥିବେ । ଏହାପରେ ଗୁପ୍ତ ବୈଠକ ବସିଥିଲା ସେନା ପ୍ରମୁଖ, ପ୍ରଧାନମନ୍ତ୍ରୀ, ରକ୍ଷାମନ୍ତ୍ରୀ ତଥା କୂଟନୀତିଜ୍ଞମାନେ ତିନୋଟି ବିକଳ୍ପ ବାଛିଥିଲେ । ଅନେକ ତର୍ଜମା ପରେ ଦୁଇଟି ବିକଳ୍ପକୁ ଖାରଜ କରି ଦିଆଗଲା ବାକି ଶେଷ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସର୍ବ ସମ୍ମତି କ୍ରମେ ଅନୁମୋଦନ ଦିଆଗଲା । ଏହା ମଧ୍ୟରେ ଆତଙ୍କବାଦୀମାନେ ଇସ୍ରାଏଲକୁ ଚେତାବନୀ ଦେଇ ସାରିଥିଲେ । ଇସ୍ରାଏଲ୍‌ର ଅନୁରୋଧ କ୍ରମେ ଶେଷ ତାରିଖ ୪ ଜୁଲାଇ ମଧ୍ୟାହ୍ନ ୨ ଟା ରଖା ଯାଇଥିଲା । ଇସ୍ରାଏଲ ଠାରୁ ପ୍ରାୟ ୪ ହଜାର କିଲୋମିଟର ଦୂର ଉଗାଣ୍ଡା ଦେଶରେ ପ୍ରବେଶ କରି ଇସ୍ରାଏଲ କମାଣ୍ଡୋମାନେ ବନ୍ଧକ ଯାତ୍ରୀଙ୍କୁ ଫେରାଇ ଆଣିବା ଖୁବ୍ କଠିନ କାର୍ଯ୍ୟ ଥିଲା ତଥାପି ଦୃଢ଼ ମନୋବଳ ଏବଂ ଇଚ୍ଛାଶକ୍ତି ସେମାନଙ୍କୁ ଆଗେଇ ନେଉଥିଲା ।

ଠିକ୍ ସେହି ସମୟରେ ଆଫ୍ରିକୀୟ ସଂଘର ଏକ ମିଟିଂରେ ଯୋଗ ଦେବାକୁ ଇଦୀ ଅମିନ୍ ମରିସସ୍ ଗସ୍ତରେ ଚାଲି ଯାଇଥିଲେ । ଏହା ଇସ୍ରାଏଲ କମାଣ୍ଡୋମାନଙ୍କୁ ଏକ ଅନୁକୂଳ ଅପରେସନ୍‌ର ସଂକେତ ଦେଇଥିଲା । ଇସ୍ରାଏଲର ପ୍ରମୁଖ ଅଫିସରମାନେ ପ୍ୟାରିସ ଯାଇ ବନ୍ଧକ ମୁକ୍ତଯାତ୍ରୀଙ୍କ ଠାରୁ ଆତଙ୍କବାଦୀ ତଥା ଆଣ୍ଟେବେ ଉପରେ ପୁଙ୍ଖାନୁପୁଙ୍ଖ ଖବର ସଂଗ୍ରହ କରି ଆଣିଥିଲେ। ଆଣ୍ଟେବେ ବିମାନ ବନ୍ଦର ପୁରାତନ ଟର୍ମିନାଲ ୧ କୁ ୧୯୬୦-୭୦ ମସିହା ମଧ୍ୟରେ ନିର୍ମାଣ କରିଥିବା ଇସ୍ରାଏଲ୍ କମ୍ପାନୀକୁ ଡାକି ତାଙ୍କ ଠାରୁ ଏହାର ନକ୍ସା ସଂଗ୍ରହ କରି ପାରିଥିଲେ ଯାହାକି ତାଙ୍କୁ ପଣବନ୍ଦୀମାନଙ୍କୁ ଉଦ୍ଧାର କାର୍ଯ୍ୟରେ ସୁବିଧା ହେବ । ଅନ୍ତିମ ଯୋଜନା ପ୍ରସ୍ତୁତ ହେଲା ଏବଂ ଇସ୍ରାଏଲ୍ କମାଣ୍ଡୋମାନେ ଅପରେସନ ଥଣ୍ଡର ବୋଲ୍ଟ ପାଇଁ ପ୍ରସ୍ତୁତ ହୋଇ ରହିଥିଲେ । ଗୁପ୍ତ ଭାବେ ଉଗାଣ୍ଡା ସରକାରଙ୍କୁ ନ ଜଣାଇ ଏକ ଶହରୁ ଉର୍ଦ୍ଧ୍ୱ କମାଣ୍ଡୋ /ବଛା ବଛା ସୈନିକ ଯିବେ ଏବଂ ଅପରେସନ ଥଣ୍ଡାର ବୋଲ୍ଟକୁ ସଫଳତା ସହିତ ସମ୍ପନ୍ନ କରି ବନ୍ଧକମାନଙ୍କୁ ଇସ୍ରାଏଲ ଫେରାଇ ଆଣିବେ । ଦରକାର ପଡିଲେ ଉଗାଣ୍ଡା ସୈନିକଙ୍କ ସହିତ ମୁକାବିଲା କରିବେ ବୋଲି ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତିନି ଜୁଲାଇ ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ୍ ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ ମଞ୍ଜୁରି ଦେଇ ଦେଇଥିଲେ । ରାତ୍ରି ପ୍ରାୟ ୧୧ ଟା ଅପରେସନ୍ ଥଣ୍ଡର ବୋଲ୍ଟର ଓଲଟା ଗଣତି ଆରମ୍ଭ ହୋଇଗଲା । ଘନ ରାତ୍ରିର ଅନ୍ଧକାର ଚିରି ଇସ୍ରାଏଲ୍ ସୈନିକ କମାଣ୍ଡୋ ତଥା ୪ଟି ସି୧୩୦ ହର୍କ୍ୟୁଲେସ୍ ବିମାନ ତା ପଛରେ ଦୁଇଟି ବୋଇଙ୍ଗ ୭୦୭ ଯାତ୍ରୀବାହୀ ଖାଲି ବିମାନ ଥିଲା । ଚାରି ଗୋଟି ସି ୧୩୦ ଏବଂ ଗୋଟିଏ ବୋଇଙ୍ଗ ୭୦୭ ସିଧା ଆଣ୍ଟେବେ ଠାରେ ଓଲ୍ହାଇବେ ଏବଂ ଆଉ ଗୋଟିଏ ବୋଇଂ ୭୦୭ କେନିଆ ଦେଶରେ ଜରୁରୀ କାଳୀନ ସହାୟତା ପାଇଁ ରହିବ । ଇସ୍ରାଏଲ୍ ଆଗରୁ ଗୁପ୍ତରେ କେନିଆ ସରକାରଙ୍କ ଠାରୁ ସହାୟତା ପାଇଁ ତଥା ଅପରେସନ୍ ଥଣ୍ଡର୍ ବୋଲ୍ଟରେ ବ୍ୟବହୃତ ବିମାନ ପାଇଁ ଇନ୍ଧନ ଭରିବାକୁ ଅନୁମତି ନେଇଥିଲା ।



ଖୁବ୍ ଚତୁରତା ସହିତ ବୈଜ୍ଞାନିକମାନେ ରାଡ଼ାରକୁ ଏଡାଇ ଯାଇ ବିମାନଗୁଡିକୁ ଦୀର୍ଘ ୪୦୦୦ କିଲୋ ମିଟର୍ ଉଡାଇ ଆଣି ଭିକ୍ଟୋରିଆ ହ୍ରଦ ଦେଇ ଆଣ୍ଟେବେ ବିମାନ ବନ୍ଦର ଠାରେ ଅବତରଣ କରିବା । ତାହାହିଁ ହେଲା ଦୀର୍ଘ ଚାରି ହଜାର କିଲୋମିଟରରୁ ଅଧିକ ବିମାନ ଚଳାଇ ବୈଜ୍ଞାନିକମାନେ ସୁରୁଖୁରୁରେ ଆଣ୍ଟେବେ ଠାରେ ନିରାପଦରେ ଅବତରଣ କରି ନିଜର ମିଶନ ଆରମ୍ଭ କରି ଦେଲେ । ସେମାନେ ସାଙ୍ଗରେ ଇଦି ଅମିନ୍ ବ୍ୟବହାର କରୁ ଥିବା କଳା ମର୍ଶିଡିସ୍ ବେଞ୍ଜ ଗାଡିର ଅବିକଳ ନକଲ ଗାଡି ଏବଂ ଇଦୀ ଅମିନ୍‌ଙ୍କ ପରି ଜଣେ ବ୍ୟକ୍ତିଙ୍କୁ ଆଣିଥିଲେ । ଏହାର କାରଣ ତାଙ୍କୁ କେହି ସନ୍ଦେହ କରିବେ ନାହିଁ, ଉଗାଣ୍ଡା ସୈନିକ ଭାବିବେ ବୋଧ ହୁଏ ଇଦୀ ଅମିନ୍ ମରିସସ୍ ଦେଶରୁ ଫେରିଲେ । କିନ୍ତୁ ଇସ୍ରାଏଲ୍ ସୈନିକ ଜାଣି ନଥିଲେ ଯେ, ଦୁଇ ଦିନ ପୂର୍ବରୁ ଇଦୀ ଅମିନ୍ ଧଳା ମାର୍ସିଡିସ୍ ଚଢିବା ଆରମ୍ଭ କରିଥିଲେ । ଉଗାଣ୍ଡା ସୈନିକମାନଙ୍କ ସନ୍ଦେହ ପରେ ଇସ୍ରାଏଲ ସୈନିକ ମାନେ ଉଗାଣ୍ଡା ସୈନିକଙ୍କୁ ମାରି ସେହି ରାତ୍ରିରେ ଆଣ୍ଟେବେ ବିମାନ ବନ୍ଦରକୁ ଏକ ରଣ କ୍ଷେତ୍ରରେ ପରିଣତ କରିଦେଲେ । ଏହାର ନେତୃତ୍ୱ ନେଇଥିଲେ ୟୋନତନ୍ ନେତ୍ୟାନୁ ( ବର୍ତ୍ତମାନ ଇସ୍ରାଏଲର ପ୍ରଧାନ ମନ୍ତ୍ରୀ ବେଞ୍ଜାମିନ ନେତ୍ୟାନୁଙ୍କ ବଡ ଭାଇ ) ଅନ୍ୟ ଇସ୍ରାଏଲ୍ କମାଣ୍ଡୋମାନେ ଆତଙ୍କବାଦୀଙ୍କୁ ନିପାତ କରି ବନ୍ଧକମାନଙ୍କୁ ଉଦ୍ଧାର କରି ପାରିଥିଲେ । ଜଣେ ମହିଳା ଯାତ୍ରୀ ଆଗରୁ ଅସୁସ୍ଥତା ଯୋଗୁଁ ଉଗାଣ୍ଡା ମେଡିକାଲରେ ଚିକିତ୍ସିତ ହେଉଥିଲେ ତାଙ୍କୁ ଛଡା ବାକି ୧୦୨ ଜଣ ବନ୍ଧକ ଯାତ୍ରୀଙ୍କୁ ଧରି କମାଣ୍ଡୋମାନେ କେନିଆରେ ଇନ୍ଧନ ନେଇ ଇସ୍ରାଏଲ୍ ଫେରି ଆସିଲେ । ସୈନିକ ମାନେ ଫେରିବା ସମୟର ଉଗାଣ୍ଡା ବିମାନ ବାହିନୀର ୧୧ ଟି ଯୁଦ୍ଧ ବିମାନକୁ ଧ୍ୱଂସ କରିଦେଲେ ।

ଦୁର୍ଭାଗ୍ୟ ବଶତଃ ୟୋନତନ୍ ନେତ୍ୟାନୁ ଦେହରେ ଗୁଳି ବାଜିଥିଲା ସେ ସେଠାରେ ସହିଦ ହୋଇଗଲେ । ମାତ୍ର ୫୩ ମିନିଟ ମଧ୍ୟରେ ମିଶନ୍ ସଫଳ ହେଲା, ଏଥିରେ ୪୫ ଜଣ ଉଗାଣ୍ଡା ସୈନିକ ମୃତ୍ୟୁ ବରଣ କଲେ । ଇଦୀ ଅମିନ୍ ଏହା ଜାଣିବା ପରେ ପ୍ରତିହିଂସା ପରାୟଣ ହୋଇ ନିଜ ଦେଶର ସେନା ପ୍ରମୁଖଙ୍କୁ ଗିରଫ କରିଥିଲେ । ଚିକିତ୍ସିତ ହେଉଥିବା ଡୋରା ବଲୁଛ ନାମକ ଇସ୍ରାଏଲ ଦେଶର ମହିଳାଙ୍କୁ ହତ୍ୟା କରିଥିଲେ । କେନିଆ ସରକାର ଇସ୍ରାଏଲ୍ ବିମାନକୁ ଇନ୍ଧନ ଯୋଗାଇଥିବା କାରଣରୁ କେନିଆ ଦେଶର ଯେଉଁ ନାଗରିକମାନେ ଉଗାଣ୍ଡାରେ କାର୍ଯ୍ୟରତ ବା ବ୍ୟବସାୟ କରୁଥିଲେ ତାଙ୍କୁ ଅସହ୍ୟ ନିର୍ଯାତନା ଦିଆଯାଇଥିଲା ବା ଦେଶାନ୍ତର କରା ଯାଇଥିଲା ।

ସର୍ବ ଶେଷରେ ଇସ୍ରାଏଲର ବିଜୟ ହେଲା, ୟୁନାତନଙ୍କ ସମ୍ମାନରେ ଅପରେସନ୍ ଥଣ୍ଡର ବୋଲ୍ଟର ନାମ ବଦଳାଇ ଅପରେସନ ୟୁନାତନ୍ ରଖି ଦିଆ ଗଲା । ଏଥିରୁ ଅନୁମେୟ ଇସ୍ରାଏଲ୍ ନିଜ ନାଗରିକମାନଙ୍କ ସୁରକ୍ଷା ପାଇଁ ଅସମ୍ଭବକୁ ସମ୍ଭବ କରି ଦେଖାଇବାର ସମର୍ଥ ରଖିଛି । ବିମାନ ଅପହରଣ ଅନେକ ସ୍ଥାନରେ ହୋଇଛି ରେସ୍କ୍ୟୁ ଅପରେସନ୍ ମଧ୍ୟ ଅନେକ ହୋଇଛି ତେବେ ନିଜ ଦେଶ ଠାରୁ ଚାରି ହଜାର କିଲୋମିଟର ଦୂରରେ ଅନ୍ୟ ଏକ ଶତ୍ରୁ ରାଷ୍ଟ୍ରରେ ପ୍ରବେଶ କରି ଅପରେସନ ଥଣ୍ଡର୍ ବୋଲ୍ଟକୁ ସଫଳ କରିବା ଦ୍ୱାରା ଇସ୍ରାଏଲକୁ ଏକ ଏକ ଯୁଗାନ୍ତକାରୀ ସଫଳତା ଆଣିଦେଇଛି ।

କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

16. 04.2026.pmd 1 4/15/2026, 5:35 PM

## ରକ୍ତଦାନ ଶିବିରରେ ୨୮ ୟୁନିଟ ସଂଗ୍ରହ

ରମ୍ଭା,୧୫ ।୪ (ନିପ୍ର): ରାମଗଡ ପଞ୍ଚାୟତର ରଘୁନାଥପୁରସ୍ଥିତ ମୟୂର ବିହାରଠାରେ ପ୍ରତିଷ୍ଠିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଜନକ କୁମାର ତରେଇ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ପ୍ରତିଷ୍ଠାତା ପୂର୍ଣ୍ଣ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏଇ ଶିବିରରେ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ , ଝାରେଡି ରାଧା ଗୋବିନ୍ଦ ପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସମାଜ ସେବୀ ପ୍ରକାଶ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ନାୟକ, ଅଜୟ ପ୍ରଧାନ, ରାମଗଡ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ କାମେଶ୍ୱର ପଲେଇ ପ୍ରମୁଖ ଯୋଗ ଦେଇ ରକ୍ତଦାନ ପୂର୍ବକ ଅନ୍ୟାନ୍ୟ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ସର୍ବମୋଟ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ବ୍ରହ୍ମପୁର ଏମ୍‌କେସିଜି ରକ୍ତଭଣ୍ଡାରକୁ ପ୍ରେରଣ କରାଯାଇଥିଲା ।

## ୨୦୨୬ ରାମନବମୀ ଆଖଡା ଶୋଭାଯାତ୍ରା

### ପ୍ରଥମ, ଦ୍ୱିତୀୟ, ତୃତୀୟ ସହ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଆଖଡା କମିଟି ପୁରସ୍କୃତ

ରାଉରକେଲା ୧୫/୪, ଚଳିତବର୍ଷ ରାଉରକେଲା ମେନ୍‌ରୋଡରେ ଅନୁଷ୍ଠିତ ରାମନବମୀ ହନୁମାନ ଆଖଡା ଶୋଭାଯାତ୍ରା ଶାନ୍ତି ଓ ଶୃଙ୍ଖଳାର ସହ ଶେଷ ହୋଇଥିଲା। ରାଉରକେଲା ପୋଲିସ ପକ୍ଷରୁ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ୧୫ଟି ଆଖଡା ଦଳଙ୍କ ମଧ୍ୟରୁ ଶୃଙ୍ଖଳିତ ଆଖଡା ଦଳ ଭାବେ ଚାରୋଟି ଆଖଡା




ଦଳଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଶ୍ରେଷ୍ଠ ବିବେଚିତ ଆଖଡା କମିଟିଙ୍କୁ କପ୍ ଦେଇ ପୁରସ୍କୃତ କରିଥିଲେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ। ଏଠାରେ ସୂଚନାଯୋଗ୍ୟ ଯେ ପ୍ରଥମ ଥର ପାଇଁ ରାଉରକେଲା ପୋଲିସ୍ ପକ୍ଷରୁ ଏହି ପୁରସ୍କାର ପ୍ରଦାନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହି ବ୍ୟବସ୍ଥାରେ ପୁରସ୍କାର ପାଇଥିବା ଆଖଡା କମିଟି ବର୍ଷେ ପର୍ଯ୍ୟନ୍ତ ନିଜ ପାଖରେ କପ୍ ରଖିପାରିବେ ଏବଂ ଆଗାମୀ ବର୍ଷର ରାମନବମୀ ଆଖଡା ଶୋଭାଯାତ୍ରା ପୂର୍ବରୁ କପ୍ ଫେରାଇଲେ ଆଗାମୀ ବର୍ଷର ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଶ୍ରେଷ୍ଠ ବିବେଚିତ ଆଖଡା କମିଟି ଏହି କପ୍ ନେବାକୁ ହକଦାର ହେବେ। ଚଳିତ ବର୍ଷ ରାମନବମୀ ହନୁମାନ ଆଖଡା ଶୋଭାଯାତ୍ରାରେ ପୁରସ୍କୃତ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗାନ୍ଧୀ ରୋଡର ତ୍ରିନାଥ ଆଖଡା କମିଟି, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଡିଲକ୍ସ ଲେନର ଶ୍ରୀ ଶିବଶକ୍ତି ଆଖଡା କମିଟି ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବିଶ୍ରା ରୋଡର ମହାବୀର ଆଖଡା କମିଟି। ଏଥିସହିତ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା କୁମ୍ଭାରପଡାର ବାବା ଶମ୍ଭୁନାଥ ଆଖଡା କମିଟି। ପ୍ରଥମ, ଦ୍ୱିତୀୟ, ତୃତୀୟ ସହିତ ଶ୍ରେଷ୍ଠ ସ୍ଥାନ ଦଖଲ କରିଥିବା ହନୁମାନ ଆଖଡା କମିଟିଙ୍କୁ ପୁରସ୍କୃତ କରିଥିଲେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ। ଏହି ସମ୍ବର୍ଦ୍ଧନା ଉତ୍ସବରେ ରାଉରକେଲା ପୋଲିସର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ର, ଶ୍ରାବଣୀ ନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା

ପୁରୀ,୧୫ ।୪ (ନିପ୍ର): ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ଆମ ରୁଚି ଆମ ଖାଦ୍ୟ ସମ୍ପର୍କରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଓ ଓରମାସ, ପୁରୀ ସହଯୋଗରେ ଏହି ଜିଲ୍ଲା ସ୍ତରୀୟ ପାରମ୍ପରିକ ଖାଦ୍ୟ ଦିବସ ରେ ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା,ଉପଜିଲ୍ଲାପାଳ ରାଜ କିଶୋର ଜେନା ଯୋଗ ଦେଇ ଆମ ପାରମ୍ପରିକ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ। ଏହି ଖାଦ୍ୟ ଷ୍ଟଲରେ ଓଡ଼ିଆ ଘରର ଚନ୍ଦ୍ରକାନ୍ତି ପିଠା, ମାଳପୁଆ, ଚୁଡା କଦମ୍ବା, ଡାଲମା, କାକେରା ପିଠା, ଆରିଷାପିଠା, କ୍ଷୀର ପୋଡ ପିଠା, ସିଝା ମଣ୍ଡା ପିଠା, ଡାଲିଆ ପିଠା, ମାଣ୍ଡିଆ ସର୍ବତ, ସୁଆଁ ଖିରୀ,କଳା ଚାଉଳ ଖିରୀ, ପୋଦିନା ସର୍ବତ, ମାଣ୍ଡିଆ କାଞ୍ଜି,ଚାଉଳ ବରା,ଲାଉ ଚିତଉ ପିଠା, ଅପରାଜିତା ଫୁଲ ମଣ୍ଡା ପିଠା, ମାଣ୍ଡିଆ ଓ ଗୁଡ ପିଠା ଇତ୍ୟାଦି ଏହି ଖାଦ୍ୟ ମେଳାରେ ପ୍ରଦର୍ଶିତ ହୋଇଥିଲା।ପରେ ଖାଦ୍ୟ ପ୍ରସ୍ତୁତ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମାଁ ମାନଙ୍କ ମଧ୍ୟରୁ ପ୍ରଥମ ହୋଇଥିବା ମା ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ, ଦ୍ୱିତୀୟ ହୋଇଥିବା ଶ୍ରୀକ୍ଷେତ୍ର ମଲ୍ଟି ଆକ୍ଟିଭିଟି ଉତ୍ପାଦକ ଗୋଷ୍ଠୀ , ସତ୍ୟବାଦୀ ଓ ଯୁଗ୍ମ ତୃତୀୟ ହୋଇଥିବା ଭୁବନେଶ୍ୱରୀ ଉତ୍ପାଦକ ଗୋଷ୍ଠୀ, ପୁରୀ ସଦର ଏବଂ କୁଞ୍ଜେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ପୁରୀ ସଦରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ପୃଥିବୀର ବିଶିଷ୍ଟ ଆଇନଜୀବୀ ଥିଲେ ଆମ୍ବେଦକର: ପ୍ରସନ୍ନ

ରେଢ଼ାଖୋଲ,୧୫ ।୪ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଆମ୍ବେଦକର ନଗର ଠାରେ ଆମ୍ବେଦକର ୱେଲ ଫାୟାର କୋଡ଼ିନେଶନ କମିଟି ପକ୍ଷରୁ ୧୩୫ ତମ ବାବା ସାହେବ ଡ଼. ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ଏଥିରେ ରେଢ଼ାଖୋଲ ଏନ୍ ଏ ସି ୱାର୍ଡ ନଂ ୩ ସ୍ଥିତ ଆମ୍ବେଦକର ନଗର ଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଆମ୍ବେଦକରଙ୍କ ଜୟଗାନ କରାଯାଇଥିଲା । ଏଥିସହ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ନୂତନ ନିର୍ମାଣାଧୀନ କମ୍ୟୁନିଟୀ ହଲ୍‌କୁ ଶୁଭ ଉଦଘାଟନ କରିବା ସହ ସ୍ୱାଧୀନ ଭାରତରେ ଡଃ ଭୀମରାଓ ଆମ୍ବେଦକରଙ୍କ ଅବଦାନ ବିଷୟରେ ସୁନ୍ଦର ବିବରଣୀ ପ୍ରଦାନ କରିବା ସହ ଜାତିଭେଦର ଏକତା, ସମାଜ ଗଠନ, ସମାଜରେ ଅଧିକାର, ସମ୍ବିଧାନ ଗଠନ, ଜାତି ପ୍ରଥା ବିବାଦ ଓ ସମ୍ବିଧାନ ଉପରେ ଲୋକଙ୍କୁ ସଚେତନତା ର ଟିପ୍ପଣୀ ପ୍ରଦାନ କରିଥିଲେ । ଏହା ସହ ସ୍ୱାଧୀନ ଭାରତର ସମ୍ବିଧାନ ରେ ଆମେ ସମସ୍ତେ ଏକ, ଏହି ମାଟି, ପାଣି,ପବନରେ ଆମର ସମସ୍ତଙ୍କ ଅଧିକାର ଅଛି, ମତ ଅଲଗା ହୋଇପାରେ ହେଲେ ମନକୁ ଏକାଗ୍ର କରି ଚାଲିଲେ ଆମେ ସମସ୍ତେ ଗୋଟିଏ ହୋଇ ଚାଲିପାରିବା ବୋଲି ବିଧାୟକ କହିଥିଲେ । ଏଥିସହ ଏହି ଭବ୍ୟ କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ବ୍ଲକ୍ ଅଧକ୍ଷ ପ୍ରଦୀପ ପ୍ରଧାନ, ଏନ୍ ଏ ସି ଅଧକ୍ଷ ଶିବରାମ ସାହୁ,ଦେବତ୍ତୋର ବୋର୍ଡ଼ ସଭାପତି ଅରୁଣ ପ୍ରଧାନ,ପୂର୍ବତନ ଏନ୍‌ଏସି ଉପାଧକ୍ଷ ସୁନିଲ୍ ପ୍ରଧାନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରୁ କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ନାଗ ପରିଚାଳନା କରିଥିଲେ ।

## ନାରୀଶକ୍ତି ବନ୍ଦନା ଅଭିଯାନ

ଭବାନୀପାଟଣା, ୧୫/୪ (ନି.ପ୍ର)- ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କୁ ନେଇ ନାରୀଶକ୍ତି ବନ୍ଦନା ଅଭିଯାନ ଆରମ୍ଭ ହୋଇଯାଇଅଛି। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା କର୍ମଚାରୀମାନେ ନାରୀଶକ୍ତି ବନ୍ଦନାର ଶପଥ ପାଠ କରିବା ସହିତ ନାରୀ ପ୍ରତି ସୁରକ୍ଷା, ସମ୍ମାନ ଓ ଯତ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀମାନେ ନିଜସ୍ୱ ଅନୁଭୁତିରୁ ବକ୍ତବ୍ୟ ଉପସ୍ଥାପନା କରିଥିବା ବେଳେ ଅଧକ୍ଷ ପରମେଶ୍ୱର ମୁଣ୍ଡ ନାରୀ ସଶକ୍ତିକରଣ ଓ ଭାରତର ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ପ୍ରତାପ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ନାରୀଶକ୍ତି ସମାଜର ବିକଳ୍ପହୀନ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ଅଧାପକ ଶୁଭେନ୍ଦୁ କୁମାର ପାଢୀ ନାରୀଶକ୍ତି ସମ୍ପର୍କୀତ ଏକ ପ୍ରେରଣାଦାୟୀ ସଂଗୀତ ଗାନ କରିଥିବା ବେଳେ ଅଧାପକ ସୁଶାନ୍ତ କୁମାର ଦାଶ ନାରୀଶକ୍ତି ସାଂପ୍ରତିକ ସମୟରେ ସୁସ୍ଥ ସମାଜ ଗଠନ ପାଇଁ ଅପରିହାର୍ଯ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ନାରୀଶକ୍ତିକୁ ନେଇ ଝୋଟି ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା, ବୀରତ୍ୱ କୌଶଳ ପ୍ରଦର୍ଶନ, ନାରୀ ଜାଗରଣ ସଂପର୍କିତ ସ୍ଲୋଗାନ୍, ପାରମ୍ପରିକ ଏକକ ନୃତ୍ୟ କାର୍ଯ୍ୟକ୍ରମ ସବୁ ଅନୁଷ୍ଠିତ ହୋଇଥିଲା। ଅନ୍ୟାନ୍ୟ ଅଧାପକ ଅଧାପିକା କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସହଯୋଗ କରିଥିଲେ।

## ମନରେଗା ଯୋଜନାର ସାମାଜିକ ସମୀକ୍ଷା

# ସମସ୍ତ ପଞ୍ଚାୟତରେ କ୍ୟାସ ରେକର୍ଡ ନ ହୋଇ ଚାଲିଛି !

ଭାପୁର,୧୫ ।୪ (ନିପ୍ର): ଭାପୁର ବ୍ଲକ ସଭାଗୃହ ପରିସର ମଧ୍ୟରେ ବୁଧବାର ମନରେଗା ଯୋଜନାର ଏକ ସାମାଜିକ ସମୀକ୍ଷା ବୈଠକ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସାମାଜିକ ବୈଠକରେ ବିଶେଷକରି, ମନରେଗା ଯୋଜନା ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନ ହୋଇଥିଲା। ବ୍ଲକର ସମସ୍ତ ପଂଚାୟତରେ ମନରେଗା କାର୍ଯ୍ୟକ୍ରମର କାଗଜପତ୍ର କାର୍ଯ୍ୟ ତଥା କ୍ୟାସ ରେକର୍ଡ ସଠିକ ରୂପେ ହେଉନଥିବାରୁ ଅତିରିକ୍ତ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଏହି ଯୋଜନା ୨୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ଏହାର ଲକ୍ଷ୍ୟ ରହିଥିଲା । କିନ୍ତୁ,ବର୍ତ୍ତମାନ ଏହାଠାରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁଛି ଫଳରେ, ଆଗାମୀ ଦିନରେ ଏହି ଯୋଜନା ବନ୍ଦ ହୋଇଯିବାର ଆଶଙ୍କା ଉପୁଜିଛି। ଭାପୁର ବ୍ଲକର ୨୦ ଗୋଟି ପଞ୍ଚାୟତରୁ ୨୦୨୫/୨୬ ଆର୍ଥିକ ବର୍ଷରେ ମନରେଗା ସମ୍ପର୍କିତ ୧୫୨ ଗୋଟି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୪୦ ଟି ଛୋଟଛୋଟ ସମସ୍ୟା ହୋଇଥିବାରୁ ତାକୁ ବାଦ ଦିଆଯାଇ ୧୪୦ ଟି ଅଭିଯୋଗ ଉପରେ ପ୍ରଶ୍ନର ଉତ୍ତର ରଖାଯାଇଥିଲା। ବିଶେଷକରି, ସମସ୍ତ ପଂଚାୟତରେ ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା ଏବଂ କ୍ୟାସ ରେକର୍ଡ ସମ୍ବନ୍ଧୀୟ କୌଣସି କାର୍ଯ୍ୟ ନ ହୋଇ ଅଫିସର ଓ ରାଜନେତାଙ୍କୁ ସୁହାଇବା ଭଳି କାର୍ଯ୍ୟ ହେଉଥିବାରୁ ଅସନ୍ତୋଷ ଦେଖାଦେଇଥିଲା ।ଭାପୁର ବ୍ଲକର ପ୍ରତି ପଞ୍ଚାୟତରେ ମାଳମାଳ ମନରେଗା ସମ୍ପର୍କିତ ସମସ୍ୟା ରହିଥିବାବେଳେ ନା ୨୦ ଗୋଟି ପଞ୍ଚାୟତର ଜନପ୍ରତିନିଧି, ନା ବ୍ଲକର ୧୪,୪୦୦ ଜବକାର୍ଡଧାରୀଙ୍କ ମଧ୍ୟରୁ ଜଣେ ହେଲେ କାହାର ଉପସ୍ଥିତି ଦେଖିବାକୁ ମିଳି ନ ଥିଲା ।ଏହି ସମୀକ୍ଷା ବୈଠକ ଶତକଡା ୭୦% ଆଚିଭ ହୋଇଛି ବୋଲି ବ୍ଲକ ପ୍ରଶାସନ ଡିଣ୍ଡିମ ପିଟୁଥିବା ବେଳେ ଜିଲ୍ଲା ଓ ବ୍ଲକ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏହି ସମୀକ୍ଷା ବୈଠକ ନାମକୁ ମାତ୍ର ଏବଂ ପ୍ରହସନ ପାଲଟିଛି ବୋଲି ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। କାର୍ଯ୍ୟକ୍ରମରେ,ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ରଞ୍ଜନ ବଳିୟାରସିଂହ,ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା,ବ୍ଲକ ସାମାଜିକ ସମୀକ୍ଷକ ସନ୍ତୋଷ କୁମାର ପାଢି, ଫରେଷ୍ଟର, ଉଦ୍ୟାନବିତ, ଭି.ଆର.ପି ମାନେ ଯୋଗ ଦେଇଥିବାବେଳେ ଏ.ପି.ଓ.ଅରୁଣ କୁମାର ଚିନାରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଘରୋଇ ବସ୍‌ରେ ଓଭରଲୋଡିଂ, ପରିବହନ ବିଭାଗ ନୀରବଦ୍ରଷ୍ଟା !

ରାଉରକେଲା ୧୫/୪ (ନିପ୍ର), ସରକାରଙ୍କ ବିଚିତ୍ର ନୀତି ସହ ପରିବହନ ବିଭାଗର ଜନସାଧାରଣଙ୍କ ପ୍ରତି ଭିନ୍ନ ଆଚରଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତଥାପି ପ୍ରଶାସନ ନୀରବଦ୍ରଷ୍ଟା ବୋଲି କୁହାଯାଉଛି । ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଥିବା କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ କିମ୍ବା ଘରୋଇ ବସ୍‌ରେ ସଂଖ୍ୟାଧିକ ଯାତ୍ରୀ ପରିବହନ କରାଯାଉଥିଲେ ମଧ୍ୟ ରାଉରକେଲା ପରିବହନ ନିଗମ କାର୍ଯ୍ୟାଳୟ ନୀରବଦ୍ରଷ୍ଟା ସାଜି ଜନସାଧାରଣଙ୍କୁ ବିପଦ ମୁହଁକୁ ଠେଲି ଦେଉଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ ରାଉରକେଲାରୁ ପୋତବ (ହାତୀବାରି) ଭାୟା କୁଆଁରମୁଣ୍ଡା, କାଳୋସିରିଆ ଯାଉଥିବା ଏକ ବସରେ ସଂଖ୍ୟାଧିକ ଯାତ୍ରୀ ପରିବହନ କରାଯାଉଥିଲା ବେଳେ ବସ୍ କଣ୍ଡକ୍ଟର ବସ୍‌ଭଡା ନେଇ ଟିକେଟ ଦେଉ ନଥିଲେ। ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀ ସମ୍ପୃକ୍ତ ବସ୍ କଣ୍ଡକ୍ଟରଙ୍କୁ ଟିକେଟ୍ ମାଗିବା ବେଳେ ସେ ଯାତ୍ରୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏଠାରେ ପ୍ରଶ୍ନ ଉଠୁଛି, ପରିବହନ ନିଗମ କାର୍ଯ୍ୟାଳୟ ପକ୍ଷରୁ ପୋଲିସ୍ ପ୍ରଶାସନକୁ ହେଲମେଟ୍ ପିନ୍ଧି ନଥିବା ବାଇକ୍ ଚାଳକଙ୍କୁ ମୋବାଇଲ୍ ଫୋନ୍ ଦ୍ୱାରା ଫଟୋ ଉଠାଇବା ଏବଂ ମୋବାଇଲ୍ ମାଧ୍ୟମରେ ମ୍ୟାସେଜ୍ ପଠାଇ ଫାଇନ୍ ଆଦାୟ କରାଯାଉଥିବା ବେଳେ ବସରେ ବେଆଇନ ଭାବେ ସ୍ଥାନାଧିକ ଯାତ୍ରୀ ପରିବହନକୁ କାହିଁକି ପରିବହନ ବିଭାଗ କିମ୍ବା ପୋଲିସ୍ ବିଭାଗ ପକ୍ଷରୁ ଦଣ୍ଡିତ କରାଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ପୂର୍ବକ ପ୍ରଶ୍ନ କରାଯାଇଛି।




## ୫୪୦୦ରୁ ଅଧିକ ପରିବାରକୁ ସଶକ୍ତ କରିଛି ଡାଲମିଆ ସିମେଣ୍ଟ

ରାଜଗାଙ୍ଗପୁର,୧୫ ।୪ (ନିପ୍ର): ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ନିର୍ମାତା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) ନିଜର ଗ୍ରାମ ପରିବର୍ତ୍ତନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ରାଜଗାଙ୍ଗପୁର ୟୁନିଟ ଆଖପାଖରେ ଥିବା ସମୁଦାୟଗୁଡିକରେ ଜୀବିକା ବିକାଶକୁ ପ୍ରୋତ୍ସାହିତ କରିବା ଜାରି ରଖିଛି। ସ୍ଥାୟୀ ଗ୍ରାମାଞ୍ଚଳ ପରିବର୍ତ୍ତନକୁ ପରିଚାଳନା କରିବା ଉପରେ ଗୁରୁତ୍ୱ ଦେଉଥିବା ଏହି ଅଭିଯାନ ଦକ୍ଷତା ବିକାଶ, ଉଦ୍ୟୋଗିକତା ଓ ଲକ୍ଷିତ ପଦକ୍ଷେପ ମାଧ୍ୟମରେ ସରକାରୀ କଲ୍ୟାଣକାରୀ ଯୋଜନାଗୁଡିକ ପାଇଁ ଉନ୍ନତ ପହଞ୍ଚ ମାଧ୍ୟମରେ ପରିବାରଗୁଡିକୁ ସଶକ୍ତ କରୁଛି। ଚଳିତ ଆର୍ଥିକ ବର୍ଷ ସମୟରେ ଏହି କାର୍ଯ୍ୟକ୍ରମ ସକାରାତ୍ମକ ଭାବେ ୫୪୪୩ଟି ପରିବାରକୁ ପ୍ରଭାବିତ କରିଛି, ଯାହା ସ୍ଥାନୀୟ ସମୁଦାୟଗୁଡିକରେ ଆୟ ସୁରକ୍ଷାକୁ ସୁଦୃଢ କରିବା ସହ ଅନେକ ପରିବାର ଏବେ ବାର୍ଷିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। ଗ୍ରାମ ପରିବର୍ତ୍ତନର କେନ୍ଦ୍ରରେ ଏକ ବହୁମୁଖୀ ଜୀବିକ ରଣନୀତି ଅନ୍ତର୍ନିହିତ ରହିଛି। ରାଜଗାଙ୍ଗପୁରରେ ୧୦୦୦ରୁ ଅଧିକ ପରିବାର ବାଣିଜ୍ୟିକ ଉଦ୍ଦେଶ୍ୟ ପାଇଁ ଜୈବିକ ପନିପରିବା ଚାଷ ଆପଣାଇଥିବା ବେଳେ ପ୍ରାୟ ୮୦୦ ପରିବାର ଉଭୟ ଆୟ ଓ ପୋଷଣରେ ସମର୍ଥନ ପାଇଁ କିଚେନ ଗାର୍ଡେନ ବିକଶିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଭର୍ମି କମ୍ପୋଷ୍ଟିଙ୍ଗ, ଅଜୋଲା ଉତ୍ପାଦନ ଭଳି ପଦକ୍ଷେପ ଏଂ ଡ୍ରାଗନ ଫ୍ରୁଟ ଭଳି ଉଚ୍ଚମୂଲ୍ୟଯୁକ୍ତ ଫସଲ ମାଧ୍ୟମରେ କୃଷି ଅର୍ଥନୀତିକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦେଉଛି, ଯାହା କୃଷକଙ୍କୁ ଖର୍ଚ୍ଚ ହ୍ରାସ କରିବା, ଉତ୍ପାଦକତା ବୃଦ୍ଧି କରିବା ଓ ଜଳବାୟୁ-ପ୍ରତିରୋଗୀ ଅଭ୍ୟାସଗୁଡିକୁ ଗ୍ରହଣ କରିବା ପାଇଁ ସକ୍ଷମ କରିଛି। ପଶୁପାଳନ ଚାଷ ଏକ ପ୍ରମୁଖ ସ୍ତମ୍ଭ ଭାବେ ବଜାୟ ରହିଥିବା ବେଳେ ମୋଟ ୧୧୧୧ ପୋଲଟ୍ରି ୟୁନିଟ, ୯୮୫ ଗୋଟେରୀ ୟୁନିଟ ଓ ୧୭୦ ପିଗେରୀ ୟୁନିଟ ସ୍ଥାପନ କରାଯାଇଛି। ଏହି ପ୍ରୟାସଗୁଡିକୁ ପରିପୂରକ କରି, ଗ୍ରାମାଞ୍ଚଳ ଉଦ୍ୟୋଗିକତାକୁ ମଜବୁତ କରିବା ପାଇଁ ମିଲେଟ ବା ବାଜରା ଚାଷ ୧୦୬ ଏକରରେ ପରିବ୍ୟାପ୍ତ ରହିଛି, ୩୧୫୦୦ରୁ ଅଧିକ ଫଳ ଗଛ ସହିତ ବାଡି ବିକାଶ ୪୨୦ ଏକର ଜମିକୁ କଭର କରିଛି ଏବଂ ୯୨ଟି ଅଣ୍ଡୁ ଉଦ୍ୟୋଗ ସ୍ଥାପନ କରାଯାଇଛି। ଆୟ ବୃଦ୍ଧି କରିବା ପାଇଁ ପ୍ରୋଜେକ୍ଟ ଅନ୍ନଦାତା ଓ ପ୍ରୋଜେକ୍ଟ ହସ୍ତକଳା ଭଳି ପଦକ୍ଷେପଗୁଡିକ ଉଭୟ କୃଷି ଓ ଅଣ-କୃଷି ଜୀବିକାଗୁଡିକୁ ଆଗକୁ ବଢାଉଛନ୍ତି।



ଏହି ଅଭିଯାନ ସମ୍ପର୍କରେ ଡିସିବିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ରାଜଗାଙ୍ଗପୁରର ୟୁନିଟ ହେଡ ଚେତନ ଶ୍ରୀବାସ୍ତବ କହିଛନ୍ତି, "ସାର୍ଥକ ସମୁଦାୟ ବିକାଶ ଗଭୀରତା, ନିରନ୍ତରତା ଓ ବିଶ୍ୱାସ ଆବଶ୍ୟକ କରିଥାଏ। ଗ୍ରାମ ପରିବର୍ତନ ମାଧ୍ୟମରେ ବହୁମୁଖୀ ଓ ସ୍ଥାୟୀ ଜୀବିକା ମଡେଲ ନିର୍ମାଣ କରିବା ପାଇଁ ଆମେ ଗ୍ରାମୀଣ ସମୁଦାୟଗୁଡିକ ସହ ମିଳିତ ଭାବେ କାର୍ଯ୍ୟ କରୁଛୁ। ରାଜଗାଙ୍ଗପୁରରେ ଆମେ ପରିଲକ୍ଷିତ କରିଥିବା ପ୍ରଭାବର ବ୍ୟାପକତା , କାର୍ଯ୍ୟକ୍ରମଗୁଡିକ ଅଂଶଗ୍ରହଣକାରୀ, ସ୍ଥାନୀୟ ରୂପେ ପ୍ରାସଙ୍ଗିକ ଓ ଅର୍ଥନୈତିକ ଦୃଷ୍ଟିରୁ ସ୍ଥାୟୀ ହେଲେ କ'ଣ ସବୁ ସମ୍ଭବ ହୋଇପାରେ ତାହାକୁ ପ୍ରତିଫଳନ କରୁଛି।" ସାମୂହିକ ଭାବେ ଏହାର ସିଏସଆର ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ ଅଧୀନରେ ଏଭଳି ପଦକ୍ଷେପଗୁଡିକ କୃଷି, ସମ୍ବନ୍ଧିତ କାର୍ଯ୍ୟ ଓ ଅଣ-କୃଷି ସୁଯୋଗଗୁଡିକରେ ଏକ ସମନ୍ୱିତ ଆଭିମୁଖ୍ୟ ମାଧ୍ୟମରେ ରାଜଗାଙ୍ଗପୁରରେ ଗ୍ରାମୀଣ ଜୀବିକାକୁ ମଜଭୁତ କରିବା ପାଇଁ ଏକ ସ୍ଥାୟୀ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ବିବିଧ ଆୟ, ଜଳବାୟୁ-ସ୍ଥିରତା ପଦ୍ଧତି ଓ ସ୍ଥାନୀୟ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରି ଗ୍ରାମ ପରିବର୍ତ୍ତନ କାର୍ଯ୍ୟକ୍ରମ ସମୁଦାୟଗୁଡିକୁ ସ୍ଥିର, ସ୍ଥାୟୀ ଜୀବିକା ପାଇଁ ପ୍ରୋତ୍ସାହିତ କରିବା ସହ ଆର୍ଥିକ ଅନିଶ୍ଚିତତା ଦୂର କରିବା ପାଇଁ ସକ୍ଷମ କରୁଛି।

## ପାରମ୍ପରିକ ଖାଦ୍ୟ ଦିବସ

ରମ୍ଭା,୧୫ ।୪ (ନିପ୍ର): ଗଞ୍ଜାମ ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବନ୍ଦନୀୟ ବରପୁତ୍ର ଦିବସ ପାଳିତ ହୋଇ ଯାଇଛି । ଛତ୍ରପୁରଠାରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ପାଳିତ ହୋଇ ଥିଲା। ସେଥିରେ ବିଭିନ୍ନ ବ୍ଲକରୁ ସାରସ୍ୱତ ଓ ସାଂସ୍କୃତିକ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ବ୍ଲକରେ ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ମାଧ୍ୟମରେ ସମ୍ପନ୍ନ ହୋଇଛି । ଏହା ସାଙ୍ଗକୁ ଓଡ଼ିଆ ପକ୍ଷର ଆମ ଓଡ଼ିଆ ପାରମ୍ପରିକ ଖାଦ୍ୟ ଦିବସ ମଧ୍ୟ ପାଳିତ ହୋଇ ଯାଇଛି ।

ଏଥିରେ ସାନ ରାମଚନ୍ଦ୍ରପୁର, ସନ୍ତୋଷ ପୁର ,ରାମଗଡ଼ ଆଦି ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନେ ବିଭିନ୍ନ ଓଡ଼ିଆ ରୁଚିର ଖାଦ୍ୟ ଓ ପିଠା ପଣା ପ୍ରସ୍ତୁତ କରି ଷ୍ଟଲ୍ ଖୋଲି ଅତିଥି ମାନଙ୍କୁ ବଣ୍ଟନ କରିଥିଲେ । ଉଭୟ କାର୍ଯ୍ୟକ୍ରମକୁ ଗଞ୍ଜାମ ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଉଦ୍ଘାଟନ କରିଥିଲେ । ଗଞ୍ଜାମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନି ଏ କାର୍ଯ୍ୟକ୍ରମ ତଥା ଆଲୋଚନା ସଭାକୁ ଆବାହକ ଭାବେ ପରିଚାଳନା କରିଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ଓ ପ୍ରକୃତି ବନ୍ଧୁ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଦନ୍ତପୁର ସଂସ୍କୃତି ଐତିହ୍ୟ ଗବେଷଣା ପରିଷଦ ଆବାହକ ଅଶୋକ କୁମାର ସାହୁ, ସମାଜସେବୀ ତଥା ପୂର୍ବତନ ଗଞ୍ଜାମ ବ୍ଲକ୍ ଅଧକ୍ଷ ସୁରଥ ପାହାନ, ରାମଗଡ଼ ପଞ୍ଚାୟତ ସମିତି ସଭ୍ୟା ଗୀତାଞ୍ଜଳି ଦାସ,ଗଞ୍ଜାମ ଶିଶୁ ବିକାଶ ଅଧିକାରୀ ,ଗ୍ରାମ ପଞ୍ଚାୟତ ଅଧିକାରୀ ଜଗଦୀଶ ବେହେରା, ଶିକ୍ଷକ ଶେଷଦେବ ବେହେରା, ଶିକ୍ଷକ ଗଣେଶ ଚନ୍ଦ୍ର ବେହେରା, ହୁମ୍ମା ବୀରଭଦ୍ର ବିଦ୍ୟାପୀଠ ଶିକ୍ଷୟିତ୍ରୀ ଚିନୁ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଶ୍ରୀଜଗନ୍ନାଥଙ୍କ ୨୪ ବେଶ ପ୍ରଦର୍ଶନୀ

ନିରାକାରପୁର,୧୫ ।୪ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଡମଣଭୂମି ଗ୍ରାମରେ ଏକ ଭବ୍ୟ ଆଧାତ୍ମିକ କାର୍ଯ୍ୟକ୍ରମ 'ଶ୍ରୀ ଜଗନ୍ନାଥଙ୍କ ୨୪ ବେଶ ପ୍ରଦର୍ଶନୀ' ଅନୁଷ୍ଠିତ ହୋଇଯାଇଛି। ପାଟ ଭଗତା ସୌନ୍ଦର୍ଯ୍ୟ କୁମାର ଜଗଦେବଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରଦର୍ଶନୀ ଆରମ୍ଭ ହୋଇ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ।ଏହି କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ବିଭିନ୍ନ ଦୁର୍ଲଭ ବେଶକୁ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି, ଯାହା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ସହିତ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ। ଏହାର ଉଦଘାଟନୀ ଅବସରରେ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ଭୋଳ, ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ପ୍ରଶାନ୍ତ କୁମାର ଜଗଦେବ, ବିନୋଦ କୁମାର ଭୋଳ, ସଚ୍ଚିନ୍ଦ୍ର କୁମାର୍ ଜଗଦେବ, ସଞ୍ଜୟ କୁମାର ଜଗଦେବ ଏବଂ ସ୍ୱର୍ଣ୍ଣ କୁମାର ବିଧାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଆୟୋଜନକୁ ସଫଳ କରିବା ପାଇଁ ଡମଣଭୂମି ଗ୍ରାମବାସୀ ଏବଂ ସମସ୍ତ ଜଗନ୍ନାଥ ଶ୍ରଦ୍ଧାଳୁ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛନ୍ତି।

# ବର୍ଜ୍ୟବସ୍ତୁ ପରିଚାଳନାରେ ବଲାଙ୍ଗିର ମୁନିସିପାଲିଟି ଫେଲ୍ !

## ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସହରର ମଇଳା ପକାଯାଉଛି

ବଲାଙ୍ଗିର,୧୫/୪ (ନିପ୍ର): ବଲାଙ୍ଗିର ମୁନିସିପାଲିଟି ବର୍ତ୍ତମାନ ବର୍ଜ୍ୟବସ୍ତୁ ପରିଚାଳନା ଫେଲ ମାରିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ବଲାଙ୍ଗିର ସହରର ସମସ୍ତ ମଇଳା ଆବର୍ଜନା ନେଇ ମୁନିସିପାଲିଟି ନିଜେ ତିଆରି କରିଥିବା ବାଜର୍ଯ୍ୟବସ୍ତୁ ପରିଚାଳନା ସ୍ୱତନ୍ତ୍ର ଗୃହରେ ରଖିବା କଥା। କିନ୍ତୁ ଏବେ କିଛି ମାସ ହେଲା ସହରର ସବୁ ମଇଳା ଓ ଆବର୍ଜନାକୁ ନେଇ ସହରରରୁ ମାତ୍ର ୫ କିଲୋମିଟର ବାହାରେ ଟିଟିଲାଗଡ ରାସ୍ତାରେ ଥିବା ସଂରକ୍ଷିତ ଜଙ୍ଗଲ ଭିତରେ(ଚମଡା ଗୋଦାମ ପଛ ପଟରେ) ସମସ୍ତ ମଇଳା ଗୁଡାକ ପକାଉଥିବା ଦେଖିବାକୁ ମିଳିଛି। ଟିଟିଲାଗଡ ମୁଖ୍ୟ ରାସ୍ତା କଡରୁ ଆରମ୍ଭ କରି ଜଙ୍ଗଲ ଭିତର ପର୍ଯ୍ୟନ୍ତ ମଇଳା ଆବର୍ଜନା ପକାଯାଉଛି। ଏପରିକି ସେହି ମଇଳା ଗୁଡାକରେ ନିଆଁ ଲଗାଇ ଦେଉଛନ୍ତି ମୁନିସିପାଲଟି କର୍ମଚାରୀ । ଏହା ଯୋଗୁଁ ଜଙ୍ଗଲ ରେ ନିଆଁ ଲାଗିବା ସହ ବାୟୁ ମଧ୍ୟ ପ୍ରଦୂଷଣ ହେଉଛି । ରାତିରେ ଟିଟିଲାଗଡ ରାସ୍ତା ଦେଇ ଗଲେ ଏହି ଚମଡା ଗୋଦାମ ପାଖ ରାସ୍ତା ଉପରେ ସତେ ଯେମିତି ଏହି ଖରା ମାସରେ କୁହୁଡି ପଡିଥିବା ନେଇ ଭ୍ରମ ସୃଷ୍ଟି କରୁଛି । ମୁନିସିପାଲିଟି ଯେଉଁଠି ମଇଳା ପକାଉଛି ତା ପାଖରେ କରୋନା ସମୟରେ ମୃତ୍ୟୁ ବରଣ କରିଥିବା ଶବଙ୍କୁ ପୋଡା ଯାଉଥିଲା । ତାର ଫାଇଦା ନେଇ ମୁନିସିପାଲିଟି ସେହି ସ୍ଥାନ ସମେତ ଆଖପାଖ ଯେଉଁଠି ପାରିଲା ମଇଳା ଆବର୍ଜନା ପକାଉଛି। ସ୍ଥାନୀୟ ଜଙ୍ଗଲ ବିଭାଗ ଏନେଇ ମୁନିସିପାଲିଟି ବିଭାଗୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ ବୋଲି ରେଜଂର ଅସହାୟତା ପ୍ରକାଶ କହିଛନ୍ତି। ବିଭିନ୍ନ ସମୟରେ ଲୋକେ ମଧ୍ୟ ଏହି ବେଆଇନ ଭାବରେ ମଇଳା ପକାଇବା ଏବଂ ତାକୁ ପୋଡିବା ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ମୁନିସିପାଲିଟି ଅଧିକାରୀଙ୍କୁ ସୂଚନା ଦେଇଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ ବର୍ଜ୍ୟବସ୍ତୁ ପରିଚାଳନାରେ ଥିବା ଅଧିକାରୀଙ୍କ ଆଡକୁ ଏଡାଇ ଦେଇ ନିଜ ଦାୟିତ୍ୱ ସାରି ଦେଇଛନ୍ତି । ଏନେଇ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ କହିବା ଅନୁସାରେ ବଲାଙ୍ଗିର ସହରରୁ ପ୍ରତ୍ୟେକ ଦିନ ପ୍ରାୟ ୯ରୁ ୧୦ କୁଇଣ୍ଟାଲ ବର୍ଜ୍ୟବସ୍ତୁ ବାହାରୁଛି । ତାକୁ ଆମେ ଭେଇକିଲ ମଧ୍ୟମରେ ନେଇ ବଲାଙ୍ଗିର ସହରର ଭିତରେ ଥିବା ୩ଟି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ପକାଉଛୁ । ଜଙ୍ଗଲ ଭିତରେ ପଡୁଥିବା ମଇଳା ବାବଦରେ ମୁଁ କିଛି ଜାଣି ନାହିଁ । ସେ ବିଷୟରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିଲେ କହି ପାରିବେ ବୋଲି କହିଥିଲେ। ପ୍ରକାଶ ଯେ, ବଲାଙ୍ଗିର ସହରରର ମଇଳା ଆବର୍ଜନାକୁ ନେଇ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସହରର ମଧ୍ୟରେ ଥିବା ଚମାରଟିକ୍ରା, ସେଟ୍ରାଂଲସ୍କୁଲ ଏବଂ ବିଜାଖମନ ପାଖରେ ଏହିପରି ତିନୋଟି ସ୍ଥାନରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ତିଆରି କରି ମେସିନ ବସାଯାଇଛି । କିନ୍ତୁ ଉକ୍ତ ସ୍ଥାନମାନଙ୍କରେ ଏହି ବସ୍ତୁ ଠିକରେ ପରିଚାଳନା ହେଉ ନଥିବା ଯୋଗୁଁ ସ୍ଥାନୀୟ ଅଂଚଳରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ମାଛି, ମଶାର ପ୍ରାର୍ଦୁଭାବ ସାଙ୍ଗକୁ ପରିବେଶ ବହୁ ଦୁର୍ଗନ୍ଧମୟ ହେଉଛି । ମଇଳା ଗୁଡିକୁ ବିଭିନ୍ନ ସମୟରେ ପୋଡା ଯିବା ଯୋଗୁଁ ବାୟୁ ପ୍ରଦୂଷଣ ହୋଇ ସହରରେ ଶ୍ୱାସ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଥିବା କୁହାଯାଉଛି । ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଏବଂ ପରିବେଶବିତ ମାନେ ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଏହାର ସ୍ଥାୟୀ ସମାଧାନ କରିବାକୁ ଲୋକେ ଦାବି କରିଛନ୍ତି।



# ପବନ ଖେଡାଙ୍କୁ ସୁପ୍ରିମକୋର୍ଟରୁ ଝଟକା



ନୂଆଦିଲ୍ଲୀ, ୧୫/୪: କଂଗ୍ରେସ ନେତା ପବନ ଖେଡ଼ାଙ୍କ ଅଡୁଆ ପୁଣି ଥରେ ବଢ଼ିଛି । ଏଥର, ତାଙ୍କୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟରୁ ଝଟକା ଲାଗିଛି । ବିଶେଷକରି, ତେଲେଙ୍ଗାନା ହାଇକୋର୍ଟ ଖେଡ଼ାଙ୍କୁ ଗିରଫଦାରୀରୁ ରକ୍ଷା କରିବା ପାଇଁ ଯେଉଁ ଗୋଟିଏ ସପ୍ତାହର ଆଶ୍ୱସ୍ତି (ଟ୍ରାଞ୍ଜିଟ୍ ଜାମିନ୍) ଦେଇଥିଲେ, ତାହାକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି । ଏହାର ଅର୍ଥ ହେଉଛି ସେ ଯେଉଁ ଅସ୍ଥାୟୀ ଆଶ୍ୱସ୍ତି ପାଇଥିଲେ ତାହା ଏବେ ଶେଷ ହୋଇଯାଇଛି । ଆସାମ ସରକାର ଖେଡ଼ାଙ୍କୁ ଦିଆଯାଇଥିବା ଏହି ଆଶ୍ୱସ୍ତି ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ମାମଲାର ଶୁଣାଣି କରିବା ସମୟରେ, କୋର୍ଟ ପବନ ଖେଡ଼ାଙ୍କୁ ଏକ ନୋଟିସ୍ ଜାରି କରିଥିଲେ । କୋର୍ଟ ତାଙ୍କୁ ଏହି ମାମଲାରେ ତାଙ୍କର ମତାମତ ଉପସ୍ଥାପନ କରିବାକୁ କହିଛନ୍ତି ଏବଂ ଏଥିପାଇଁ ତାଙ୍କୁ ତିନି ସପ୍ତାହ ସମୟ ମଧ୍ୟ ଦେଇଛନ୍ତି । ଏହା ବ୍ୟତୀତ, ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯଦି ସେ ଆଗୁଆ ଜାମିନ ଚାହାଁନ୍ତି, ତେବେ ତାଙ୍କୁ ଆସାମ କୋର୍ଟକୁ ଯିବାକୁ ପଡ଼ିବ । ଆସାମ ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟରେ ଏକ ସରଳ ଯୁକ୍ତି ଉପସ୍ଥାପନ କରିଥିଲେ । ସେ ପ୍ରଶ୍ନ ଉଠାଇଥିଲେ ଯେ ମାମଲାଟି ଆସାମରେ ପଞ୍ଜିକୃତ ହୋଇଥିବାରୁ, ତେଲେଙ୍ଗାନା ହାଇକୋର୍ଟ କିପରି ଏହି ମାମଲାରେ ହସ୍ତକ୍ଷେପ କରି ଜାମିନ ପ୍ରଦାନ କରିପାରିବେ । ସେ ଯୁକ୍ତି ଦର୍ଶାଇଥିଲେ ଯେ, ଉପଯୁକ୍ତ ପ୍ରକ୍ରିୟା ଅନୁଯାୟୀ, ପବନ ଖେଡ଼ା ଆସାମ ହାଇକୋର୍ଟକୁ ଯିବା ଉଚିତ ଥିଲା ।

# ବିହାରରେ ଆରମ୍ଭ ହେଲା 'ସମ୍ରାଟ ଯୁଗ'

ପାଟନା, ୧୫।୪: ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ତାରାପୁର ବିଧାୟକ ସମ୍ରାଟ ଚୌଧୁରୀ ବିହାରର ୨୪ତମ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ତାଙ୍କ ଶପଥ ଗ୍ରହଣ ସହିତ,ସେ ବିହାରର ରାଜନୈତିକ ଇତିହାସରେ ଏକ ନୂତନ ଅଧ୍ୟାୟ ଲେଖିଛନ୍ତି । ସେ ରାଜ୍ୟରେ ଭାଜପାର ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠା ହେବା ଦିନଠାରୁ ଦୀର୍ଘ ସମୟ ଧରି ଏନଡିଏ ବ୍ୟାନର ତଳେ ରାଜ୍ୟ ସରକାରରେ ଅଂଶୀଦାର ରହିଆସିଛି । ଅନେକ ଭାଜପା ବିଧାୟକ ଉପମୁଖ୍ୟମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି, କିନ୍ତୁ ସମ୍ରାଟ ଚୌଧୁରୀ ବିହାରର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଏହି ଦୃଷ୍ଟିରୁ, ସମ୍ରାଟ ଚୌଧୁରୀ ନିଜ ପାଇଁ ଏକ ଅନନ୍ୟ ରେକର୍ଡ ସୃଷ୍ଟି କରିଛନ୍ତି । ରିପୋର୍ଟ ଅନୁଯାୟୀ, ସମ୍ରାଟ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ ସହିତ, ଜନତା ଦଳ ୟୁନାଇଟେଡର




ଦୁଇ ବରିଷ୍ଠ ନେତା, ବିଜୟ ଚୌଧୁରୀ ଏବଂ ବିଜେନ୍ଦ୍ର ଯାଦବ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ବିଜୟ ଚୌଧୁରୀ ଏବଂ ବିଜେନ୍ଦ୍ର ଯାଦବ ଉଭୟଙ୍କୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନିକଟତର ଏବଂ ବିଶ୍ୱସ୍ତ ସହଯୋଗୀ ଭାବରେ ବିବେଚନା କରାଯାଏ । ବିଜୟ ଚୌଧୁରୀ ଏନଡିଏ ଶାସନ ସମୟରେ ମନ୍ତ୍ରୀ ଏବଂ ବିଧାନସଭା ବାଚସ୍ପତି ଭଳି ପଦବୀରେ ରହିଆସିଛନ୍ତି । ଏହି ସମୟରେ, ବିଜେନ୍ଦ୍ର ଯାଦବ ଏନଡିଏ ଶାସନ ସମୟରେ ଜଣେ ବରିଷ୍ଠ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନିକଟତମ ସହଯୋଗୀଙ୍କ ମଧ୍ୟରୁ ଜଣେ ବୋଲି ମଧ୍ୟ ବିବେଚନା କରାଯାଏ । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଏବଂ ଏନଡିଏ ବିଧାୟକ ଦଳର ନେତା ନିର୍ବାଚିତ ହେବା ପରେ, ସମ୍ରାଟ ଚୌଧୁରୀ ବୁଧବାର ସନ୍ଧ୍ୟାରେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ ।ମନ୍ତ୍ରିମଣ୍ଡଳ ବିସ୍ତାର ପରେ ନୂଆ ମନ୍ତ୍ରୀଙ୍କୁ କ୍ୟାବିନେଟରେ ସାମିଲ କରାଯିବ । ଏହା ପରେ ପୁନଃ ବିଭାଗ ବଣ୍ଟନ କରାଯିବ ।ମୁଖ୍ୟମନ୍ତ୍ରୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ ମଧ୍ୟରେ ବର୍ତ୍ତମାନ ବିଭାଗ ବଣ୍ଟନକୁ ଅସ୍ଥାୟୀ ଭାବରେ କରାଯାଇଛି । କୁହାଯାଉଛି ଯେ, ମନ୍ତ୍ରିମଣ୍ଡଳ ବିସ୍ତାରରେ କିଛି ଦିନ ସମୟ ଲାଗିପାରେ । ସେପର୍ଯ୍ୟନ୍ତ ବିଜୟ ଏବଂ ବିଜେନ୍ଦ୍ର ହିଁ ବ୍ୟବସ୍ଥା ସମ୍ଭାଳିବେ । ମୁଖ୍ୟମନ୍ତ୍ରୀ ସମ୍ରାଟ ନିଜ ପାଖରେ ଯେଉଁ ବିଭାଗ ରଖିଛନ୍ତି, ସେଥିରେ ଅଧିକାଂଶ ପୂର୍ବରୁ ନୀତୀଶ କୁମାରଙ୍କ ସରକାରରେ ବିଜେପି କୋଟା ମନ୍ତ୍ରୀଙ୍କ ପାଖରେ ଥିଲା । ଏହା ସହ ଏଲଜେପି-ଆର, ଏଚଏଏମ ଏବଂ ଆରଏଲଏସପି ଦ୍ୱାରା ବଜାୟ ରଖିଥିବା ବିଭାଗକୁ ନିଜ ପାଖରେ ରଖିଛନ୍ତି । ସେହିଭଳି ନୀତୀଶ ସରକାରଙ୍କ ସମୟରେ ଯେଉଁ ବିଭାଗ ଜେଡିୟୁ ମନ୍ତ୍ରୀଙ୍କ ପାଖରେ ଥିଲା । ତାହା ବଣ୍ଟନ ଦୁଇ ନୂଆ ଉପମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ କରାଯାଇଛି । ସମ୍ରାଟ ଚୌଧୁରୀଙ୍କ ପାଖରେ ସାଧାରଣ ପ୍ରଶାସନ, ଗୃହ, କ୍ୟାବିନେଟ ସଚିବାଳୟ, ତଦାରଖ, ନିର୍ବାଚନ, ରାଜସ୍ୱ ଏବଂ ଭୂମି ସଂସ୍କାର, ଖଣି ଏବଂ ଭୂତତ୍ତ୍ୱ, ନଗର ଉନ୍ନୟନ ଏବଂ ଗୃହ ନିର୍ମାଣ, ସ୍ୱାସ୍ଥ୍ୟ, ପଦ୍ଧତି, ଶିକ୍ଷା, ରାସ୍ତା ନିର୍ମାଣ, କୃଷି, କ୍ଷୁଦ୍ର ଜଳସମ୍ପଦ, ଶ୍ରମ ସମ୍ବଳ ଏବଂ ପ୍ରବାସୀ ଶ୍ରମିକ କଲ୍ୟାଣ, ଯୁବପିଢ଼ି, ନିଯୁକ୍ତି ଏବଂ ଦକ୍ଷତା ବିକାଶ, ପର୍ଯ୍ୟଟନ, କଳା ଏବଂ ସଂସ୍କୃତି, ଦୁଗ୍ଧ, ମତ୍ସ୍ୟ ଏବଂ ପଶୁ ସମ୍ପଦ, ବିପର୍ଯ୍ୟୟ ପରିଚାଳନା, ପଛୁଆ ବର୍ଗ ଏବଂ ଅତି ପଛୁଆ ବର୍ଗ କଲ୍ୟାଣ, ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ, ସୂଚନା ପ୍ରଯୁକ୍ତିବିଦ୍ୟା, ଖେଳ, ସମବାୟ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ, ଆଖୁ ଶିଳ୍ପ, ସାର୍ବଜନୀନ ସ୍ୱାସ୍ଥ୍ୟ ଇଞ୍ଜିନିୟରିଂ, ପଞ୍ଚାୟତିରାଜ ଏବଂ କାହାକୁ ବଣ୍ଟନ କରାଯାଇଥିବା ବିଭାଗ ଗୁଡ଼ିକ ତାଙ୍କ ପାଖରେ ରହିଛି ।

# ୧୩ ହଜାର ସୈନିକ ପଠାଇ ପାକିସ୍ତାନ ପାଇଲା ୩ ବିଲିୟନ ଡଲାର



ଇସ୍‌ଲାମାବାଦ, ୧୫।୪: ଆର୍ଥିକ ସଙ୍କଟରେ ଜର୍ଜରିତ ପାକିସ୍ତାନ ନିଜର ସୁରକ୍ଷା ରଣନୀତିକୁ ଅର୍ଥନୈତିକ ସମ୍ବଳରେ ପରିଣତ କରିବା ପାଇଁ ସାଉଦି ଆରବକୁ ୧୩,୦୦୦ ସୈନିକ ଓ ଅସ୍ତ୍ରଶସ୍ତ୍ର ପଠାଇଛି । ଏହା ପରେ ରିୟାଦ ପକ୍ଷରୁ ଇସଲାମାବାଦ ପାଇଁ ତୁରନ୍ତ ୩ ବିଲିୟନ ଡଲାର (ପ୍ରାୟ ୨.୭ ଲକ୍ଷ କୋଟି ଟଙ୍କା) ମଞ୍ଜୁର କରାଯାଇଛି । ୟୁଏଇର ଋଣ ପରିଶୋଧ କରିବାକୁ ଚାପରେ ଥିବା ପାକିସ୍ତାନ ପାଇଁ ଏହି ସହାୟତା ଏକ 'ଜୀବନରେଖା' ସଦୃଶ ହୋଇଥିବା ବେଳେ, ଏହା ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ପ୍ରତିରକ୍ଷା ଚୁକ୍ତିର ପରିଣାମ ବୋଲି କୁହାଯାଉଛି । ସାଉଦି ଆରବ ଏହି ଚୁକ୍ତି ମାଧ୍ୟମରେ ପାକିସ୍ତାନର 'ପରମାଣୁ ଛତ୍ର ଛାୟା' ତଳେ ନିଜକୁ ସୁରକ୍ଷିତ ରଖିବାକୁ ଚାହୁଁଥିବା ବେଳେ, ପାକିସ୍ତାନ ଏହା ବଦଳରେ ନିଜର ଦେବାଳିଆ ଅର୍ଥନୀତିକୁ ବଞ୍ଚାଇବାକୁ ଚେଷ୍ଟା କରୁଛି । ଗୋଟିଏ ସପ୍ତାହ ମଧ୍ୟରେ ଏହି ଅର୍ଥ ପାକିସ୍ତାନକୁ ମିଳିବା ସହ ପୂର୍ବରୁ ନିଆଯାଇଥିବା ଋଣର ସମୟସୀମା ମଧ୍ୟ ବୃଦ୍ଧି କରାଯାଇଛି । ପାକିସ୍ତାନ ପାଇଁ ଏହି ସହାୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଚଳିତ ମାସ ଶେଷ ସୁଦ୍ଧା ତା'ର ୩.୫ ବିଲିୟନ ଡଲାର ଋଣ ପରିଶୋଧ କରିବାକୁ ପାକିସ୍ତାନ ଉପରେ ଚାପ ପକାଉଛି । ଅନ୍ୟପଟେ ଇରାନ-ଆମେରିକା ଉତ୍ତେଜନା ଯୋଗୁଁ ଦେଶରେ ମୁଦ୍ରାସ୍ଫୀତି ଆକାଶଛୁଆଁ ହୋଇଛି ଏବଂ ଆଇଏମଏଫ୍ ପକ୍ଷରୁ କଠୋର ଚେତାବନୀ ମଧ୍ୟ ମିଳିଛି । ଏପରି ସ୍ଥିତିରେ ସୈନ୍ୟ ପଠାଇ ଡଲାର ସଂଗ୍ରହ କରିବା ପାକିସ୍ତାନ ପାଇଁ ଏକମାତ୍ର ସମ୍ବଳ ପାଲଟିଛି । ବିଶ୍ଳେଷକଙ୍କ ଅନୁଯାୟୀ, ସାଉଦି ଆରବ ପରୋକ୍ଷରେ ଜଣେ ପାକିସ୍ତାନୀ ସୈନିକଙ୍କ ମୂଲ୍ୟ ପ୍ରାୟ ୨୦୦ ମିଲିୟନ୍ ଡଲାର ବୋଲି ଆକଳନ କରି ଏହି ବଡ଼ ନିବେଶ କରିଛି ।

# ୱାସିଂଟନ ଯିବେ ଭାରତୀୟ ପ୍ରତିନିଧି




ନୂଆଦିଲ୍ଲୀ, ୧୫।୪: ଭାରତ ଓ ଆମେରିକା ମଧ୍ୟରେ ଅଟକି ରହିଥିବା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ପୁନର୍ବାର ଆରମ୍ଭ ହେବ । ଆସନ୍ତା ସପ୍ତାହରେ ଏକ ଉଚ୍ଚସ୍ତରୀୟ କେନ୍ଦ୍ର ସରକାରଙ୍କ ପ୍ରତିନିଧିମଣ୍ଡଳ ୱାସିଂଟନ ଯାତ୍ରା କରିବେ । ଏହି ଗସ୍ତ ଏପରି ଏକ ସମୟରେ ହେଉଛି ଯେତେବେଳେ ଆମେରିକାର ଶୁଳ୍କ ନିୟମ ଓ କୋର୍ଟଙ୍କ ରାୟ ପରେ ସୃଷ୍ଟି ହୋଇଥିବା ସ୍ଥିତି ଉପରେ ସମସ୍ତଙ୍କ ନଜର ରହିଛି । ଆସନ୍ତା ସପ୍ତାହର ଆଲୋଚନା କେବଳ ଶୁଳ୍କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ଆସନ୍ତା ସପ୍ତାହର ଆଲୋଚନା କେବଳ ଶୁଳ୍କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟର ଧାରା ୩୦୧ ଅଧୀନରେ ଦୁଇଟି ତଦନ୍ତ ଆରମ୍ଭ କରିଛି । ଭାରତ ସମେତ ୬୦ଟି ଦେଶ ବିରୋଧରେ ଏହି ତଦନ୍ତ କରାଯାଉଛି । ୱାସିଂଟନ ବୈଠକରେ ଭାରତୀୟ ଅଧିକାରୀମାନେ ନୂତନ ଶୁଳ୍କ ଗଠନ ଉପରେ ସ୍ପଷ୍ଟତା ଖୋଜିବେ । ପରିବର୍ତ୍ତିତ ପରିସ୍ଥିତିରେ ମଧ୍ୟ ରପ୍ତାନିକାରୀଙ୍କ ସ୍ୱାର୍ଥ ସୁରକ୍ଷିତ ରହିବାକୁ ଭାରତ ଚେଷ୍ଟା କରିବ । ଭାରତ ଧାରା ୩୦୧ ତଦନ୍ତ ଉପରେ ମଧ୍ୟ ନିଜର ମତାମତ ଉପସ୍ଥାପନ କରିବ ଯାହା ଦ୍ୱାରା ଭବିଷ୍ୟତରେ ପ୍ରତିବନ୍ଧକକୁ ଏଡାଯାଇପାରିବ । ପ୍ରଥମେ ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ମାର୍ଚ୍ଚ ମାସରେ ସ୍ୱାକ୍ଷରିତ ହେବାର ଆଶା କରାଯାଉଥିଲା, କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ଶୁଳ୍କ ଓ ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ପରିସ୍ଥିତିକୁ ଅଧିକ ଜଟିଳ କରିଛି । ଦୁଇ ଦେଶ ଗତ ଫେବ୍ରୁଆରି ମାସରେ ଚୁକ୍ତିର ପ୍ରଥମ ପର୍ଯ୍ୟାୟର ରୂପରେଖା ପ୍ରସ୍ତୁତ କରିଥିଲେ । ଏହି ଢାଞ୍ଚା ଅନୁଯାୟୀ ଆମେରିକା ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ୧୮%କୁ ହ୍ରାସ କରିବାକୁ ରାଜି ହୋଇଥିଲା । ତଥାପି, ପରବର୍ତ୍ତୀ ସମୟରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ପୂର୍ବ ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ସେହି ଆଲୋଚନା ପ୍ରାସଙ୍ଗିକତା ହରାଇଥିଲା । ଏହି ନିଷ୍ପତ୍ତି ପରେ ଆମେରିକା ପ୍ରଶାସନ ଗତ ଫେବ୍ରୁଆରି ୨୪ରୁ ୧୫୦ ଦିନ ପାଇଁ ସମସ୍ତ ଦେଶରୁ ଆମଦାନି ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା । ଶୁଳ୍କକୁ ନେଇ ସ୍ପଷ୍ଟତା ଅଭାବରୁ ଗତ ମାସର ବୈଠକକୁ ସ୍ଥଗିତ ରଖାଯାଇଥିଲା ।

# ଆଣ୍ଡାମାନ ସାଗରରେ ବୁଡ଼ିଲା ଡଙ୍ଗା, ୨୫୦ ନିଖୋଜ

ନୂଆଦିଲ୍ଲୀ, ୧୫।୪ : ଆଣ୍ଡାମାନ ସାଗରରେ ମାଲେସିଆ ଅଭିମୁଖେ ଯାଉଥିବା ଡଙ୍ଗା ଆଣ୍ଡାମାନ ସାଗରରେ ବୁଡ଼ିଯାଇଛି । ଘଟଣାରେ ୨୫୦ରୁ ଅଧିକ ଲୋକ ନିଖୋଜ ରହିଛନ୍ତି । ଏଥିରେ ବେଆଇନ ଭାବରେ ଯାତ୍ରା କରୁଥିବା ଅନେକ ଲୋକ ଥିଲେ । ଅଧିକାଂଶ ରୋହିଙ୍ଗ୍ୟା ଶ୍ରମିକ ଏବଂ ବାଂଲାଦେଶୀ ନାଗରିକ । ଅତି କମରେ ୯ ଜଣଙ୍କୁ ଉଦ୍ଧାର କରାଯାଇଛି । ଦି ଡେଲି ଷ୍ଟାର ଏକ ରିପୋର୍ଟ ଅନୁଯାୟୀ, ଡଙ୍ଗାଟି ରୋହିଙ୍ଗ୍ୟା ଏବଂ ବାଂଲାଦେଶୀ ନାଗରିକଙ୍କ ସମେତ ପ୍ରାୟ ୨୫୦-୨୮୦ ଲୋକଙ୍କୁ ନେଇଯାଉଥିଲା । ସମୁଦ୍ରରେ କିଛି ଦିନ ବିତାଇବା ପରେ ଡଙ୍ଗାଟି ଓଲଟି ପଡିଥିଲା । ନିକଟରେ ପାଟ୍ରୋଲିଂ କରୁଥିବା ଜାହାଜଗୁଡ଼ିକ ୯ ଜଣଙ୍କୁ ଉଦ୍ଧାର କରିଛି ।

# ବସ୍ ଦୁର୍ଘଟଣାଗ୍ରସ୍ତ: ୬ ମୃତ ଓ ୧୫ରୁ ଅଧିକ ଆହତ


ପଞ୍ଜାବ, ୧୫।୪ : ପଞ୍ଜାବର ଫତେଗଡ଼ ସାହିବ ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ରିପୋର୍ଟ ଅନୁସାରେ, ବସ୍‌ଟି ପଠାଣା ନିକଟରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏପର୍ଯ୍ୟନ୍ତ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୫ ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି । ଆହତଙ୍କୁ ତୁରନ୍ତ ହସ୍ପିଟାଲ ପଠାଯାଇଛି ଏବଂ ସେମାନଙ୍କ ଚିକିତ୍ସା ଆରମ୍ଭ ହୋଇଛି । ଘଟଣାର ସୂଚନା ପାଇବା ମାତ୍ରେ ପୋଲିସ ଏବଂ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି । ସୂଚନାନୁଯାୟୀ, ଦୁର୍ଘଟଣା ସମୟରେ ବସରେ ୩୦ ରୁ ୪୦ ଯାତ୍ରୀ ଥିଲେ । ବସଟି ଏକ ଇଲେକ୍ଟ୍ରି ଖୁଣ୍ଟ ସହିତ ଧକ୍କା ହୋଇଥିଲା ଏବଂ ପରେ ଓଲଟି ପଡ଼ିଥିଲା । ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସୁଦ୍ଧା ଜଣାପଡିନାହିଁ । ଦୁର୍ଘଟଣାର କାରଣ ଜାଣିବାକୁ ଏହି ଘଟଣା ଏବେ ତଦନ୍ତାଧୀନ ରହିଛି । ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳକୁ ଯାଇ ଆହତମାନଙ୍କୁ ଫତେଗଡ଼ ସାହିବ ଏବଂ ବସଟି ପଠାଣାର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ।

# ମହିଳା ସଂରକ୍ଷଣ ବିଲ୍ ଆଗତ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଭା ପାଟିଲଙ୍କ ଚିଠି



ନୂଆଦିଲ୍ଲୀ, ୧୫।୪ : ଗୁରୁବାର ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଆଗତ ହେବାକୁ ଯାଉଛି ମହିଳା ସଂରକ୍ଷଣ ବିଲ୍ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭା ଦେବୀସିଂହ ପାଟିଲ୍ । ସରକାରଙ୍କ ଏଭଳି ଏକ ପଦକ୍ଷେପକୁ ସେ ଦୃଢ଼ଭାବେ ସମର୍ଥନ କରିଛନ୍ତି । ସେ ଚିଠି ମାଧ୍ୟମରେ ଜଣାଇଛନ୍ତି କି, ଏଭଳି ଏକ ନିଷ୍ପତ୍ତ ଭାରତୀୟ ଗଣତନ୍ତ୍ର ପାଇଁ ବୈପ୍ଳବିକ ପଦକ୍ଷେପ ।ଏହାସହ ପ୍ରତିଭା ପାଟିଲ ଚିଠିରେ ଦର୍ଶାଇଛନ୍ତି କି, ଭାରତ ନିରନ୍ତର ଭାବେ ଜାତୀୟ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କର ଅସାଧାରଣ ଅବଦାନ ଦେଖିଛି । ଏହି ଆଇନ୍ ଭାରତୀୟ ମହିଳା ଶକ୍ତିର ଅପାର ସମ୍ଭାବନାକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଏ । ଏହାସହ ମହିଳାଙ୍କୁ ଶାସନର ଶୀର୍ଷ ସ୍ତରରେ ନେତୃତ୍ୱ ଭୂମିକା ଗ୍ରହଣ କରିବା ପାଇଁ ପଥ ପ୍ରଶସ୍ତ କରେ । ଏହାସହ ସେ ପ୍ରକାଶ କରିଛନ୍ତି କି,'ମୁଁ ନିଶ୍ଚିତ ଯେ ଏହି ପ୍ରଗତିଶୀଳ ପଦକ୍ଷେପ ଅଗଣିତ ମହିଳାଙ୍କ, ବିଶେଷକରି ଗ୍ରାମୀଣ ଏବଂ ସୀମାନ୍ତ ସମ୍ପ୍ରଦାୟର ମହିଳାଙ୍କ ଆକାଂକ୍ଷାକୁ ଜାଗ୍ରତ କରିବ ଏବଂ ସେମାନଙ୍କୁ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଏବଂ ରାଷ୍ଟ୍ର ନିର୍ମାଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ଉତ୍ସାହିତ କରିବ ।

# ରାଘବ ଚଡ୍ଢାଙ୍କୁ କେନ୍ଦ୍ର ଦେଲା 'ଜେଡ୍' ସିକ୍ୟୁରିଟି



ନୂଆଦିଲ୍ଲୀ, ୧୫।୪: ପଞ୍ଜାବର ଆମ ଆଦମୀ ପାର୍ଟି (ଆପ) ସରକାର ରାଘବ ଚଡ୍ଢାଙ୍କ ସୁରକ୍ଷା ପ୍ରତ୍ୟାହାର କରିନେଇଛି । ଯାହା ପରେ କେନ୍ଦ୍ର ସରକାର ତାଙ୍କୁ '' ବର୍ଗର ସୁରକ୍ଷା ପ୍ରଦାନ କରିଛନ୍ତି । ରାଘବ ଚଡ୍ଢାଙ୍କୁ ଦିଲ୍ଲୀ ଏବଂ ପଞ୍ଜାବରେ 'ଜେଡ' ବର୍ଗର ସୁରକ୍ଷା କଭର ମିଳିବ, ଯେତେବେଳେ ଅନ୍ୟ ସ୍ଥାନ ପାଇଁ 'ୱାଇ+' ବର୍ଗର ସୁରକ୍ଷା ଯୋଗାଇ ଦିଆଯିବ । ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଦ୍ୱାରା ଦାଖଲ ହୋଇଥିବା ବିପଦ ଅନୁଭବ ରିପୋର୍ଟ ଆଧାରରେ ଗୃହ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି । ଆମ ଆଦମୀ ପାର୍ଟି ସମ୍ପ୍ରତି ରାଘବ ଚଡ୍ଢାଙ୍କୁ ରାଜ୍ୟ ସଭାରେ ଦଳର ଉପନେତା ପଦରୁ ହଟାଇ ଦେଇଛି ଏବଂ ଗୃହରେ ଭାଷଣ ଦେବାରୁ ମଧ୍ୟ ବାରଣ କରିଛି । ତାଙ୍କ ସ୍ଥାନରେ, ଆପ ଅଶୋକ ମିତ୍ତଲଙ୍କୁ ରାଜ୍ୟ ସଭାରେ ଦଳର ଉପନେତା ଭାବରେ ନିଯୁକ୍ତ କରିଛି । ଆଶ୍ଚର୍ଯ୍ୟଜନକ ଭାବରେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଜି ଅଶୋକ ମିତ୍ତଲଙ୍କ ଜଳନ୍ଧରସ୍ଥିତ ବାସଭବନ ଏବଂ ତାଙ୍କ ଘରୋଇ ବିଶ୍ୱବିଦ୍ୟାଳୟରେ ଚଢ଼ାଉ କରିଛି । ରାଘବ ଚଡ୍ଢା ଏବଂ ଆମ ଆଦମୀ ପାର୍ଟି ମଧ୍ୟରେ ସମ୍ପର୍କ ବହୁତ ଦିନ ଧରି ତିକ୍ତ ଥିଲା, ଯାହା ଫଳରେ ଆପ ତାଙ୍କୁ ତାଙ୍କ ଦାୟିତ୍ୱରୁ ବାହାର କରିଦେଇଥିଲା । ତଥାପି, ଚଡ୍ଢା ପରବର୍ତ୍ତୀ ସମୟରେ ଏକ ଅଟଳ ମନୋଭାବ ଗ୍ରହଣ କରି ଦଳ ଦ୍ୱାରା ଲଗାତାର ଅଭିଯୋଗର ଜବାବ ଦେଇ ଭିଡିଓ ବିବୃତ୍ତି ପ୍ରକାଶ କରିଥିଲେ ।

# ବେଜିଂ କୌଣସି ପ୍ରକାରର ଯୁଦ୍ଧାସ୍ତ୍ର ଇରାନକୁ ପଠାଇବ ନାହିଁ:ଟ୍ରମ୍ପ

ୱାଶିଂଟନ, ୧୫।୪:ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ବଡ଼ ଦାବି କରିଛନ୍ତି । ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ବ୍ୟକ୍ତିଗତ ଭାବେ ନିଶ୍ଚିତ କରିଛନ୍ତି ଯେ ବେଜିଂ କୌଣସି ପ୍ରକାରର ଯୁଦ୍ଧାସ୍ତ୍ର ଇରାନକୁ ପଠାଇବ ନାହିଁ । ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଚିଠି ଆଦାନ ପ୍ରଦାନ ବେଳେ ଜିନପିଙ୍ଗ ଏପରି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ କହିଛନ୍ତି ।

ସେ କହିଛନ୍ତି, ମୁଁ ତାଙ୍କୁ(ଜିନପିଙ୍ଗ) ଚିଠି ଲେଖି ଏପରି ନ କରିବାକୁ କହିଥିଲି । ସେ ମୋତେ ଚିଠି ଲେଖି ଆଉ ଏମିତି କରିବେ ନାହିଁ ବୋଲି କହିଛନ୍ତି ।" ଇରାନ ଦୀର୍ଘ ସପ୍ତାହ ଧରି ଆମେରିକା ଓ ଇସ୍ରାଏଲର କଡ଼ା ମୁକାବିଲା କରୁଥିବାରୁ ଏହା ପଛରେ ବିଦେଶୀ ରାଷ୍ଟ୍ରର ସାମରିକ ସହାୟତା ରହିଥିବା ଚର୍ଚ୍ଚା ହେଉଥିଲା । ଇରାନକୁ ଯୁଦ୍ଧାସ୍ତ୍ର ପଠାଉଥିବା ବିଦେଶୀ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଟ୍ରମ୍ପ ଚେତାବନୀ ଦେଇଥିଲେ । ଯଦି କୌଣସି ଦେଶ ଇରାନକୁ ଯୁଦ୍ଧାସ୍ତ୍ର ପଠାଉଥିବା ଜଣାପଡ଼ିବ, ତା'ହେଲେ ଆମେରିକା ସେମାନଙ୍କ ଉପରେ ୫୦% ଟାରିଫ ଲଗାଇବେ ବୋଲି କହିଥିଲେ । କିଛି ଦିନ ତଳେ ଗୁଇନ୍ଦା ରିପୋର୍ଟ ପ୍ରକାଶ ପାଇଥିଲା ଯେ ଆମେରିକା ଓ ଇସ୍ରାଏଲ ସହ ଲଢ଼ିବା ପାଇଁ ଚାଇନା ପକ୍ଷରୁ ଇରାନକୁ ଯୁଦ୍ଧାସ୍ତ୍ର ପଠାଇବାକୁ ପ୍ରସ୍ତୁତି ଚାଲିଛି । ବିଶେଷ କରି ଚାଇନା ନିଜର ଏୟାର ଡିଫେନ୍ସ ସିଷ୍ଟମ ଓ କାନ୍ଧରେ ରଖି ଆକାଶକୁ ମାଡ଼ କରାଯାଇ ପାରୁଥିବା ମିସାଇଲ ଆଦି ଇରାନକୁ ଦେବାକୁ ଯାଉଛି ।

# କାଣ୍ଡଲା ବନ୍ଦରରେ ପହଞ୍ଚିଲା 'ଜଗ୍ ବିକ୍ରମ'




ନୂଆଦିଲ୍ଲୀ, ୧୫।୬: ଭାରତୀୟ ପତାକା ଥିବା ଏଲପିଜି ଜାହାଜ 'ଜଗ୍ ବିକ୍ରମ' କାଣ୍ଡଲା ବନ୍ଦରରେ ପହଞ୍ଚିଛି । ଜାହାଜରେ ୨୦,୪୦୦ ମେଟ୍ରିକ୍ ଟନ୍ ଏଲପିଜି ରହିଛି । ଏପ୍ରିଲ ୧୧ ତାରିଖରେ 'ଜଗ୍ ବିକ୍ରମ' ହର୍ମୁଜ ପ୍ରଣାଳୀ ପାର୍ କରିଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ କାଣ୍ଡଲା ବନ୍ଦରରେ ପହଞ୍ଚି ଥିଲା । ଏହି ଜାହାଜ ପହଞ୍ଚିବା ପରେ ଦେଶର ଏଲପିଜି ଶୃଙ୍ଖଳ ଦୃଢ଼ ହେବ ବୋଲି ଆଶା କରାଯାଉଛି । ଆମେରିକା-ଇରାନ ମଧ୍ୟରେ ୧୪ ଦିନିଆ ଅସ୍ତ୍ରବିରତି ମଧ୍ୟରେ ହର୍ମୁଜ ପ୍ରଣାଳୀ ପାର୍ କରିବାରେ ଏହା ପ୍ରଥମ ଭାରତୀୟ ଜାହାଜ । ହର୍ମୁଜ ପ୍ରଣାଳୀରେ ଫସି ରହିଥିବା ଭାରତୀୟ ପତାକା ବହନ କରୁଥିବା ୧୫ଟି ଜାହାଜକୁ ଫେରାଇ ଆଣିବାକୁ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ।

# ଆପ୍ ସାଂସଦଙ୍କ ଘରେ ଇଡି ଚଢାଉ

ନୂଆଦିଲ୍ଲୀ, ୧୫।୪: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ସକାଳୁ ଆମ ଆଦମୀ ପାର୍ଟି ରାଜ୍ୟସଭା ସାଂସଦ ଅଶୋକ କୁମାର ମିତ୍ତଲଙ୍କ ଘରେ ଚଢାଉ କରିଛି । କିଛିଦିନ ପୂର୍ବରୁ ଦଳ ରାଘବ ଚଡ୍ଢାଙ୍କୁ ରାଜ୍ୟସଭା ଉପନେତା ପଦରୁ ହଟାଇ ଶ୍ରୀ ମିତ୍ତଲଙ୍କୁ ନିଯୁକ୍ତ କରିଥିଲା । ଏହାର କିଛିଦିନ ପରେ ଅର୍ଥାତ ଆଜି ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି । ଦଳ ରାଘବ ଚଡ୍ଢାଙ୍କୁ ଉପନେତା ପଦରୁ ହଟାଇବା ପାଇଁ ରାଜ୍ୟସଭା ସଚିବାଳୟକୁ ଚିଠି ଲେଖି ଅନୁରୋଧ କରିଥିଲା ଏବଂ ତାଙ୍କୁ ଦଳର କୋଟାରୁ ଆଉ ଭାଷଣ ସମୟ ପ୍ରଦାନ ନକରିବାକୁ ଅନୁରୋଧ କରିଥିଲା । ଶ୍ରୀ ମିତ୍ତଲ ଏହାକୁ ନେତୃତ୍ୱ ପରିବର୍ତ୍ତନର ନିରନ୍ତର ପ୍ରକ୍ରିୟା ବୋଲି କହିଥିଲେ । ସେ କହିଥିଲେ ଯେ, ପୂର୍ବରୁ ଏନଡି ଗୁପ୍ତା ଜୀ ଡେପୁଟି ଲିଡର ଥିଲେ । ପରେ ରାଘବ ଜୀ ଦାୟିତ୍ୱ ନେଇଥିଲେ ଏବଂ ଏବେ ମୋତେ ଦାୟିତ୍ୱ ଦିଆଯାଇଛି । କାଲି ଅନ୍ୟ କାହାକୁ ସୁଯୋଗ ମିଳିପାରେ ବୋଲି ସେ କହିଥିଲେ ।

## ନାସିକ୍ ଟିସିଏସ୍ ଧର୍ମାନ୍ତରଣ ରାକେଟର ପର୍ଦ୍ଦାଫାସ

# 'ଲେଡି କ୍ୟାପଟେନ' ସହ ୭ ଗିରଫ

ନାସିକ, ୧୫।୪: ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ୍) ର ନାସିକ୍ କାର୍ଯ୍ୟାଳୟରୁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ତଥା ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି, ଯାହା କର୍ପୋରେଟ୍ କ୍ଷେତ୍ରରେ କ୍ଷମତାର ଅପବ୍ୟବହାର ଏବଂ ସାମାଜିକ ବିଭେଦର କଳା ଚିତ୍ରକୁ ସାମନାକୁ ଆଣିଛି । ଜଣେ ଯୁବ ମହିଳା ସହକର୍ମୀଙ୍କ ଅଭିଯୋଗ ପରେ ପୁଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ରହସ୍ୟମୟ ଭାବେ କାର୍ଯ୍ୟ କରୁଥିବା ଏକ ବଡ଼ ଧରଣର ରାକେଟକୁ ଠାବ କରିବାରେ ସଫଳ ହୋଇଛି । ତେବେ ଏହି କଳା ସାମ୍ରାଜ୍ୟର ମୁଖ୍ୟ ଖଳନାୟିକା ସାଜିଥିଲେ ଏଚଆର ମ୍ୟାନେଜର ନିଦା ଖାନ୍ । ଯାହାଙ୍କୁ ଏବେ 'ଲେଡି କ୍ୟାପଟେନ୍' କୁହାଯାଉଛି । ଘଟଣାର ଗମ୍ଭୀରତାକୁ ଦେଖି ପୁଲିସ କର୍ମଚାରୀମାନେ ଦୀର୍ଘ ଏକ ମାସ ଧରି ସଫେଇ କର୍ମଚାରୀ ବେଶରେ କମ୍ପାନୀ ଭିତରେ ରହି ଏହି ଗୁପ୍ତ ଅପରେସନ ଚଳାଇଥିଲେ ।




'ନାସିକର ପ୍ରତିଷ୍ଠିତ ଟିସିଏସ କ୍ୟାମ୍ପସରେ କାମ କରୁଥିବା କର୍ମଚାରୀମାନେ କେବେ ଭାବିନଥିଲେ ଯେ, ଯେଉଁଠି ସେମାନେ ନିଜ ଭବିଷ୍ୟତ ଗଢିବାକୁ ଆସିଛନ୍ତି, ସେଠାରେ ଏକ ଭୟଙ୍କର ଷଡଯନ୍ତ୍ର ଚାଲିଛି । ଏଚଆର ମ୍ୟାନେଜର ନିଦା ଖାନ୍, ଯିଏ ଅଫିସର ଶୃଙ୍ଖଳା ରକ୍ଷା କରିବା କଥା, ନିଜେ ସାଜିଥିଲେ ରାକେଟର ମାଷ୍ଟରମାଇଣ୍ଡ । ଅଭିଯୋଗ ଅନୁଯାୟୀ, ନିଦା ଖାନ୍ କର୍ମଚାରୀଙ୍କୁ ଧର୍ମାନ୍ତରଣ ପାଇଁ ଚାପ ପକାଇବା ସହ ନମାଜ ପଢିବାକୁ ବାଧ କରୁଥିଲେ । ବିରୋଧ କଲେ ମିଳୁଥିଲା ନିର୍ଯାତନା ଏବଂ ଚାକିରି ହରାଇବାର ଧମକ । ଏହି ଘଟଣା କେବଳ ବ୍ୟକ୍ତିଗତ ନିର୍ଯାତନା ମଧ୍ୟରେ ସୀମିତ ନୁହେଁ, ବରଂ ଏଥିରେ ବ୍ଲାକମେଲିଂ, ବଳପୂର୍ବକ ଧର୍ମାନ୍ତରୀକରଣ ଚାପ ଏବଂ କାର୍ଯ୍ୟାଳୟର ସୁରକ୍ଷା ବ୍ୟବସ୍ଥାର ବିଫଳତା ପରି ଗୁରୁତର ଦିଗମାନ ରହିଛି, ଯାହା ସାମ୍ପ୍ରତିକ କର୍ପୋରେଟ୍ ସଂସ୍କୃତିକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ମାମଲାର ଅଭିଯୁକ୍ତ ହେଉଛନ୍ତି ଦାନିଶ ଶେଖ୍, ଯିଏ ପୀଡ଼ିତାଙ୍କ ପୁରୁଣା କଲେଜ ସାଙ୍ଗ ଥିଲେ ଏବଂ ଚାକିରି କରାଇଦେବା ବାହାନାରେ ପ୍ରଥମେ ବିଶ୍ୱାସ ଜିତିଥିଲେ । ପରବର୍ତ୍ତୀ ସମୟରେ ଏହି ସମ୍ପର୍କ ବିବାହ ପ୍ରସ୍ତାବ ଓ ପରେ ବଳପୂର୍ବକ ଶାରୀରିକ ସମ୍ପର୍କ ସ୍ଥାପନ ପର୍ଯ୍ୟନ୍ତ ଯାଇଥିଲା । ପୀଡ଼ିତାଙ୍କ କହିବା ଅନୁଯାୟୀ, ଦାନିଶ ଓ ତାଙ୍କର ଅନ୍ୟ ଦୁଇ ସହକର୍ମୀ ତାଙ୍କୁ କ୍ରମାଗତ ଭାବେ ହଇରାଣ କରିବା ସହ ତାଙ୍କର ନିଜସ୍ୱ ଫଟୋ ଭାଇରାଲ୍ କରିଦେବାର ଧମକ ଦେଇ ବ୍ଲାକମେଲ୍ କରିଆସୁଥିଲେ । କେବଳ ସେତିକି ନୁହେଁ, ପୀଡ଼ିତାଙ୍କ ଉପରେ ଧର୍ମ ପରିବର୍ତ୍ତନ କରିବା ପାଇଁ ମଧ୍ୟ ପ୍ରବଳ ଚାପ ପ୍ରୟୋଗ କରାଯାଇଥିବା ଅଭିଯୋଗ ହୋଇଛି । ଏହି ସମ୍ପୂର୍ଣ୍ଣ ଘଟଣାଟି ଟିସିଏସ୍ ଭଳି ଏକ ପ୍ରତିଷ୍ଠିତ ସଂସ୍ଥାର କର୍ପୋରେଟ୍ ପରିବେଶ ମଧ୍ୟରେ ଘଟିବା ସବୁଠାରୁ ଚିନ୍ତାର ବିଷୟ ପାଲଟିଛି । ଏହି ଘଟଣାରେ ପୁଲିସ ଏପର୍ଯ୍ୟନ୍ତ ୭ ଜଣଙ୍କୁ ଗିରଫ କରିଥିବା ବେଳେ ଏଥିରେ କମ୍ପାନିର କିଛି ବରିଷ୍ଠ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି ।

# ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର(ନିପ୍ର): ଜଣେ ନାବାଳିକା ଦୁଷ୍କର୍ମକାରୀକୁ ଆଡ୍ ?ହକ୍ ଆଡିସନାଲ ସେସନ୍ସ ଜଜ୍, ଫାଷ୍ଟ ଟ୍ରାକ୍ ସ୍ପ ?ଶାଲ କୋର୍ଟର ବିଚାରପତି ସରୋଜ କୁମାର ସାହୁ ବୁଧବାର ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଉଛି ଜିତେନ୍ଦ୍ର ମଲ୍ଲିକ ଓରଫ ଜିତୁ। ସୂଚନାଥାଉ କି, ୨୦୨୦ ମସିହା ଜୁଲାଇ ୭ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ, ପୀଡିତାଙ୍କୁ ଅଭିଯୁକ୍ତ ଜିତୁ ଓରଫ ଜିତେନ୍ଦ୍ର ମଲ୍ଲିକ ଚକୋଲେଟ୍ ଦେବାର ପ୍ରଲୋଭନ ଦେଖାଇ ତାଙ୍କ ଘରକୁ ଡାକି ନେଇଥିଲେ ଏବଂ ଘର ଭିତରକୁ ପ୍ରବେଶ କରିବା ପରେ ଦ୍ୱାର ଭିତରପଟୁ ବନ୍ଦ କରିଦେଇଥିଲେ । ନିକଟରେ ଉପସ୍ଥିତ ଥିବା ସବିତାରାଣୀ ଦାସ ନାମ୍ନୀ ଜଣେ ମହିଳାଙ୍କ ପୁଅମାନେ ଏହିସବୁ ଘଟଣା ଦେଖି ତୁରନ୍ତ ଯାଇ ମା ସବିତାରାଣୀଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ । ସବିତାରାଣୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦ୍ୱାର ଖୋଲିବା ଲାଗି ଅଭିଯୁକ୍ତଙ୍କୁ ବଡ ପାଟି କରି ଡାକ ପକାଇଥିଲେ ବି ଅଭିଯୁକ୍ତ କୌଣସି ଉତ୍ତର ଦେଇନଥିଲେ କି ଦ୍ୱାର ମଧ ଖୋଲିନଥିଲେ । ତାଙ୍କର ସନ୍ଦେହ ହେବାରୁ ସେ ବହୁ କଷ୍ଟରେ ଦ୍ୱାର ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ । ଭିତରକୁ ପ୍ରବେଶ କରି ସେ ନାବାଳିକା ପୀଡିତାଙ୍କୁ ଉଲଗ୍ନ ଅବସ୍ଥାରେ ଦେଖି ହତଚକିତ ହୋଇଯାଇଥିଲେ ଏବଂ ବଡ ପାଟିରେ ଡାକ ପକାଇଥିଲେ । ତାଙ୍କ ପାଟି ଶୁଣି ରଶ୍ମିତା ପ୍ରଧାନ ଓ ରଶ୍ମିତା ମଲ୍ଲିକ ଦୁଇ ମହିଳା ଅବିଳମ୍ବେ ସେଠାକୁ ଆସି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ । ପରେ ସେମାନେ ପୀଡିତାଙ୍କ ମାଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ । ପରବର୍ତ୍ତୀ ସମୟରେ ନାବାଳିକା ପୀଡିତାଙ୍କ ମା ତଥା ଅଭିଯୋଗକାରିଣୀ ଉପରୋକ୍ତ ତିନି ମହିଳାଙ୍କ ସହଯୋଗରେ ଥାନାକୁ ଆସି ଅଭିଯୁକ୍ତ ଜିତେନ୍ଦ୍ର ମଲ୍ଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗକାରିଣୀଙ୍କ ଅଭିଯୋଗକୁ ଭିତ୍ତିକରି ଥାନା କେସ ନଂ-୨୩୪/୨୦୨୦, ଆଇପିସି ର ଧାରା-୩୭୬(ଏବି) ଓ ପୋକସୋ ଆଇନର ଧାରା-୬ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ସବ୍-ଇନ୍ସପେକ୍ଟର ଦିଗବିଜୟନୀ ବାଘ ଏହାର ତଦନ୍ତ ଦାୟିତ୍ୱ ବହନ କରିଥିଲେ । ସେ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅଭିଯୁକ୍ତ ଜିତୁ ଓରଫ ଜିତେନ୍ଦ୍ର ମଲ୍ଲିକକୁ ତୁରନ୍ତ ଗିରଫ କରି କୋର୍ଟରେ ହଜାର କରିଥିଲେ । ଅଦାଲତ ଘଟଣା ସହିତ ସଂପୃକ୍ତ ୧୪ ଜଣ ସାକ୍ଷୀଙ୍କ ଜବାନବନ୍ଦି, ଏବଂ ୮ଟି ପ୍ରାସଙ୍ଗିକ ଦସ୍ତାବିଜ ଗୁଡିକୁ ଅଧ୍ୟୟନ କରି, ବିଚାର କାର୍ଯ୍ୟର ପରିସମାପ୍ତି କରିଛନ୍ତି । ବୁଧବାର କୋର୍ଟ ତାଙ୍କ ରାୟରେ ଆସାମୀ ଜିତୁ ଓରଫ ଜିତେନ୍ଦ୍ର ମଲ୍ଲିକକୁ ପୋକସୋ ଆଇନ ର ଧାରା-୬ ଆଧାରରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଲାଗି ଆଦେଶ ଦେଇଛନ୍ତି। ଅଦାଲତ, ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି, ସିଆରପିସି ର ଧାରା ୩୫୭-ଏ ଆଧାରରେ, ତଥା ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ଲାଗି ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ ।

# ପାରିବାରିକ କଳହରୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ପାରିବାରିକ କଳହ କାରଣରୁ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଚନ୍ଦକା ଥାନା ପୋଲିସ ବୁଧବାର ଦୁଇଜଣ ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି,ଅନ୍ଧାରୁଆର ବନମାଳୀ ସ୍ୱାଇଁ (୫୮) ଓ ଶିବୁନ ସ୍ୱାଇଁ (୨୩)। ଏନେଇ ବିକାଶ ସ୍ୱାଇଁ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଉଭୟ ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କ ପରିବାର ଅନ୍ଧାରୁଆ, ଜଗନ୍ନାଥପ୍ରସାଦ ଅଞ୍ଚଳରେ ରୁହନ୍ତି । ପୂର୍ବରୁ ଉଭୟ ପରିବାର ମଧ୍ୟରେ ବିବାଦ ରହିଆସିଛି । ଗତ ୧୦ ତାରିଖ ମଧ ରାତ୍ରରେ ଅଭିଯୋଗକାରୀଙ୍କ ବଡ ଭାଇ ରାଜେଶ ସ୍ୱାଇଁ ଗାଁରେ ଯାତ୍ରା ଦେଖୁଥିବା ବେଳେ, ଅଭିଯୁକ୍ତ ବନମାଳୀ ସ୍ୱାଇଁ, ସିବୁନ ସ୍ୱାଇଁ, ଦୀପକ ସ୍ୱାଇଁ ଓରଫ ବାବୁ ହଠାତ ସେଠାରେ ପହଞ୍ଚି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ରାଜେଶ ଏହାର ପ୍ରତିବାଦ କରିବାରୁ ତିନି ଅଭିଯୁକ୍ତ ତାଙ୍କୁ ପ୍ରବଳ ମାଡ ମାରିଥିଲେ । ଫଳରେ ରାଜେଶ ତଳେ ପଡିଯାଇଥିଲେ । ଏହି ସମୟରେ ଅଭିଯୁକ୍ତ ଦୀପକ ଏକ ଧାରୁଆ ଅସ୍ତ୍ର ବାହାର କରି ରାଜେଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାଦ୍ୱାରା ରାଜେଶଙ୍କ ବେକ ଓ ମୁହଁରେ ଗଭୀର ଆଘାତ ଲାଗିଥିଲା ଏବଂ ସେ ସେହିଠାରେ ହିଁ ସଂଜ୍ଞାହୀନ ହୋଇ ପଡିରହିଥିଲେ । ସୂଚନା ପାଇ ପରିବାର ସଦସ୍ୟ, ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ମୁମୂର୍ଷ ଅବସ୍ଥାରେ ଘଟଣା ସ୍ଥଳରୁ ଉଦ୍ଧାର କରି ସମ ହସ୍ପିଟାଲ୍ ସ୍ଥାନାନ୍ତର କରିଥିଲେ । ବର୍ତ୍ତମାନ ତାଙ୍କ ଅବସ୍ଥା ଜଟିଳ ଥିବା ବେଳେ, ସେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଦୁଇ ଅଭିଯୁକ୍ତ ବନମାଳୀ ସ୍ୱାଇଁ ଓ ସିବୁନ ସ୍ୱାଇଁଙ୍କୁ ଗିରଫ ସ୍ୱୀକାର କରିଥିଲେ।

# ରାଜା ସାହାଣୀର ୭ ଦିନିଆ ରିମାଣ୍ଡ ଶେଷ

## କର୍ଣ୍ଣାଟକ କୋର୍ଟରେ ହେବ ହାଜର

କଟକ(ନିପ୍ର): ରାଜାର ରିମାଣ୍ଡ ଅବଧି ଶେଷ ହୋଇଛି। କଟକ ଜେଏମଏଫସି କୋର୍ଟରେ ହାଜର ହେବ ଚୌଦ୍ୱାର ମଣ୍ଡଳ କାରାଗାରରୁ ଫେରାର ଦୁର୍ଦ୍ଦାନ୍ତ ଅପରାଧି ରାଜା ସାହାଣୀ। ଗତ ୯ ତାରିଖରୁ ରାଜାକୁ ୭ ଦିନିଆ ରିମାଣ୍ଡରେ ନେଇଥିଲା କର୍ଣ୍ଣାଟକ ପୋଲିସ। ରିମାଣ୍ଡ ସରିବା ପରେ କୋର୍ଟରେ ପୁଣି ରାଜାକୁ ହାଜର କରିବ କର୍ଣ୍ଣାଟକ ପୋଲିସ । ମହୀସୂରରେ ଏକ ଗହଣା ସୋରୁମରୁ ୨୦କୋଟିର ଗହଣା ଡକାୟତି ମାମଲାରେ ରାଜା ସାହାଣୀ ସଂପୃକ୍ତ ରହିଥିଲା। ଅଧିକ ପଚରା ଉଚରା ପାଇଁ କର୍ଣ୍ଣାଟକ ପୋଲିସ ତାଠାରୁ ଡକାୟତି ଲିଙ୍କ ଗୁମର ଖୋଲିଥିବ । ଖାଲି ସେତିକି ନୁହେଁ, ରାଜା ସାହାଣୀଠାରୁ ପୁରା କ୍ରାଇମ ସିଣ୍ଡିକେଟ ପଛରେ କେଉଁମାନେ ସବୁ ଅଛନ୍ତି, ସେ ନେଇ ଅଧିକ ତଥ୍ୟ କାଢ଼ିଥାଇପାରେ କର୍ଣ୍ଣାଟକ ପୋଲିସ। ସ୍ଥାନୀୟ କର୍ଣ୍ଣାଟକ କୋର୍ଟରେ ହାଜର କରିବା ପରେ, କଟକକୁ ଆଣି ଏଠାର କୋର୍ଟରେ ହାଜର କରିବ ପୋଲିସ।

# ଆଠଗଡ଼ରେ ମା' ଦକ୍ଷିଣ ଚଣ୍ଡୀଙ୍କ ଝାମୁଯାତ୍ରା

ଆଠଗଡ଼(ନିପ୍ର): ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କନ୍ଦୋଲ ଗ୍ରାମରେ ବହୁ ପ୍ରାଚୀନ କାଳରୁ ପୂଜା ପାଇ ଆସୁଥିବା ପ୍ରତ୍ୟକ୍ଷ ଦେବୀ 'ମା' ଦକ୍ଷିଣ ଚଣ୍ଡୀଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । 'ମା' ଦକ୍ଷିଣଚଣ୍ଡୀଙ୍କ ପରିସରକୁ ଲାଗି 'ମା' ବଜ୍ର ମହାକାଳୀ ପୂଜା ପାଉଛନ୍ତି । 'ମା' ବଜ୍ରମହାକାଳୀ ଓ 'ମା' ଦକ୍ଷୀଣଚଣ୍ଡୀ ଦୁଇ ଭଉଣୀ ହୋଇଥିବାରୁ ଝାମୁଯାତ୍ରାରେ ବଡ ଭଉଣୀ 'ମା' ଦକ୍ଷିଣଚଣ୍ଡୀଙ୍କ ଆଜ୍ଞାମାଳ ଆସିବା ପରେ ମାନସିକଧାରୀ ମାନେ ଝାମୁ ଅଗ୍ନିରେ ଚାଲିଥାନ୍ତି । ୫୦ ଜଣ ମାନସିକଧାରୀ ଅଶୋକାଷ୍ଟମୀଠାରୁ ବ୍ରତ ପାଳନକରି ମନ୍ଦିର ପରିସରରେ ରହି ପଣା ଓ ଭୋଗ ପ୍ରାପ୍ତ ହୋଇଥାନ୍ତି। ମହାବିଷୁବ ସଂକ୍ରାନ୍ତି ଦିନ ସକାଳେ ମା' ଙ୍କ ମାର୍ଜନା କରାଯାଇ ବେଶ ହେବା ପରେ ମଙ୍ଗଳ ଆଳତୀ କରାଯାଇ ସହିତ ଦ୍ୱାର ଫିଟା ନୀତି ସମ୍ପର୍ଣ୍ଣ ହୋଇଥିଲା। ସକାଳ ଭୋଗ ପରେ ଭକ୍ତମାନେ ଧାଡ଼ିରେ ଯାଇ 'ମା' ଙ୍କ ଦର୍ଶନ କରି ଆଶୀର୍ବାଦ କୃପାଲାଭ କରିଥିଲେ । ଦ୍ୱିପ୍ରହର ସମୟରେ ମନ୍ଦିର ନିକଟରେ ଥିବା ଝାମୁ ପଡିଆରେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହୋଇଥିବା ଝାମୁ ଗାତରେ ପଞ୍ଚାମୃତ ପଡ଼ି ନଡ଼ା ଓ କାଠ କୋଇଲା ଖଞ୍ଜା ଯାଇଥିଲା । ଏହାପରେ ମନ୍ଦିର ନିକଟରେ ସ୍ନାନ କରି ମାନସିକ ଧାରୀ ମାନେ ଅଧିଆ ପଡ଼ିଥିଲେ । ଚାଟେରୀ ଭୋଗ ସରିବା ପରେ ଝାମୁଆମାନେ କାଳେସୀଙ୍କ ସହିତ ନିକଟସ୍ଥ ବାରବାଟି (ବିଶ୍ୱନାଥ) ସାଗରରେ ସ୍ନାନ କରି ଝାମୁ ପଡିଆକୁ ଫେରିଥିଲେ । ଝାମୁ ପଡିଆରେ ଥିବା ବିଭିନ୍ନ ଝାମୁ ଗାତ ନିକଟରେ ମାନସିକଧାରୀମାନେ ପହଞ୍ଚି ପୂଜାର୍ଚ୍ଚନା କରି ପ୍ରସ୍ତୁତ ଥିବା ଝାମୁ ଗାତରେ ଜଳୁଥିବା ରଡ ନିଆଁ ଉପରେ ଚାଲିଥିଲେ।

# ଆସିକା କଳିଙ୍ଗ ରୋଡ଼ ମୁଖ୍ୟ ରାସ୍ତାରୁ ମୃତ ଦେହ ଉଦ୍ଧାର

ଆସିକା(ନିପ୍ର): ଆସିକା କଳିଙ୍ଗ ରୋଡ଼ସ୍ଥିତ ଟୁଇନ ରିଭର ପାର୍କ କଡ଼ରୁ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ସୁନ୍ଦରିଆ ପଡା ଗ୍ରାମର ପାଣ ଖଣ୍ଡୁଆଳଙ୍କ ପୁଅ ପ୍ରଶାନ୍ତ ଖଣ୍ଡୁଆଳ (୩୦) ଡାକନାମ (ପିଣ୍ଟୁ)। ଖବର ପାଇ ଘଟଣା ସ୍ଥଳରେ ଆସିକା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଆସିକା ସବଡ଼ିଭିଜନ ଡାକ୍ତରଖାନାକୁ ଆଣିଥିଲା ଏଠାରେ କାର୍ଯ୍ୟରତ ଡାକ୍ତର ପ୍ରଶାନ୍ତକୁ ମୃତ ଘୋଷଣା କରିଥିଲେ । ପ୍ରକାଶ ଥାଉକି ମୃତ ପ୍ରଶାନ୍ତ କିଛ ଦିନ ତଳେ ମେରୁ ପର୍ବ ଦେଖିବା ପାଇଁ ସୁରଟରୁ ଗାଁକୁ ଆସିଥିଲା। ଆସିକା ବୁଲିବା ପାଇଁ ଆସିଥିବା ବେଳେ ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତ ହୋଇ ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ଆସିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଆସିକା ଥାନା କେସ ନମ୍ବର ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ନାବାଳିକାକୁ ଅସଦାଚରଣ କରି ଅବସରପ୍ରାପ୍ତ ଅଧ୍ୟାପକ ଗିରଫ

ଆସିକା(ନିପ୍ର): ଆସିକା ବସଷ୍ଟାଣ୍ଡରେ ବସ ମଧ୍ୟରେ ନାବାଳିକାକୁ ଦୁଷ୍କର୍ମ ନେଇ ଅଭିଯୋଗ ହୋଇଛି । ରସିକିଆ ଜଣଙ୍କ ହେଉଛନ୍ତି ପୋଲସରା ଶୁଣ୍ଢୀସାହି ନିବାସି ତଥା ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ପ୍ରମୋଦ କୁମାର ରଥ (୬୨)। ମଙ୍ଗଳବାର ଅପରାହ୍ନ ସମୟରେ ଆସିକାରୁ କୋଦଳା ଯାଉଥିବା ଏକ ଘରୋଇ ମିନି ବସରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ବସ୍‌ଟି ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯିବା ପାଇଁ ବସଷ୍ଟାଣ୍ଡ ମଧ୍ୟରେ ଠିଆ ହୋଇଥିବା ସମୟରେ ଅଭିଯୋଗକାରୀ ବାପା ନିଜ ୮ବର୍ଷର ନାବାଳିକା ଝିଅକୁ ବସରେ ବସାଇ ପାଣି ବୋତଲ ଆଣିବା ପାଇଁ ତଳକୁ ଓହ୍ଲାଇଥିଲା। ଏହାର ସୁଯୋଗ ନେଇ ପାର୍ଶ୍ୱରେ ବସିଥିବା ରସିକିଆ ଅବସରପ୍ରାପ୍ତ ଅଧ୍ୟାପକ ନାବାଳିକା ସହ ଖରାପ କାର୍ଯ୍ୟ କରିବା କଥା ଅଭିଯୋଗକାରୀ ବାପା ଦେଖିଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିରୁ ବାପା-ଝିଅକୁ ରଖି ପଚରାଉଚରା କରୁଥିବା ବେଳେ ପ୍ରମୋଦ ରଥକୁ ଗିରଫ କରିଥିବା ମହିଳା ଓ ଶିଶୁ ଡେସ୍କ ଅଧିକାରୀ ଅଲିସ୍ମିତା ଜେନା ପ୍ରକାଶ କରିଛନ୍ତି। ଆସିକା ଥାନା କେସ ନମ୍ବର ୧୬୫/୨୬ରେ ଏକ ପସ୍କୋ ଆଇନରେ ମାମଲା ରୁଜୁକରି ବ୍ରହ୍ମପୁର ପସ୍କୋ କୋର୍ଟରେ ହଜାର କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ପରେ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପିଲାମାନଙ୍କୁ ଏକାକୀ ଛାଡି କେଉଁଆଡେ ଯିବାକୁ ଅଭିଭାବକମାନେ ଭୟ କରିବାକୁ ଲାଗିଲେଣି। ଅଭିଯୁକ୍ତକୁ କଠୋରରୁ କଠୋର ଦଣ୍ଡ ମିଳିବା ଦରକାର ବୋଲି ଶିଶୁ ଅଧିକାର କର୍ମୀମାନେ ଦାବି କରିଛନ୍ତି।

# ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ଘରେ କେହି ନ ଥିବା ବେଳେ ଚୋରି କରିବା ଉଦ୍ଦେଶ୍ୟରେ ଘରେ ପଶିବାକୁ ଚେଷ୍ଟା କରିବା ଏବଂ ଏଥିରେ ବାଧକ ସୃଷ୍ଟି କରିଥିବା ନାବାଳକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ସଞ୍ଜୟ କୈଶ୍ୟପ (୨୩) ଓ ତାଙ୍କ ଘର ନୟାପଲ୍ଲୀ ଥାନା ଅନ୍ତର୍ଗତ ନିୟୁ ଏଜି କଲୋନୀରେ ବୋଲି ଜଣାପଡିଛି। ଏନେଇ ଦୀପ୍ତି କୁମାର ନାୟକ ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଦୀପ୍ତିକୁମାର ନାୟକ, ଗଜପତି ନଗର ଠାରେ ଥିବା ରତ୍ନା ହୋମସ ଆପାର୍ଟମେଣ୍ଟର ଫ୍ଲାଟ ନମ୍ବର-୩୦୧(ବି) ରେ ପରିବାର ସହ ରୁହନ୍ତି । ଗତ ୧୪.୦୪.୨୦୨୬ ସନ୍ଧ୍ୟା ୭ ଟା ବେଳେ ଉକ୍ତ ଫ୍ଲାଟରେ କେହି ବୟସ୍କ ବ୍ୟକ୍ତି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ସଞ୍ଜୟ କାଶ୍ୟପ ଫ୍ଲାଟ ଭିତରକୁ ପ୍ରବେଶ କରିଥିଲେ ଏବଂ ଘରେ ଏକାକୀ ଥିବା ଅଭିଯୋଗକାରୀଙ୍କ ସାନ ପୁଅକୁ ଗ୍ରିଲ ଖୋଲିବା ଲାଗି କହିଥିଲେ । ଘରେ କେହି ନଥିବା ଦର୍ଶାଇ ନାବାଳକ ଜଣକ ଗେଟ ଖୋଲିବାକୁ ମନା କରିଦେଇଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ଧମକ ଦେଇଥିଲେ ଏବଂ ନିଜ ମୋବାଇଲ ଫୋନ ଓ ଏକ ୱାକିଟକି ସାହାଯ୍ୟରେ ତାଙ୍କ ମୁହଁକୁ ଆକ୍ରମଣ କରିଥିଲେ । କିନ୍ତୁ ନିଜକୁ ବଞ୍ଚାଇବାକୁ ଯାଇ ନାବାଳକ ହାତ ଦେଖାଇ ଦେବାରୁ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା । ନିକଟରେ ଉପସ୍ଥିତ ଜଣେ ପଡୋଶୀ ଏହା ଦେଖି ପାଟି କରି ଡାକ ପକାଇଥିଲେ । ତାଙ୍କ ପାଟି ଶୁଣି ଅନ୍ୟମାନେ ଘଟଣାସ୍ଥଳରେ ଏକଜୁଟ ହୋଇଯାଇଥିଲେ ଏବଂ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଅଭିଯୋଗକାରୀ ନିଜ ପତ୍ନୀ ଏବଂ ଭିଣୋଇଙ୍କ ସହ ମାର୍କେଟରୁ ଫେରି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ । ଅଭିଯୋଗକାରୀଙ୍କ ଭିଣୋଇ ଅଭିଯୁକ୍ତଙ୍କୁ ତାଙ୍କ ପରିଚୟ ପଚାରିବାରୁ, ଅଭିଯୁକ୍ତ ଜଣକ ତାଙ୍କୁ ଖୁବ ଜୋରସେ ଠେଲି ଦେଇଥିଲେ । ସେ ତଳେ ପଡିଯିବା ପରେ ପାଖରେ ଥିବା ଏକ ଲୁହା ଛଡ ଆଣି ଅଭିଯୁକ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଆକ୍ରମଣରୁ ସେ ନିଜକୁ ବଞ୍ଚାଇ ନେଇଥିଲେ ମଧ ତାଙ୍କ ହାତରେ ଗୁରୁତର ଆଘାତ ଲଗିଥିଲା । ସୂଚନା ପାଇ ପିସିଆର ତୁରନ୍ତ ଘଟଣାସ୍ଥଳରେ ପହଁଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ପେଟ୍ରୋଲ ପମ୍ପରେ ପ୍ରବଳ ଭିଡ଼




କେନ୍ଦ୍ରାପଡ଼ା(ନିପ୍ର): ଏସିଆ ମଧ ପ୍ରାଚ୍ୟ ଲାଗି ରହିଥିବା ଯୁଦ୍ଧ ପାଇଁ ପେଟ୍ରୋଲ ଡିଜେଲ ଦାମ ବଢିବା ଆଶଙ୍କାରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପ ରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି । ଏସିଆ ମଧ ପ୍ରାଚ୍ୟ ରେ ଲାଗିରହିଥିବା ଯୁଦ୍ଧକୁ ନଜରରେ ରଖି ସରକାର ଆଗାମୀ ସମୟରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି କରିପାରନ୍ତି, ଯାହା କାରଣରୁ ଲୋକଙ୍କ ମନରେ ଏକ ଆଶଙ୍କା ସୃଷ୍ଟି ହୋଇଛି। ଯାହା ଦ୍ୱାରା ଲୋକେ କେନ୍ଦ୍ରାପଡ଼ା ବିଭିନ୍ନ ପେଟ୍ରୋଲ ଟାଙ୍କିରେ ଭିଡ ଜମାଇ ଆବଶ୍ୟକତାଠାରୁ ଅଧିକ ପେଟ୍ରୋଲ କିଣିବାରେ ବ୍ୟସ୍ତ ହୋଇପଡିଛନ୍ତି । ଏହାଦ୍ୱାରା ସରକାରଙ୍କ ନିକଟରେ ଦୀର୍ଘଦିନ ପର୍ଯ୍ୟନ୍ତ ମହଜୁଦ ଥିବା ପେଟ୍ରୋଲ କିଛିଦିନ ମଧରେ ସମାପ୍ତ ହୋଇଯିବା ଆଶଙ୍କା ବଢିଯାଇଛି।

# ଚନ୍ଦନ ଯାତ୍ରା ପାଇଁ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ପୁରୀ(ନିପ୍ର): ମହାପ୍ରଭୁଙ୍କ ଚଳିତ ବର୍ଷର ଚନ୍ଦନ ଯାତ୍ରାକୁ ପରମ୍ପରା ଅନୁଯାୟୀ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପରାମର୍ଶ ଦେଇଛନ୍ତି। ବୁଧବାର ଅପରାହ୍ନରେ ଜିଲ୍ଲାପାଳ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡା ଓ ମହାପ୍ରଭୁଙ୍କ ଚାପ ସ୍ଥଳକୁ ଜିଲ୍ଲାପାଳ ପରିଦର୍ଶନ କରିଥିଲେ। ଚନ୍ଦନ ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଗାଡି ଚଳାଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଭିଡ ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା, ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା, ସୂଚନା କେନ୍ଦ୍ର ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଇତ୍ୟାଦିର ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଷେତ୍ର ପରିଦର୍ଶନରେ ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା ମୁନିସିପାଲ କର୍ପୋରେସନର କମିଶନର ଅରୁଗୁଲା ସ୍ନେହା,ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ,ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ବିଶ୍ୱ କଳା ଦିବସ'

# କଳା ମାଧମରେ ହିଁ ସଂସ୍କୃତି ପ୍ରତିଫଳିତ ହୋଇଥାଏ: କୁଳପତି





ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ କଳା ଦିବସ ଏକ ସ୍ୱତନ୍ତ୍ର ଉତ୍ସବ ଜରିଆରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ କଳା ଦିବସର ପ୍ରାସଙ୍ଗିକତା ସଂପର୍କରେ ସୂଚନା ଦେବା ସହ କଳା ମାଧମରେ ହିଁ ସଂସ୍କୃତି ପ୍ରତିଫଳିତ ହୋଇଥାଏ ବୋଲି ମତ ଦେଇଥିଲେ । ସମୟ ଅନୁସାରେ କଳାରେ ବ୍ୟାପକ ପରିବର୍ତ୍ତନ ହୋଇଥିଲେ ମଧ କଳା ହିଁ ଜୀବନର ସୌନ୍ଦର୍ଯ୍ୟକୁ ପ୍ରତିବିମ୍ବିତ କରି ଏହାକୁ ଚିରସ୍ଥାୟୀ କରିପାରେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ର 'ଅଭ୍ୟାସରୁ ଶିକ୍ଷାଶାସ୍ତ୍ର'ରେ ବରୋଦା ବିଶ୍ୱବିଦ୍ୟାଳୟର ଶିଳ୍ପୀ ତଥା ଗବେଷକ ଶୁଭମ ସାହୁ, ହୃଷିକେଶ ବିଶ୍ୱାଳ ଓ ତପନ ମହାରଣା ସମସାମୟିକ କଳାର ତତ୍ତ୍ୱ ଓ ରୂପରେଖ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାର ଜୀବନର ସଂଘର୍ଷ ହିଁ ସମୟାନୁକ୍ରମେ ଉଭୟ କଳା ଓ କଳାକାରଙ୍କୁ ସ୍ୱୀକୃତି ଦେଇଥାଏ ବୋଲି କହିଥିଲେ । ଭାସ୍କର୍ଯ୍ୟ ଶିଳ୍ପୀ ଡ. ଅଞ୍ଜନ କୁମାର ସାହୁ ଓ ଡ. ଉମେଶ କୁମାର ସାହୁ ବିଶ୍ୱ କଳା ଦିବସର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିବା ସହ ନିରନ୍ତର ପ୍ରୟାସ ଓ ଅଭ୍ୟାସ ମାଧମରେ ଯୁବଶିଳ୍ପୀମାନେ ସେମାନଙ୍କ ପ୍ରତିଭାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଦୃଶ୍ୟକଳା ବିଭାଗ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ କୁଳପତି ଉଦ୍‌ଘାଟନ କରିଥିଲେ । ମୁଦ୍ରଣକଳା ବିଭାଗ ସହକାରୀ ପ୍ରଫେସର ଡ. ନୀଳାଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫେସର ସମ୍ଭୁରୁ ଶୋଭରା, ଡ. ସସ୍ମିତା କାମିଲା ଓ ଡ. ମୋନାଲିସା ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ତୃତୀୟ ପ୍ରତିଷ୍ଠା ଉତ୍ସବ

ଧାମନଗର(ନିପ୍ର): ଧାମନଗର ସ୍ଥିତ ଅବଦୁଲ କଲାମ ସମ୍ମିଳନୀକକ୍ଷଠାରେ 'ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ'ର ତୃତୀୟ ପ୍ରତିଷ୍ଠା ଉତ୍ସବ ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନୂଆ ବର୍ଷ ଅବସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ସହ ପରିଷଦର ଲକ୍ଷ୍ୟ ଓ ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକ ସୁଧାକର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ଶୁଶାନ୍ତ କୁମାର ରାଉତ ଓ ଶେଖ ଜାଫର ଅଲି ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ମୁଖ୍ୟ ଅତିଥି ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାଶ ନିଜ ଅଭିଭାଷଣରେ କହିଥିଲେ ଯେ, 'ଯେଉଁ ଜାତି ନିଜର ପୂର୍ବଜ ଓ ଗୁଣୀଜ୍ଞାନୀଙ୍କୁ ସମ୍ମାନ ଦିଏ, ସେହି ଜାତି ହିଁ ପ୍ରଗତି ପଥରେ ଆଗେଇଥାଏ। ପୂଜ୍ୟ ପୂଜା କେବଳ ଏକ ପରମ୍ପରା ନୁହେଁ, ବରଂ ଏହା ଆମ ସଂସ୍କୃତିର ମୂଳଦୁଆ। ଶୃଙ୍ଖଳିତ ସମାଜ ଗଠନ ପାଇଁ ସାଂସ୍କୃତିକ ପରିଷଦର ଏହି ପ୍ରୟାସ ପ୍ରଶଂସନୀୟ। ମୁଖ୍ୟବକ୍ତା ଗୁରୁ ସୁବାସ ମଲିକ ଓଡ଼ିଆ ଅସ୍ମିତା ଓ ସଂସ୍କୃତି ଉପରେ ଗୁରୁତ୍ୱ ଦେଇ କହିଥିଲେ, 'ଓଡ଼ିଆ ନୂଆ ବର୍ଷ ଓ ପଣା ସଂକ୍ରାନ୍ତି ଆମର ପରିଚୟ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର




କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ସହ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବ୍ଲକର ୧୭ ଗୋଟି ପଞ୍ଚାୟତର ୨୦୨୫ ଏପ୍ରିଲ ୧ ତାରିଖରୁ ୨୦୨୫ ସେପ୍ଟେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏମଜିଏନଆରଇଜିଏସ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଚାଲୁଥିବା କାମ ବାବଦରେ ସମୀକ୍ଷା ହୋଇଥିଲା। ସମୀକ୍ଷା ସମୟରେ ବିଭିନ୍ନ ପଞ୍ଚାୟତରେ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କ ଅଧକ୍ଷତାରେ ହୋଇଥିବା ସମୀକ୍ଷାରେ ସମ୍ବଲପୁର ଜିଲ୍ଲା ପରିଷଦର ଅତିରିକ୍ତ ସିଇଓ ଉତ୍ତମ ବାଘ ନୋଡାଲ ଅଧିକାରୀ ଭାବେ ଯୋଗଦେଇ କହିଥିଲେ ଏମଜିଏନଆରଇଜିଏସରେ ସ୍ୱଚ୍ଛତା ବଜାୟ ରଖି କାମ କର। ଯେହେତୁ ପଞ୍ଚାୟତ ଅଧିକାରୀ ଓ ବ୍ଲକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁନଥିବା କହି ସମନ୍ୱୟ ରଖି କାର୍ଯ୍ୟ ପରିଚାଳନା କଲେ ଶ୍ରମିକ ମାନେ ଉପକୃତ ହେବେ ବୋଲି ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ,ଜିଲ୍ଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ,ବ୍ଲକ ସମୀକ୍ଷକ ଡିକି ଦିଲୋମା ହୋତା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପରିମିତା ନାୟକ ପ୍ରମୁଖ ଉପସ୍ଥିତଥିଲେ। ଏମଜିଏନଆରଇଜିଏସ ସମୀକ୍ଷା ସମୟରେ ଅଧିକାଂଶ ପଞ୍ଚାୟତର କର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲାଗି ନଥିବା, ଶ୍ରମିକଙ୍କୁ ଅଧିକ ମଜୁରୀ ପ୍ରଦାନ କରାଯାଇଥିବା,ଜାଲ ଦସ୍ତଖତରେ ମଜୁରୀ ପ୍ରଦାନ କରାଯାଇଥିବା ଭଳି ଗୁରୁତର ଅନିୟମିତତା ଧରାପଡ଼ିଥିଲା। ଏଥିପାଇଁ ସଂପୃକ୍ତ ପଞ୍ଚାୟତର ପିଇଓ , ଗ୍ରାମ ରୋଜଗାର ସେବକ ଏବଂ କନିଷ୍ଠ ଯନ୍ତ୍ରୀମାନଙ୍କୁ ଜରିମାନା କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକାଂଶ ପଞ୍ଚାୟତରେ ହିତାଧିକାରୀ ଘରେ ଝରକା, କବାଟ ନ ଲଗାଇଥିଲେ ମଧ ସେମାନଙ୍କୁ ସମ୍ପୂର୍ଣ୍ଣ ବିଲ ପ୍ରଦାନ କରା ଯାଇଥିବା ସମୀକ୍ଷା ବେଳେ ଜଣାପଡ଼ିବାରୁ ଜିଲ୍ଲା ସାମାଜିକ ସମୀକ୍ଷକ ହୋତା ଅସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ଏପିଓ କୁଳଦ୍ୱନ୍ତ ବା ଧନ୍ୟବାଦ ଅର୍ପଣ କରିଥିଲେ।

# କଟକ ଷ୍ଟେସନରୁ ୫୯ ନାବାଳକ ଉଦ୍ଧାର




କଟକ(ନିପ୍ର): କଟକ ରେଳ ଷ୍ଟେସନରୁ ଉଦ୍ଧାର ହୋଇଛନ୍ତି ୫୯ନାବାଳକ। ସମସ୍ତ ନାବାଳକଙ୍କୁ ଉଦ୍ଧାର କରି ସିଡବ୍ଲୁସିକୁ ହସ୍ତାନ୍ତର କରାଯାଇଛି। ଏହା ସହ ପୋଲିସ ଏହି ଘଟଣାର ଛାନବିନ ମଧ ଆରମ୍ଭ କରିଛି। ହାୱଡ଼ା-ପୁରୀ ଧଉଳି ଏକ୍ସପ୍ରେସରେ ଏହି ୫୯ଜଣ ଆସି କଟକ ରେଳ ଷ୍ଟେସନରେ ଓହ୍ଲାଇ ଥିବାବେଳେ ଆରପିଏଫ ପୋଲିସର ନଜରକୁ ଆସିଥିଲେ । ସମସ୍ତେ ନାବାଳକ ଥିବା ଦେଖି ସେମାନଙ୍କୁ ଅଟକାଇ ରଖି ପଚରା ଉଚରା କରିଥିଲା ପୋଲିସ। ପଚରା ଉଚରାରୁ ଜଣାପଡ଼ିଥିଲା କି ସମସ୍ତ ନାବାଳକ ବିହାର ଆରାରିଆ ଜିଲ୍ଲାର। କଟକ ଷ୍ଟେସନରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଅଂଚଳର ମୌଲାନା ଅଖ୍ଲାଦ ଆସି ପୋଲିସକୁ କହିଥିଲେ କି, ଏହି ନାବାଳକମାନେ ମଦ୍ରାସାରେ ପାଠ ପଢ଼ିବା ପାଇଁ କଟକ ଆସିଛନ୍ତି। ହେଲେ କୌଣସି ବୈଧ କାଗଜପତ୍ର ଦେଖାଇପାରିନଥିଲେ । ସେହିପରି କଟକ ଆରପିଏଫ ଥାନା ପୋଲିସ ସମସ୍ତ ନାବାଳକମାନଙ୍କୁ ସିଡବ୍ଲୁସିକୁ ହସ୍ତାନ୍ତର କରିଥିଲା। ଏହାସହ ତଦନ୍ତ ଜାରି ରଖିଛି ପୋଲିସ । ତେବେ ଏହିଭଳି ଭାବେ ଗୋଟିଏ ସପ୍ତାହ ମଧ୍ୟରେ ୩ଟି ଘଟଣା ଘଟି ସାରିଲାଣି । ଯେଉଁଥିରେ କି, ବହୁ ସଂଖ୍ୟାରେ ନାବାଳକ କଟକ ରେଳ ଷ୍ଟେସନରେ ଧରା ପଡ଼ିଛନ୍ତି।

## ବନକଲାଗି ନୀତି ସମ୍ପନ୍ନ

ପୁରୀ, ୧୫/୪(ନିପ୍ର): ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ପରେ ଦତ୍ତ ମହାପାତ୍ର ସେବାୟତମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରି ରତ୍ନସିଂହାସନ ଉପରେ ଶ୍ରୀଜୀଉମାନଙ୍କର ପ୍ରାକୃତିକ ରଙ୍ଗରେ ଶୃଙ୍ଗାର କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବା ଯୋଗୁଁ ସର୍ବସାଧାରଣ ଦର୍ଶନ ସନ୍ଧ୍ୟା ୬ ଟା ଠାରୁ ରାତ୍ରୀ ଦଶଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ନୀତି ସମ୍ପନ୍ନ ହେବା ପରେ ଶ୍ରୀଜୀଉମାନଙ୍କର ମହାସ୍ନାନ କରାଯାଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥିଲା।

## ନଗର ପ୍ରଶାସନରେ ଐତିହାସିକ ପଦକ୍ଷେପ

ଭୁବନେଶ୍ୱର, ୧୫।୪: ଓଡ଼ିଶା ନଗର ପ୍ରଶାସନରେ ଆଉ ଏକ ଐତିହାସିକ ପଦକ୍ଷେପ ନିଆଯାଇଛି। ଓଡ଼ିଶା ସେକ୍ରେଟାରିଏଟ ୱାର୍କଫ୍ଲୋ ଅଟୋମେସନ ସିଷ୍ଟମ (ଓସ୍ୱାସ) ସଫଳତାର ସହିତ ରାଜ୍ୟର ସମସ୍ତ ୧୧୫ଟି ଅର୍ବାନ ଲୋକାଲ ବଡି(ପୌରସଂସ୍ଥା)ରେ ଲାଗୁ ହୋଇ ଡିଜିଟାଲ୍ ଶାସନକୁ ନୂଆ ଦିଗ ଦେଇଛି। ହାଉସିଂ ଆଣ୍ଡ ଅର୍ବାନ ଡେଭେଲପମେଣ୍ଟ ଡିପାର୍ଟମେଣ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପ୍ରୟାସ ପୁରୁଣା କାଗଜ ଭିତ୍ତିକ ପ୍ରଣାଳୀକୁ ପଛକୁ ଛାଡ଼ି ଏକ ସ୍ୱଚ୍ଛ, ଦ୍ରୁତ ଓ କାର୍ଯ୍ୟକ୍ଷମ ବ୍ୟବସ୍ଥା ସୃଷ୍ଟି କରିଛି।

## ଓୟୁଏସଏସସି ପାଇଁ ୭୨ନୂତନ ପଦବୀ

ଭୁବନେଶ୍ୱର, ୧୫।୪: ଏକ ପ୍ରମୁଖ ପ୍ରଶାସନିକ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ ପାଇଁ ୭୨ଟି ନୂତନ ପଦବୀ ସୃଷ୍ଟିକୁ ଅନୁମୋଦନ କରିଛନ୍ତି। ରାଜ୍ୟପାଳଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ଏହି ନିଷ୍ପତ୍ତିର ଲକ୍ଷ୍ୟ ହେଉଛି ନିଯୁକ୍ତି ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ କମିଶନ ମଧ୍ୟରେ କାର୍ଯ୍ୟକ୍ଷମ ଦକ୍ଷତା ଉନ୍ନତ କରିବା।ଓୟୁଏସଏସସି ଓଡ଼ିଶାର ୟୁନିଫର୍ମଡ୍ ସେବା ପାଇଁ କର୍ମଚାରୀ ନିଯୁକ୍ତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବର୍ଦ୍ଧିତ ନିଯୁକ୍ତି ଚାହିଦା ସହିତ, ଅତିରିକ୍ତ ପଦବୀ ସୃଷ୍ଟି ଆଶା କରାଯାଉଛି। ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା,ସ୍ୱଚ୍ଛତାରେ ଉନ୍ନତି ଆଣିବା ,ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ଓ ନିଯୁକ୍ତି ଚକ୍ରରେ ବିଳମ୍ବ ହ୍ରାସ କରିବା ଅନ୍ତର୍ଭୁକ୍ତ।

## ଦ ବେଲର ପ୍ରତିଷ୍ଠା ଦିବସ ପାଳିତ

ପୁରୀ, ୧୫/୪(ନିପ୍ର): ପବିତ୍ର ପଣା ସଂକ୍ରାନ୍ତି ଅବସରରେ ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମୁଖ୍ୟ ଦ ବେଲ୍‌ର ୫ମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ 'ଏକ ସୁରକ୍ଷିତ ପରିବେଶ ପାଇଁ ଆମେ ସମସ୍ତେ' ଶୀର୍ଷକ ସଚେତନତା ମୂଳକ ଇ ପୋଷ୍ଟର୍ ର ଉନ୍ମୋଚିତ ହୋଇଥିଲା । ଏକ ଲବ୍ୟ ପାଠଶାଳାଠାରେ ଆୟୋଜିତ ଏହି କାର୍ଯ୍ୟ କ୍ରମରେ ପଢୁ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନ ତରଫରୁ ଫଳକ,ପଣା ଓ ମହାପ୍ରସାଦ ବଣ୍ଟନ କରା ଯାଇଥିଲା।

# ପୁଣି ବାଜି ମାରିଲେ ଛାତ୍ରୀ

### ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର, ୧୫।୪: ବୁଧବାର ପ୍ରକାଶ ପାଇଛି ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ । ଏଥିରେ ପୁଣି ବାଜି ମାରିଛନ୍ତି ଛାତ୍ରୀ । ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ । ଛାତ୍ରୀଙ୍କ ପାସ ହାର ୯୪.୯୯ ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ପାସହାର ୯୨.୬୦ ପ୍ରତିଶତ ରହିଛି । ପୁଅଙ୍କ ତୁଳନାରେ ଝିଅଙ୍କ ସଫଳତା ହାର ପ୍ରାୟ ୨.୩୯ପ୍ରତିଶତ ଅଧିକ ରହିଛି । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ବୁଧବାର ଦଶମ ଶ୍ରେଣୀ ପରୀକ୍ଷା ଫଳ (ଫେଜ-୧) ଘୋଷଣା କରିଛି ।ଚଳିତବର୍ଷ ମୋଟ ୯୩.୭୦ ପ୍ରତିଶତ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ପ୍ରାୟ ୨୫ ଲକ୍ଷ ଛାତ୍ରଛାତ୍ରୀ ଫେବୃଆରୀ ୧୭ରୁ ମାର୍ଚ୍ଚ ୧୧ ମଧ୍ୟରେ ହୋଇଥିବା ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଅନେକ ସ୍କୁଲରୁ ଛାତ୍ରଛାତ୍ରୀ ମାନେ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ସୂଚନା ରହିଛି । ନମ୍ବର କମ୍ କିମ୍ବା ଯେଉଁମାନେ ପାସ୍ କରିନାହାନ୍ତି, ସେମାନଙ୍କ ପାଇଁ ବୋର୍ଡ ଖୁବଶୀଘ୍ର କମ୍ପାର୍ଟମେଣ୍ଟାଲ୍ ପରୀକ୍ଷା ଓ ପୁନଃ-ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ । ଓଡ଼ିଶାର ଶତପ୍ରତିଶତ ମାର୍କ ରଖି ଟିନା ରଥ ଟପ୍ପର ହୋଇଛନ୍ତି।



ଭୁବନେଶ୍ୱର: ସିବିଏସଇ ପରୀକ୍ଷା ଫଳ ବାହାରିବା ପରେ ସାଇ ଇଣ୍ଟର ନେସନାଲ ସ୍କୁଲର ଛାତ୍ରୀମାନେ ଉତ୍‌ଫୁଲିତ (ଫଟୋ-ଦିନଲିପି)

## ୭୮ ତମ ରାଜଧାନୀ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ



ଭୁବନେଶ୍ୱର, ୧୫/୪(ନିପ୍ର): ୭୮ ତମ ରାଜଧାନୀ ପ୍ରତିଷ୍ଠା ଦିବସ ବୁଧବାର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସ ସନ୍ଧ୍ୟାରେ ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଏବଂ ଶାନ୍ତିପୂର୍ଣ୍ଣ ସହବସ୍ଥାନ ପାଇଁ ସେ ସମସ୍ତ ନାଗରିକଙ୍କ ସହଯୋଗ କାମନା କରିଥିଲେ । ଏଥି ସହିତ ରାଜଧାନୀକୁ ଏକ ବିକଶିତ ତଥା ଉନ୍ନତ ସହର ଭାବେ ଗଢି ତୋଳିବାକୁ ସେ ସମସ୍ତଙ୍କର ସମ୍ମିଳିତ ପ୍ରଚେଷ୍ଟା କାମନା କରିଥିଲେ । ଉଦ୍‌ଯାପନୀ ସଂଧ୍ୟାରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପ ସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଆୟୋଜନ ଓ ସମସ୍ତ ସହଯୋଗକୁ ପ୍ରଶଂସା କରିଥିଲେ । ଏଥି ସହିତ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଦି ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥା ମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ମିଡିଆ ଫେଡେରେସନର ଉପଦେଷ୍ଟା ଗୌରଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ । ମଳୟ କୁମାର ବେହେରା, ଶୁଭଙ୍କର କୁମାର ଏବଂ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆଜିର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଗଞ୍ଜାମର ପଶୁ ମୁଖା ନୃତ୍ୟ, ମୟୁରଭଞ୍ଜ, କରଞ୍ଜିଆର ପଲ୍ଲବୀ ନାଟ୍ୟ ସଂସ୍ଥା ପକ୍ଷରୁ ମାଳଖମ୍ବ, ସୁବାସ ଦାସ ଏବଂ ସାଥିଙ୍କ ଦ୍ୱାରା ଭଜନ, ଲଘୁ ସଂଗୀତ ପରିବେଷଣ କରାଯାଇଥିବା ବେଳେ ବାସୁଦେବ ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଭୁବନେଶ୍ୱର: ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅବସରରେ ମହିଳାଙ୍କ ବାଇକ୍ ଶୋଭାଯାତ୍ରା (ଫଟୋ-ଦିନଲିପି)

## ଆଗକୁ ସମସ୍ତ ସହରରେ ପାର୍କିଂ ପଲିସି

### ଅଫ୍-ଷ୍ଟ୍ରିଟ୍ ପାର୍କିଂ ୨୫ପ୍ରତିଶତ ଶସ୍ତା ହେବ

ଭୁବନେଶ୍ୱର,୧୫।୪(ନିପ୍ର): ସହର ଗୁଡିକରେ ଯାନବାହନ ଚଳାଚଳ ବୃଦ୍ଧି ପାଉଥିବାରୁ ସମସ୍ତ ସହରରେ ପାର୍କିଂ ପଲିସି ଲାଗୁ ହେବ । ୨୦୧୭-୧୮ ମସିହା ସୁଦ୍ଧା ରାଜ୍ୟରେ ୯୧.୩ ଲକ୍ଷ ଯାନବାହନ ଥିଲା। ଏହା ୨୦୨୩-୨୪ରେ ବୃଦ୍ଧି ପାଇ ୧.୫ କୋଟିରୁ ଅଧିକ ହୋଇଗଲାଣି । ଫଳରେ ଯାତାୟାତ ଏବଂ ପାର୍କିଂରେ ଘୋର ଅସୁବିଧା ସୃଷ୍ଟି କରୁଛି । ଏଥିପାଇଁ ଚାହିଦା ଭିତ୍ତିକ ପାର୍କିଂ ଶୁଳ୍କ ନିର୍ଦ୍ଧାରିତ ହେବ । ତତ୍ ସହିତ ବ୍ୟସ୍ତବହୁଳ ଅଞ୍ଚଳରେ ଅଧିକ ଶୁଳ୍କ ଲାଗୁ ହେବ । ଅଫ୍-ଷ୍ଟ୍ରିଟ୍ ପାର୍କିଂକୁ ପ୍ରୋତ୍ସାହନ ଦିଆଯିବ । ରାସ୍ତାରେ ପାର୍କିଂ ତୁଳନାରେ ଅଫ୍-ଷ୍ଟ୍ରିଟ୍ ପାର୍କିଂକୁ ୨୫ପ୍ରତିଶତ ଶସ୍ତା କରାଯିବ। ଅନଧିକୃତ ପାର୍କିଂରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କେବଳ ଏତିକି ନୁହେଁ ସରକାରଙ୍କ ସୂଚନା ଅନୁଯାୟୀ ଅବୈଧ ପାର୍କିଂରେ ଜରିମାନା ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସଂକୀର୍ଣ୍ଣ ରାସ୍ତାରେ ପାର୍କିଂ ନିଷେଧ ରହିବ । ୧୨ ମିଟରରୁ କମ୍ ପ୍ରଶସ୍ତ ରାସ୍ତାରେ ରାତିରେ ବା ସାଧାରଣ ପାର୍କିଂ ନିଷେଧ ରହିବ । ଯାନ ପଞ୍ଜୀକରଣ ପୂର୍ବରୁ ପାର୍କିଂ ପ୍ରମାଣ ଦେବାକୁ ପଡିବ । ନୂତନ ଗାଡ଼ି କିଣିବା ପୂର୍ବରୁ ପାର୍କିଂ ବ୍ୟବସ୍ଥାର ପ୍ରମାଣ ଦେବାକୁ ପଡିପାରେ । ସ୍ମାର୍ଟ ପାର୍କିଂ ପ୍ରଣାଳୀ କାର୍ଯ୍ୟକାରୀ କରାଯିବ । ମୋବାଇଲ୍ ଆପ୍, ରିଅଲ୍-ଟାଇମ୍ ସ୍ଲଟ୍ ସୂଚନା, ଡିଜିଟାଲ୍ ପେମେଣ୍ଟ ଓ ଆଟୋମେଟେଡ୍ ସିଷ୍ଟମ୍ ଲାଗୁ ହେବ ।

## ଜନଗଣନା: ଆଜିଠୁ ଘର ତାଲିକାକରଣ

ଭୁବନେଶ୍ୱର,୧୫।୪:ଗୁରୁବାର (୧୬ ଏପ୍ରିଲ୍, ୨୦୨୬) ଠାରୁ, ଗଣନାକାରୀମାନେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ - ଘର ତାଲିକାକରଣ ଏବଂ ଗୃହ ପରିଚାଳନା ପାଇଁ ୩୩ ଟି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଆଠଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଘର ବୁଲି ପରିଦର୍ଶନ କରିବେ। ଗୃହ ପରିଚାଳନା ପର୍ଯ୍ୟାୟ ପାଇଁ କ୍ଷେତ୍ର କାର୍ଯ୍ୟ ୧୬ ଏପ୍ରିଲ୍ ଠାରୁ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଗୋଆ, କର୍ଣ୍ଣାଟକ, ଲକ୍ଷଦ୍ୱୀପ, ମିଜୋରାମ, ଓଡ଼ିଶା ଏବଂ ସିକିମ୍ ସହିତ ଏନଡିଏମସି କ୍ଷେତ୍ର ଏବଂ ଦିଲ୍ଲୀରେ ଆରମ୍ଭ ହେବ। ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତିରେ କୁହାଯାଇଛି ଯେ, ୧୫ ଦିନିଆ ସ୍ୱ-ଗଣନା ଅବଧି ସମାପ୍ତ ହେବା ପରେ ଦେଶବ୍ୟାପୀ ଜନଗଣନା ଅଭ୍ୟାସର ଏକ ଅଂଶ ଭାବରେ ଏହା ଆରମ୍ଭ ହେଉଛି।

### ଖୋର୍ଦ୍ଧାରୋଡ ରେଳ ମଣ୍ଡଳସ୍ତରୀୟ ଆନ୍ତଃ ବିଭାଗୀୟ ଟି-ଟ୍ୱେଣ୍ଟି

## ଫାଇନାଲରେ ଆରପିଏଫ

ଜଟଣୀ, ୧୫/୪(ନିପ୍ର): ଖୋର୍ଦ୍ଧାରୋଡ ରେଳ ଷ୍ଟାଡିୟମରେ ଚାଲିଥିବା ମଣ୍ଡଳସ୍ତରୀୟ ଆନ୍ତବିଭାଗୀୟ ଟି-ଟ୍ୱେଣ୍ଟି ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ସଂଧ୍ୟାରେ ପ୍ରଥମ ସେମିଫାଇନାଲ ଆରପିଏଫ ଓ ଇଂଜିନିୟରିଙ୍ଗ ବିଭାଗ ମଧ୍ୟରେ ମ୍ୟାଚ ହୋଇଥିଲା । ଆରପିଏଫ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୭୧ ରନ କରିଥିଲା । ଜବାବରେ ଇଂଜିନିୟରିଙ୍ଗ ଟିମ ୭ ୱିକେଟ ହରାଇ ୧୪୬ ରନ କରି ୨୫ ରନ ବ୍ୟବଧାନରେ ହାରିଯାଇଥିଲେ । ଓମପ୍ରକାଶ ଯାଦବ ୨୨ ବଲରୁ ୫୨ ଓ ଦୁଇଟି ୱିକେଟ ପାଇଁ ମ୍ୟାନ ଅଫ ମ୍ୟାଚ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ଓସିଏ କୋଚ କୁଳମଣି ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଦେଇଥିଲେ । ଆରପିଏଫ ଆସିଷ୍ଟାଣ୍ଟ ସିକୁରିଟି କମିଶନର ପ୍ରେମ କୁମାର ସଞ୍ଜୟ, ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଏଲ ଡି ମହାନ୍ତି, କେଭିଏସ ରାଓ, ମଣ୍ଡଳ ସହସଂଯୋଜକ ନିରଞ୍ଜନ ମିଶ୍ର, ତ୍ରିଲୋଚନ ମହାନ୍ତି ଓ କ୍ରୀଡା ସଚିବ ମହମଦ ଜାକିରୁଦ୍ଧୀନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।



ଭୁବନେଶ୍ୱର: ନାରୀଶକ୍ତି ବନ୍ଦନ ପାଇଁ ଟାଉନ୍‌ହଲ ବୈଠକରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ (ଫଟୋ-ଦିନଲିପି)

## ରାଜ୍ୟ ସିଏମ ଟ୍ରଫିର ଷଷ୍ଠ ଦିବସ: ଟିଏସଏଫ, ଯୋଡ଼ା ଚାମ୍ପିଅନ

କେନ୍ଦୁଝର, ୧୫/୪(ନିପ୍ର): ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ ସିଏମ ଫୁଟବଲ ପ୍ରତିଯୋଗିତାର ଅନୁଷ୍ଠିତ ହୋଇଛି। ଏହି ଲିଗ୍ ପଦ୍ଧତିରେ ୧୪ ବର୍ଷରୁ କମ ବାଳିକା ବିଭାଗରେ ଖେଳ ହୋଇଥିଲା। ଟାଟା ଷ୍ଟିଲ ଫାଉଣ୍ଡେସନ ଓ ଯୋଡ଼ା ଲିଗ୍ ପର୍ଯ୍ୟାୟ ସମସ୍ତ ୪ଟି ଯାକ ମ୍ୟାଚରେ ବିଜୟୀ ହୋଇ ଟେବୁଲରେ ଶୀର୍ଷରେ ରହିବା ସହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ସେହିପରି ତକ୍ଷରଣୀ ଫୁଟବଲ ଏକାଡେମୀ ସମୁଦାୟ ୪ଟି ଖେଳରୁ ୩ଟି ରେ ବିଜୟୀ ହୋଇ ରନର୍ସଅପ ହେବାର ସୌଭାଗ୍ୟ ଅର୍ଜନ କରିଛି । ଗତକାଲି ପ୍ରତିଯୋଗିତାର ଫଳାଫଳ ନିର୍ଣ୍ଣୟ ହୋଇ ଯାଇଥିବାରୁ ପୂର୍ବାହ୍ନରେ ଲିଗ ପର୍ଯ୍ୟାୟର ଅନୁଷ୍ଠିତ ଅନ୍ତିମ ଖେଳଟି କେବଳ ଔପଚାରିକତା ଦୃଷ୍ଟିରୁ ଖେଳା ଯାଇଥିଲା । ଏହି ଖେଳରେ ରାଇକଳା ହାଇସ୍କୁଲ ଆର ଏମ ହାଇସ୍କୁଲ ନିଉଣ୍ଡି ବିପକ୍ଷରେ ୬-୦ ଗୋଲରେ ବିଜୟ ହାସଲ କରିଥିଲା । ରାଇକଳା ହାଇସ୍କୁଲ ପକ୍ଷରୁ ନିରୁପମା ପାତ୍ର ଓ ନମିତା ମାଝୀ ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ସ୍ମୃତି ସେଠୀ ଏବଂ ସୁପ୍ରିୟା ମୁଣ୍ଡା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ଅପରାହ୍ନରେ ୧୪ ବର୍ଷରୁ କମ ବାଳକ ବିଭାଗର ଖେଳ ଆରମ୍ଭ କରାଯାଇଥିଲା। ଲିଗ କମ ନକ ଆଉଟ ପଦ୍ଧତିର ଅନୁଷ୍ଠିତ ପ୍ରଥମ ଖେଳରେ ଜିନ୍ଦଲ ଫାଉଣ୍ଡେସନ, ବଡ଼ବିଲ ରାଇକଳା ହାଇସ୍କୁଲ ବିପକ୍ଷରେ ୬-୦ ଗୋଲରେ ଏକ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ଦଳ ପକ୍ଷରୁ ଆଶିଷ ନାଏକ ଓ ଅଙ୍କିତ ବେହେରା ଦୁଇଟି ଲେଖାଏଁ, ପ୍ରେମ ମହାକୁଡ଼, ଗଙ୍ଗାଧର ଗୁଇଆ ଗୋଟିଏ କରି ଗୋଲ ସ୍କୋର କରିଥିଲେ।

## ସ୍ଲଟ ବୁକିଂରେ ହେବ ମହାପ୍ରଭୁଙ୍କ ଦର୍ଶନ

ଭୁବନେଶ୍ୱର, ୧୫।୪(ନିପ୍ର): ଖୁବଶୀଘ୍ର ସ୍ଲଟ ବୁକିଙ୍ଗ ମାଧ୍ୟମରେ ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ । ଏନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଉଭୟ ଲାଇନ ଏବଂ ସ୍ଲଟ ବୁକିଙ୍ଗ ଦର୍ଶନ ଜାରି ରହିବା ପାଇଁ ଆମେ ଯୋଜନା କରୁଛୁ । ସ୍ଲଟ ବୁକିଂ କରି ଶ୍ରଦ୍ଧାଳୁମାନେ କିଭଳି ନିର୍ଦ୍ଦିଷ୍ଟ ବୁକିଂ ସମୟରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ତାକୁ ନଜରରେ ରଖି ଏଭଳି ବ୍ୟବସ୍ଥା ପାଇଁ ଚିନ୍ତା କରାଯାଉଛି। ସ୍ୱତନ୍ତ୍ର ହୋଲଡିଂ ଏରିଆରେ ସ୍ଲଟ ବୁକିଂ ମାଧ୍ୟମରେ ଦର୍ଶନ କରିବେ ଶ୍ରଦ୍ଧାଳୁ । ପ୍ରଥମେ ପରୀକ୍ଷାମୂଳକ ଭାବରେ ସ୍ଲଟ ବୁକିଂ ଦର୍ଶନ ବ୍ୟବସ୍ଥା କରାଯିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ହୋଇଛି । ମ୍ୟାନେଜିଂ କମିଟିରେ ଏନେଇ ଆଲୋଚନା ପରେ ସ୍ଲଟ ବୁକିଙ୍ଗକୁ ନେଇ ନିଷ୍ପତ୍ତି ହେବ । ନାଟମଣ୍ଡପକୁ ମଧ୍ୟ ଖୁବଶୀଘ୍ର ଏୟାର କଣ୍ଡିସନଙ୍ଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିଭଳି ଧାଡି ଦର୍ଶନକୁ ନେଇ ପ୍ରସ୍ତୁତ ରାମ୍ପକୁ ଖୁବଶୀଘ୍ର ଲାଗୁ କରାଯିବ । ମନ୍ଦିରରେ ଏକ ସମୟରେ ସାଢେ ଚାରି ହଜାରରୁ ପାଞ୍ଚ ହଜାର ଶ୍ରଦ୍ଧାଳୁ ଏକା ସମୟରେ ଦର୍ଶନ କରିପାରିବେ । ସମସ୍ତ ଦିଗକୁ ନଜରରେ ରଖି ଅନେକ ଯୋଜନା ପ୍ରସ୍ତୁତ କରାଯାଉଛି ।

## ଇଣ୍ଡୋ-ନରୱେ ଟିମ୍‌ର କ୍ଷେତ୍ର ପରିଦର୍ଶନ



ପୁରୀ,୧୫/୪(ନିପ୍ର): ଇଣ୍ଡୋ-ନରୱେ ଟିମ୍‌ର ପ୍ରତିନିଧିମାନେ ବୁଧବାର ପୁରୀ ଜିଲ୍ଲାଗସ୍ତ କରିବା ସହ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଜ୍ଞାନ ଓ ବୈଷୟିକ ଜ୍ଞାନ ଚିତ୍ରା ଅରୁମୁଗମଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ନୋଡାଲ ଅଫିସର ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଇଣ୍ଡୋ-ନରୱେ ସହଯୋଗିତାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ଟିମର ପ୍ରତିନିଧିମାନେ ଅନୁଧ୍ୟାନ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀ କର୍ମଚାରୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ପ୍ରଥମେ ନୂଆନଈ ବାଲୁଖଣ୍ଡଠାରେ ସି ମାଉଥ ସ୍ଥାନରେ ପହଞ୍ଚି ମୃତ୍ତିକା କ୍ଷୟ ରୋକିବା ଓ ଜଳର ତାପମାତ୍ରା ନିୟନ୍ତ୍ରଣ କରିବା ପ୍ରକଳ୍ପ ଯାହାକି ଏକ କେଶ ଷ୍ଟଡିକୁ ନିରୀକ୍ଷଣ କରିବା ପରେ ଇକୋ ରିଟ୍ରିଟ ପରିଦର୍ଶନ କରିଥିଲେ। ପରେ ଚନ୍ଦ୍ରଭାଗା ଏଫଏଲସିବା ମତ୍ସ୍ୟ ଅବତରଣ କେନ୍ଦ୍ରକୁ ଅନୁଧ୍ୟାନ କରିବା ସହ ଚିଙ୍ଗୁଡ଼ି ଜାଆଁଳ ହାଚେରୀ ସମ୍ପର୍କରେ ପଚାରି ବୁଝିଥିଲେ। ପରେ କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ।

## ଧାନକ୍ରୟ ସୁବିଧା ପାଇଁ ଭିତ୍ତିଭୂମି ନିର୍ମାଣର ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୪(ନିପ୍ର): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ପାଟଣାଗଡ଼ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଭଇଁଷା ଠାରେ ଧାନକ୍ରୟ ସୁବିଧା ପ୍ରବନ୍ଧ ପାଇଁ ଆବଶ୍ୟକତା ଆଧାରିତ ଭିତ୍ତିଭୂମି ନିର୍ମାଣର ଶୁଭ ଉଦଘାଟନ କରିଛନ୍ତି । ସେ ନିଜେ ସୋସିଆଲ ମିଡିଆ ଜରିଆରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ନୂତନ ଭିତ୍ତିଭୂମି ଦ୍ୱାରା ସ୍ଥାନୀୟ ଚାଷୀମାନେ ସେମାନଙ୍କର ଅମଳ କରାଯାଇଥିବା ଧାନକୁ ଅତି ସହଜରେ ଏବଂ ସୁବିଧାରେ ବିକ୍ରୟ କରିପାରିବେ। ଆମ ଅଞ୍ଚଳର ଚାଷୀ ଭାଇମାନଙ୍କ ଉନ୍ନତି ଓ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏହି ନୂତନ ପ୍ରକଳ୍ପ ଦ୍ୱାରା ଧାନ ସଂଗ୍ରହ ପ୍ରକ୍ରିୟା ଅଧିକ ଶୃଙ୍ଖଳିତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ଜୋହୋ ସ୍କିଲ୍ ହବ୍ ଓ ପେଟିଏମ୍ ଜ୍ଞାନ ବାହନ ଲୋକାର୍ପିତ

### ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ଅଧିକ ଦକ୍ଷ ଓ ସମର୍ଥ କରିବ: ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର/ବୁର୍ଲା/ଭୁବନେଶ୍ୱର, ୧୫/୪(ପିଆଇବି): ବର୍ତ୍ତମାନର ପରିବର୍ତ୍ତିତ ବିଶ୍ୱରେ କେବଳ ଡିଗ୍ରୀ ବା ସାର୍ଟିଫିକେଟ୍ ଯଥେଷ୍ଟ ନୁହେଁ, ବରଂ 'ଦକ୍ଷତା ଆଧାରିତ ଶିକ୍ଷା' ହିଁ ଜଣେ ଛାତ୍ରର ପ୍ରକୃତ ପରିଚୟ ବୋଲି ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ କରିବା ସହ ପେଟିଏମ୍-ୱିଜଡମ୍ ଅନ୍ ହୁଇଲ୍ ସ (ଜ୍ଞାନ ବାହାନ)ର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ବିଶ୍ୱସ୍ତରୀୟ ଆଇଟି କମ୍ପାନୀ 'ଜୋହୋ' ସହଯୋଗରେ ସ୍ଥାପିତ 'ଜୋହୋ ସ୍କିଲ୍ ହବ୍'କୁ ଲୋକାର୍ପଣ କରି ମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ତାଲିମ କେନ୍ଦ୍ର ନୁହେଁ ବରଂ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ୍ । ଏଠାରେ ଅତ୍ୟାଧୁନିକ କ୍ଲାସରୁମ୍ ଓ ପାର୍ଟନର ଅଫିସ୍ ଜରିଆରେ ଛାତ୍ରଛାତ୍ରୀମାନେ ବାସ୍ତବିକ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ପାଇବେ । ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଜୋହୋର ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ତାଲିମ ପାଇପାରିବେ । ଜୋହୋ ସ୍କିଲ୍ ହବ୍ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ନିପୁଣ କରିବ । ଯେଉଁମାନେ ନିଜର ଦକ୍ଷତା ପ୍ରମାଣିତ କରିବେ, ସେମାନଙ୍କୁ ଜୋହୋର ପାର୍ଟନର ନେଟୱାର୍କ ସହ ଦେଶ-ବିଦେଶରେ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ । ଜୋହୋ ପକ୍ଷରୁ ରେସ୍ ଟୁ କ୍ଲାଉଡ୍ ପରି ସଂସ୍ଥାଗୁଡ଼ିକ ଓଡ଼ିଶାରେ ନିଜର ବେସ୍ ସ୍ଥାପନ କରିବା ଆଗାମୀ ଦିନରେ ସମଗ୍ର ଦେଶ ପାଇଁ ଏକ ମଡେଲ ସାଜିବ । ଶ୍ରୀ ପ୍ରଧାନ କହିଛନ୍ତି, ସାମାଜିକ ଦାୟିତ୍ୱବୋଧର ଏକ ଅଂଶସ୍ୱରୂପ ପେଟିଏମ ଫାଉଣ୍ଡେସନ ଏବଂ ଭିସୁଟର ମିଳିତ ସହଯୋଗରେ ଜ୍ଞାନ ବାହନର ଶୁଭାରମ୍ଭ ପ୍ରଂଶସନୀୟ । ଏହି ଅତ୍ୟାଧୁନିକ ବସ୍ ଗ୍ରାମାଞ୍ଚଳର ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ପ୍ରଦାନ କରିବ। ଏହି ପଦକ୍ଷେପ ତୃଣମୂଳ ସ୍ତରରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଜୋହୋ, ପେଟିଏମ ଏବଂ ଭିସୁଟକୁ ଧନ୍ୟବାଦ ଜଣାଇଛନ୍ତି । ବୁର୍ଲାର ଭିସୁଟ ଅନୁଷ୍ଠାନ ସର୍ବଦା ଗୋଟିଏ ଅଗ୍ରଣୀ ଅନୁଷ୍ଠାନ ଭାବେ ବୈଷୟିକ ଜ୍ଞାନକୌଶଳରେ ନିଜର ଚରିତ୍ରକୁ ପ୍ରତିପାଦିତ କରିଛି । ଭିସୁଟ୍ ସର୍ବଦା ଏକ ପ୍ରାୟୋଗିକ ଶିକ୍ଷା କେନ୍ଦ୍ର ଭାବେ କାର୍ଯ୍ୟଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦେଇଆସିଛି । ଜୋହୋ ପରି ବିଶ୍ୱସ୍ତରୀୟ କମ୍ପାନୀର ସହଯୋଗରେ ଏବେ ସମ୍ବଲପୁରର ଇଞ୍ଜିନିୟରିଂ ଓ ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଟେକ୍ନୋଲୋଜିରେ ଦକ୍ଷ ହୋଇ ନିଜକୁ ନିଯୁକ୍ତିଦାତା ଭାବେ ଗଢ଼ିତୋଳିବେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ